ଧରିତ୍ରୀ
DHARITRI
ଧରିତ୍ରୀ 51 Years
ପୃଷ୍ଠା-୮+୮
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୮+୮= ୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 16/2025 | Page 16 | ₹ 7.00 | RAYAGADA
୫୧ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 350 | ମୂଲ୍ୟ ₹୭/-




Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ | Bhubaneswar, Sunday, November 16/2025 | ପୃଷ୍ଠା-୧






**ଜାଡ଼େଜାଙ୍କ ପ୍ରଭାବୀ ବୋଲିଂ**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ୪ଉଇକେଟ ହାସଲ କରିଛନ୍ତି ଭାରତର ରବୀନ୍ଦ୍ର ଜାଡ଼େଜା। ୦୬

୦୨ **ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର**

ଅଭିନେତା ରାଜକୁମାର ରାଓ ଏବଂ ସ୍ତ୍ରୀ ପତ୍ରଲେଖାଙ୍କ ବିବାହ ବାର୍ଷିକୀରେ ସେମାନେ ମାତାପିତା ହୋଇଛନ୍ତି। ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି।



ପାରାଦୀପରେ ତଟ ସୁରକ୍ଷା ବାହିନୀ ପକ୍ଷରୁ ଶନିବାର ସାମୁଦ୍ରିକ ସନ୍ଧାନ ଅଭ୍ୟାସ।

# ଓଡ଼ିଶାର ସବୁ ବନ୍ଦରରେ ରହିବ କୋଷ୍ଟଗାର୍ଡ ବର୍ଥ

- ଗୋପାଳପୁରରେ ମୁତୟନ ହେବ କୋଷ୍ଟଗାର୍ଡ ଶିପ୍
- ପାରାଦୀପରେ ଶିପ୍ ସଂଖ୍ୟା ବଢ଼ିବ
- ଧାମରା ବନ୍ଦରରେ ରହିବ ଡ୍ରୋନ୍ ୟୁନିଟ୍

**ପାରାଦୀପ ୧୫।୧୧ (ଶରତ ରାଉତ)**

ସାମ୍ପ୍ରତିକ ଭୂ-ରାଜନୈତିକ ଓ ସାମରିକ ଘଟଣାକ୍ରମକୁ ଦେଖିଲେ ଉପକୂଳ ଅଞ୍ଚଳ ଓ ବନ୍ଦରଗୁଡ଼ିକର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହାକୁ ହୃଦୟଙ୍ଗମ କରାଯାଇ ଓଡ଼ିଶା ସମେତ ପୂର୍ବ ଭାରତର ଉପକୂଳ ନିରାପତ୍ତା ନିମନ୍ତେ କେତେକ ବର୍ଦ୍ଧିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ତଟ ସୁରକ୍ଷା ବାହିନୀ(କୋଷ୍ଟଗାର୍ଡ) ପକ୍ଷରୁ ଯୋଜନା କରାଯାଇଛି। ତଦନୁଯାୟୀ ଓଡ଼ିଶାର ସବୁ ବନ୍ଦରରେ କୋଷ୍ଟଗାର୍ଡ ବର୍ଥ ସହିତ ପାଟ୍ରୋଲିଂ ଜାହାଜ ରହିବ। ଗୋପାଳପୁର ବନ୍ଦରରେ ମୁତୟନ ହେବ କୋଷ୍ଟ ଗାର୍ଡ ଶିପ୍। ସେହିପରି ପାରାଦୀପ ବନ୍ଦରରେ କୋଷ୍ଟଗାର୍ଡ ଶିପ୍ ସଂଖ୍ୟା ବଢ଼ାଯିବ। ଧାମରା ବନ୍ଦରରେ ଏକ ଡ୍ରୋନ୍ ୟୁନିଟ୍ ରହିବ। ଏନେଇ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ଇକବାଲ ସିଂହ ଚୌହ୍ୱାନ ଶନିବାର ପାରାଦୀପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସବୁ ପ୍ରକଳ୍ପ ଓ ସୁରକ୍ଷା ସମ୍ପର୍କରେ କମାଣ୍ଡାଣ୍ଟ ଚୌହ୍ୱାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

ପାରାଦୀପରେ କୋଷ୍ଟଗାର୍ଡ ଆଞ୍ଚଳିକ ମୁଖ୍ୟାଳୟ (ଉତ୍ତର-ପୂର୍ବ) ଏବଂ କମାଣ୍ଡର ତଟ ସୁରକ୍ଷା ବାହିନୀ (ଓଡ଼ିଶା) ଦ୍ୱାରା ସମନ୍ୱିତ ଆଞ୍ଚଳିକ ସ୍ତରୀୟ ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କର୍ମଶାଳା ସମେତ ସମୁଦ୍ର ଅଭ୍ୟାସ ଶନିବାର କରାଯାଇଥିଲା। ଏଥିରେ ଅଂଶୀଦାର ଏବଂ ଓଡ଼ିଶାର ସମ୍ବଳ ସଂସ୍ଥା ଯଥା ଓସ୍‌ଡମା, ଜିଲା ପ୍ରଶାସନ, ବନ୍ଦର, କଷ୍ଟମ୍ସ, ଭାରତୀୟ ନୌସେନା, ସାମୁଦ୍ରିକ ପୋଲିସ, ଓଡ଼ିଶା ☞ପୃଷ୍ଠା-୨

# ନୌଗାମ୍ ଥାନାରେ ଫୁଟିଲା ଜବତ ବିସ୍ଫୋରକ: ୯ ମୃତ



- ୩୨ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ଫରିଦାବାଦରୁ ମିଳିଥିଲା ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍

**ଶ୍ରୀନଗର,୧୫।୧୧(ପି.ଟି.)**

ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ନୌଗାମ୍ ଥାନାରେ ଶୁକ୍ରବାର ରାତିରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗତ ୯ ତାରିଖରେ ହରିୟାଣାର ଫରିଦାବାଦରେ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ ହେବା ସହ ସେଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀକୁ ଉକ୍ତ ଥାନାରେ ରଖାଯାଇଥିଲା। ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌ର ଅଧିକାରୀମାନେ ପରୀକ୍ଷା ପାଇଁ ସେଥିରୁ ନମୁନା ବାହାର କରୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ରାସାୟନିକ ସାମଗ୍ରୀଗୁଡ଼ିକର ଅସ୍ଥିର ପ୍ରକୃତି ଯୋଗୁ ବିସ୍ଫୋରଣ ଘଟିଲା ବୋଲି କୁହାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ☞ପୃଷ୍ଠା-୨

ଅକ୍ଟୋବର ୧୯ରେ ଜମ୍ମୁ-କଶ୍ମୀର ନୌଗାମ୍‌ସ୍ଥିତ ବନପୋରା ଅଞ୍ଚଳରେ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦେଇ ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟର ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସହ ଜଡ଼ିତ ବୋଲି ପୋଲିସ ଦାବି କରିବା ସହ ନୌଗାମ୍ ଥାନାରେ ଏଫ୍‌ଆଇଆର୍ କରିଥିଲା। ନଭେମ୍ବର ୮ରେ ହ୍ୱାଇଟ୍ କୋଲାର ଆତଙ୍କବାଦ ସହ ଜଡ଼ିତ ଡାକ୍ତର ମୁଜାମ୍ମିଲ ଗନାଇଙ୍କ ହରିୟଣା ଫରିଦାବାଦସ୍ଥିତ ବାସଭବନରୁ ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହୋଇଥିଲା। ନୌଗାମ୍ ଥାନାରେ ଏନେଇ ପ୍ରଥମ ମାମଲା ରୁଜୁ ହୋଇଥିବାରୁ ଜବତ ବିସ୍ଫୋରକ ସାମଗ୍ରୀକୁ ନଭେମ୍ବର ୧୩ରେ ସେଠାକୁ ନିଆଯାଇଥିଲା। ୧୪ ତାରିଖ ରାତି ୧୧ଟା ୩୦ରେ ଆମୋନିୟମ୍ ନାଇଟ୍ରେଟ୍‌ର ନମୁନା ଯାଞ୍ଚ ପାଇଁ ବାହାର କରାଯାଉଥିବାବେଳେ ହଠାତ୍ ତାହା ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ଏଥିରେ ଥାନା ଓ ଆଖପାଖ ଅଞ୍ଚଳ ଜଳିପୋଡ଼ି ଛାରଖାର ହୋଇଯାଇଛି। ଜଣେ ଇନ୍‌ସ୍ପେକ୍ଟର, ଫୋରେନ୍‌ସିକ୍ ଟିମ୍‌ର ୩ ସଦସ୍ୟ, ୨ କ୍ରାଇମବ୍ରାଞ୍ଚ ଫଟୋଗ୍ରାଫର, ୨ ରାଜସ୍ୱ ଅଧିକାରୀ ଓ ଜଣେ ଟେଲରଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଘଟଣା ଜବତ ବିସ୍ଫୋରକ ପରିଚାଳନା କ୍ଷେତ୍ରରେ ବିଧିବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ଅନେକେ ମତ ଦେଇଛନ୍ତି।

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

**ବାରିପଦା,୧୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଜାତୀୟ ଉଦ୍ୟାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଭାରତୀୟ ବ୍ୟାଘ୍ର ଆକଳନ-୨୦୨୬ ଶନିବାରଠାରୁ ଆରମ୍ଭ ହୋଇଛି। ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି (ଏନ୍‌ଟିସିଏ)ର ଗାଇଡ୍‌ଲାଇନ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨ଟି ପର୍ଯ୍ୟାୟରେ ମହାବଳ ବାଘ ଗଣନା ପରିଚାଳନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ☞ପୃଷ୍ଠା-୨






# କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ସ୍ୱାସ୍ଥ୍ୟସେବା ପ୍ରହସନ

## ଓପିଡି ସେଣ୍ଟରକୁ ଗଲେ ଧରାଇ ଦିଆଯାଉଛି ଥଣ୍ଡା, ଜ୍ୱର ବଟିକା

**ଅନୁଗୋଳ, ୧୫।୧୧ (ମାନସ ବିଶ୍ୱାଳ)**

ଅନୁଗୋଳସ୍ଥିତ ନାଲ୍‌କୋ କାରଖାନା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି ସ୍ୱାସ୍ଥ୍ୟକାର୍ଡ। ଏହି କାର୍ଡଧାରୀଙ୍କ ପାଇଁ ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ରହିଛି ଏକ ବହିର୍ଚିକିତ୍ସା କେନ୍ଦ୍ର ବା ଓପିଡି ସେଣ୍ଟର। ହେଲେ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ସ୍ୱାସ୍ଥ୍ୟକାର୍ଡଧାରୀଙ୍କ ମଧ୍ୟରୁ ଅନେକଙ୍କୁ ନିରାଶ ହେବାକୁ ପଡୁଛି। କାରଣ ଏହି ଓପିଡି ସେଣ୍ଟରରେ କେବଳ ଥଣ୍ଡା, କାଶ ଓ ଜ୍ୱର ବ୍ୟତୀତ ଅନ୍ୟ କୌଣସି ରୋଗର ଚିକିତ୍ସା ବ୍ୟବସ୍ଥା ନାହିଁ। ଏପରି କି ସାମାନ୍ୟ ଦୁର୍ଘଟଣାରେ ଆହତଙ୍କ ପାଇଁ ଏଠାରେ ଫାଷ୍ଟଏଡ୍ ସୁବିଧା ନ ଥିବାବେଳେ କୌଣସି ରୋଗରେ ଗୁରୁତର ହୋଇ ଆସୁଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇବା ବ୍ୟବସ୍ଥା ନାହିଁ। ତେଣୁ କ୍ଷତିଗ୍ରସ୍ତଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନାମରେ ନାଲ୍‌କୋ କେବଳ ଏକ ପ୍ରହସନ ଚଳାଇଛି ବୋଲି ଓପିଡି ସେଣ୍ଟରକୁ ଆସିଥିବା ଅନେକ ରୋଗୀ ଅଭିଯୋଗ କରୁଛନ୍ତି।

କେତେଜଣ କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, ବଣ୍ଡଁରପାଳରେ ନାଲ୍‌କୋ କାରଖାନା ପ୍ରତିଷ୍ଠା ☞ପୃଷ୍ଠା-୨

# ରାଜନୀତି, ପରିବାର ଛାଡ଼ିଲେ ଲାଲୁଙ୍କ ଝିଅ

**ନୂଆଦିଲ୍ଲୀ/ପାଟନା,୧୫।୧୧**

ବିହାର ବିଧାନସଭା ନିର୍ବାଚନରେ ବିରୋଧୀ ମହାମେଣ୍ଟର ଶୋଚନୀୟ ପରାଜୟ ପରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବଙ୍କ ଦ୍ୱିତୀୟ ଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ରାଜନୀତି ଛାଡ଼ିଦେଇଛନ୍ତି। ଏଥିସହ ପରିବାର ସହ ମଧ୍ୟ ସବୁ ସମ୍ପର୍କ ଛିନ୍ନ କରିଥିବା ରୋହିଣୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଭଉଣୀ ରୋହିଣୀ ବୃତ୍ତିରେ ଜଣେ ଡାକ୍ତର। ସେ ୨୦୨୪ରେ ବିହାରର ସରନ ଲୋକ ସଭା ଆସନରୁ ଆର୍‌ଜେଡି ଟିକେଟରେ ନିର୍ବାଚନ ଲଢ଼ି ଭାଜପାର ରାଜୀବ ପ୍ରତାପ ରୁଡ଼ିଙ୍କଠାରୁ ☞ପୃଷ୍ଠା-୨



ଲାଲୁ ପ୍ରସାଦ ଯାଦବଙ୍କ ସହ ଝିଅ ରୋହିଣୀ ଆଚାର୍ଯ୍ୟ।


**ଆଜିର ସମ୍ପାଦକୀୟ**

ନୂତନ ଭାରତର ସ୍ଥିତି





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓୟୁଡବ୍ଲ୍ୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପନୀ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୫ମ ଲାସ୍ୟ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୭ଟା।

## କଟକ

- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଥ୍‌ଲେଟିକ ମିଟ୍-୨୦୨୫ ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଖେଳ ପଡିଆ, ଓଟିଏମ୍ କଲୋନୀ, ସମୟ: ଅପରାହ୍ନ ୩ ଟା।

## ଖୋର୍ଦ୍ଧା

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ସମୟ: ସକାଳ ୯ଟା ୧୫।

## ବାଲେଶ୍ୱର

- ଜାତୀୟ ପ୍ରେସ ଦିବସ, ସ୍ଥାନ: ବାହାର୍ଦ୍ଦା ପଞ୍ଚାୟତ ଅଫିସ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ, ସ୍ଥାନ: ବାଲେଶ୍ୱର କଲେଜ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ସେରଗଡ଼, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନର ତୃତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ରାଷ୍ଟ୍ରୀୟ ଯୁବ ସମ୍ମିଳନୀ, ସ୍ଥାନ: ଏବି କଲେଜ, ବାସୁଦେବପୁର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ପାରାବନ୍ଧ ଉଚ୍ଚ ବିଦ୍ୟାଳୟ ପରିସର, ବନ୍ତ, ସମୟ: ସକାଳ ୯ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଲକି ଇଣ୍ଡିଆ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ ଟା, ସ୍ଥାନ: ବିକାଶ ମହଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ, ସମୟ : ଅପରାହ୍ନ ୪ଟା।
- ବ୍ଲକସ୍ତରୀୟ କ୍ରୀଡା , ସ୍ଥାନ: ସଡ଼ା, ହାଟଡ଼ିହୀ ବ୍ଲକ, ସମୟ : ପୂର୍ବାହ୍ନ ୧୧ ଟା।
- ପ୍ରେସ ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ : ଅଣା ମଠ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ଅନୁକୂଳ ଚନ୍ଦ୍ର ଠାକୁରଙ୍କ ଭଜନ ଏବଂ ସତ୍‌ସଙ୍ଗ : ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ଟା।
- ସତ୍ୟ ସାଇ ସେବା ସଂଗଠନ ତରଫରୁ ରକ୍ତଦାନ ଶିବିର, ସ୍ଥାନ : ବାରିଙ୍ଗା, ଆନନ୍ଦପୁର, ସମୟ : ସକାଳ ୯ ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ ଯୁବ ସମ୍ମିଳନୀ, ସ୍ଥାନ: ପାଟଣା ବ୍ଲକ୍ ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ ଟା ୩୦।

## ମୟୂରଭଞ୍ଜ

- ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ', ସ୍ଥାନ: ଶିଶୁ ଉଦ୍ୟାନ, ବାରିପଦା, ସମୟ: ସକାଳ ୮ଟା।
- ଯୁବ ସମ୍ମିଳନୀ, ସ୍ଥାନ: ତକତପୁରସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ସମୟ: ସକାଳ ୯ଟା।
- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ୱାକାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ନୂଆସାହି ଫୁଟ୍‌ବଲ୍ ପଡ଼ିଆ, ପୁରୁଣା ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଥିଏଟର ଫେଷ୍ଟିଭାଲର ନାଟକ 'କମଳା', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ଜଗଦ୍ଧାତ୍ରୀ ମେଳାରେ ମ୍ୟୁଜିକାଲ ନାଇଟ୍ସ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ରାତି ୮ଟା।

## ବ୍ରହ୍ମପୁର

- ବଜରଙ୍ଗ ଦଳ ପକ୍ଷରୁ ଗଣ ଦୌଡ଼, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ ବ୍ରହ୍ମପୁର, ସମୟ: ସକାଳ ୮ଟା ୩୦ ।
- ବ୍ରହ୍ମପୁର ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂବାହ୍ନ ୧୦ଟା।
- ପ୍ରେସ ଦିବସ ପାଳନ, ସ୍ଥାନ: ରାଜସ୍ୱ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୧.୩୦ ।

## ଢେଙ୍କାନାଳ

- ଆରଏସ୍‌ଏସ୍ ପକ୍ଷରୁ ଯୁବା ସମ୍ମିଳନୀ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର, ସଂସ୍କୃତି ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାୟଗଡ଼ା

- ମୁନିଖୋଲ ପ୍ରିମିୟର ଲିଗ ସିଜନ-୨ କ୍ରିକେଟ ଫାଇନାଲ, ସ୍ଥାନ: ମୁନିଖୋଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଅବିଭକ୍ତ କୋରାପୁଟ ଜିଲାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିରେ ବୈଠକ, ସ୍ଥାନ: ନବରଙ୍ଗପୁର ହୋଟେଲ ଗ୍ଲେଜ୍, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ, ପୂର୍ବାହ୍ନ ସମୟ:୧୧ଟା।
- ଉମରକୋଟ ପ୍ରିମିୟର ଲିଗର ଫାଇନାଲ ମ୍ୟାଚ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜନଜାତି ଗୌରବ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଭାଜପା କାର୍ଯ୍ୟାଳୟ,ସମୟ: ଅପରାହ୍ନ ୧ଟା।

## କୋରାପୁଟ

- ଯୁବ ରେଡକ୍ରସର ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ସରକାରୀ ଡିଏଭି କଲେଜ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ୍ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସଦଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଏପିଏଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡା-୨, ସମୟ: ସନ୍ଧ୍ୟା ୬ଟା।
- ଆୟାପା ଦୀକ୍ଷିତଙ୍କ ପଡ଼ି ପୂଜା, ସ୍ଥାନ: ପାର୍କ କଲୋନୀ, ନନ୍ଦପୁର, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ଜିଲାସ୍ତରୀୟ ପଞ୍ଚାୟତ କର୍ମଚାରୀ ସମ୍ମିଳନୀ, ସ୍ଥାନ: ସିନ୍ଧ୍ରିମାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପ୍ରେସ ଦିବସ ପାଳିତ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।
- ସାଇବର ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଉପଲକ୍ଷେ ଗଣଦୌଡ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ, ବ୍ଲକ୍ କାର୍ଯ୍ୟାଳୟ ନିକଟ ଖେଳ ପଡ଼ିଆ, ମାଲକାନଗିରି, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୬ଟା।

## ସମ୍ବଲପୁର

- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର, ମିସ୍ ଟିନ୍ ଓ ମାଷ୍ଟର ଟିନ୍ ପ୍ରତିଯୋଗିତା-୨୫, ସ୍ଥାନ : ଅମୃତ ବିହାର ପରିସରସ୍ଥ ଗଙ୍ଗାଧର ମେହେର ସ୍ଥିତ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ଦୁର୍ଗା ଚିତ୍ରକଳା ପ୍ରଦର୍ଶନୀ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁଜୁରାଟି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ନର, ସମୟ : ସକାଳ ୯ଟା।
- ଉତ୍ତରାଞ୍ଚଳ ସ୍ତରୀୟ ପ୍ରଶାସନିକ ସମ୍ମିଳନୀ, ସ୍ଥାନ : ରିଭର ଇନ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା ୩୦

## ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର



**ମୁମ୍ବାଇ:** ଅଭିନେତା ରାଜକୁମାର ରାଓ ପିତା ହୋଇଛନ୍ତି। ସ୍ତ୍ରୀ ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ରାଜକୁମାର ଏବଂ ପତ୍ରଲେଖାଙ୍କ ବିବାହର ଚାରିବର୍ଷ ପୂରଣ ହେଉଥିବା ଦିନ ଏକ କନ୍ୟାସନ୍ତାନର ଆଗମନ ଅଭିନେତାଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ୪୧ ବର୍ଷ ବୟସରେ ପିତା ହୋଇଥିବା ରାଜକୁମାର ଇନ୍‌ଷ୍ଟାଗ୍ରାମରେ ଏହି ଖୁସି ଖବର ଶେୟାର କରି ଲେଖିଛନ୍ତି, ଆମର ଚତୁର୍ଥ ବିବାହ ବାର୍ଷିକୀରେ ଭଗବାନ୍ ଆମକୁ ସବୁଠାରୁ ବଡ଼ ଆଶୀର୍ବାଦ 'କନ୍ୟାସନ୍ତାନ' ରୂପେ ଦେଇଛନ୍ତି। ପତ୍ରଲେଖାଙ୍କୁ ୧୫ ନଭେମ୍ବର ୨୦୨୧ରେ ବିବାହ କରିଥିଲେ ରାଜକୁମାର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆତଙ୍କ ବେଳେ ଯାଚନ୍ତି କୁକୁଡ଼ା
ଆତଙ୍କ ଗଲେ ଦିଅନ୍ତି ନେଫେଡା ।**

ସାଧାରଣତଃ ଜନସାଧାରଣଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ରହିଥାଏ। ଅନେକ ସମୟରେ କିଛି ବ୍ୟକ୍ତି ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ ଭଗବାନଙ୍କ ପାଖରେ କିଛି ମାନସିକ ଯାଚୁଥିବାର ଦେଖିବାକୁ ମିଳିଥାଏ। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଆଉ ସେତେଟା ଧ୍ୟାନ ବା ନଜର ଦେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଗୁଲି ଚଳେ, ପଛୁଲି ବୋଲେ,
ମଝୁଲି ବନ୍ଧୁ ଦର୍ଶନ କରେ ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇ ହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇ ହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇ ହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଶିମିଳିପାଳରେ ବାଘ...

ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ପ୍ରକାଶ ଯେ, ରୟାଲ ବେଙ୍ଗଲ ଟାଇଗର ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱ ପରିଚିତ। ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନ ବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନ୍‌ଟିସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟ-୧ରେ ମାଂସାଶୀ ଓ ଶାକାହାରୀ ପ୍ରାଣୀଙ୍କ ସାଇନ ସର୍ଭେ ୩ ଦିନ ଧରି ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ(ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପ୍ରଜାତିର ପକ୍ଷୀ ଗଣନା କରାଯିବ। ଏଥିପାଇଁ ୧୦୩ଟି ବିଟ୍ ହାଉସରେ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ପର୍ଯ୍ୟାୟ-୨ ନଭେମ୍ବର୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହା ମାଧ୍ୟମରେ ମାଂସାଶୀ ପ୍ରାଣୀଙ୍କ ବାସସ୍ଥାନ ଏବଂ ଶାକାହାରୀ ପ୍ରାଣୀଙ୍କ ଘନତ୍ୱକୁ ଗଣନା କରାଯିବ। ସେହିପରି ପର୍ଯ୍ୟାୟ-୧ଶେଷ ହେବା ପରେ ଡିସେମ୍ବରଠାରୁ ପର୍ଯ୍ୟାୟ-୩ ଆରମ୍ଭ ହେବ। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କି.ମି. ଗ୍ରୀଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା କରାଯିବ। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ପୂର୍ବ ଗଣନା ଅନୁଯାୟୀ ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ପାରକରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ...

ହେବାର ପ୍ରାୟ ୪୪ ବର୍ଷ ବିତିଯାଇଛି। କମ୍ପାନୀ ସ୍ଥାପନ ବେଳେ କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋ ପକ୍ଷରୁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରିବାରେ ବିଫଳ ହୋଇଛି। କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ନାଲ୍‌କୋ ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅତୀତରେ ନାଲ୍‌କୋ ନିଜସ୍ୱ ଡାକ୍ତରଖାନା ଖୋଲି ଚିକିତ୍ସା ଯୋଗାଇ ଦେଉଥିଲା। ଏହାର କିଛି ବର୍ଷ ପରେ ଏଥିପାଇଁ ଏକ ଏନ୍‌ଜିଓକୁ ନାଲ୍‌କୋ ଦାୟିତ୍ୱ ଦେଇଥିଲା। ଉକ୍ତ ଏନ୍‌ଜିଓ ପକ୍ଷରୁ ଜଣେ ଡାକ୍ତର ଓ ୨ଜଣ ଫାର୍ମାସିଷ୍ଟ ବିଭିନ୍ନ ସମୟରେ ଗାଁ ଗୁଡ଼ିକରେ କ୍ୟାମ୍ପ ପକାଇ କେବଳ ଅଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତଙ୍କୁ ଔଷଧ ପ୍ରଦାନ କରୁଥିଲା। ପ୍ରାୟ ୧୦ ବର୍ଷ ହେବ ନାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ବନ୍ଦ ହୋଇଯାଇଥିବା ବେଳେ ନାଲ୍‌କୋ କଲୋନି ପରିସରରେ ଏକ ଓପିଡି ସେଣ୍ଟର ଖୋଲାଯାଇଛି। ପାରିପାର୍ଶ୍ୱିକ ଅଞ୍ଚଳର ଯେଉଁ ପ୍ରଜା ନାଲ୍‌କୋ ଦ୍ୱାରା ବହିର୍ଚିକିତ୍ସା ପଞ୍ଜୀକରଣ ପତ୍ର ବା ସ୍ୱାସ୍ଥ୍ୟକାର୍ଡ ହାସଲ କରିଛନ୍ତି, ସେହିମାନେ ଏହି ଓପିଡି ସେଣ୍ଟରରୁ ସ୍ୱାସ୍ଥ୍ୟସେବା ପାଇବାର ବ୍ୟବସ୍ଥା ରହିଛି। ଓପିଡି ସେଣ୍ଟରରେ ମାତ୍ର ୨ରୁ ୩ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ଏହି ଡାକ୍ତରମାନେ ନିୟମିତ ଓପିଡି ସେଣ୍ଟରକୁ ଆସୁ ନ ଥିବା ବେଳେ ରୋଗୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସଂଗୃହୀତ ବଳକା ଔଷଧ ଓ କମ୍ ଦିନର ଅବଧି ଥିବା ଔଷଧ ଦିଆଯାଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଯେକୌଣସି ରୋଗ ହୋଇଥିଲେ ମଧ୍ୟ ସେହି ଅଣ୍ଡା, କାଶ ଓ ଜ୍ୱର ଔଷଧ ଦିଆଯାଉଛି। ବହୁ ରୋଗୀଙ୍କୁ ବାହାରୁ ଔଷଧ କିଣି ନେବାକୁ ମଧ୍ୟ ଚିଠା ଧରାଇ ଦିଆଯାଉଛି। ନାଲ୍‌କୋ ନିଜର କର୍ମଚାରୀଙ୍କ ଉନ୍ନତ ଚିକିତ୍ସା ସୁବିଧା ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା, ମାଗଣା ଔଷଧ, ରେଫର ଆଦି ବ୍ୟବସ୍ଥା ସହ ବହୁକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କ ଚିକିତ୍ସା ବ୍ୟବସ୍ଥା ପ୍ରତି ଘୋର ଅବହେଳା ପ୍ରଦର୍ଶନ କରୁଥିବା କେତେଜଣ ରୋଗୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। କାଣ୍ଡସର ଗ୍ରାମର ଟିକମ ବେହେରା କହିଛନ୍ତି, ଓପିଡି ସେଣ୍ଟରକୁ ଗଲେ ରୋଗୀଙ୍କୁ ମେଡିଶିନ ନାହିଁ, ବାହାରୁ ନେଇଯିବ ବୋଲି କହି ଡାକ୍ତରମାନେ ମୁହଁ ବୁଲାଇ ଦେଉଛନ୍ତି। ଭଲ ବ୍ୟବହାର କରୁନାହାନ୍ତି। ତେଣୁ ବାଧ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହେଉଛୁ। କାଙ୍ଗୁଲାର ବେବି ସେଠ କହିଛନ୍ତି, ସପ୍ତାହେ ହେଲା ଜ୍ୱର ଛାଡୁନି। ନାଲ୍‌କୋ ଓପିଡି ସେଣ୍ଟରକୁ ଯାଇଥିଲି। ଡାକ୍ତର ରକ୍ତ ପରୀକ୍ଷା କଲେ ନାହିଁ। କେବଳ ଜ୍ୱର ଔଷଧ ଲେଖି ବାହାରୁ ନେବାକୁ କହି ବିଦା କରିଦେଲେ। ନାଲ୍‌କୋରୁ ମିଳିଥିବା ବହିର୍ଚିକିତ୍ସା ପଞ୍ଜୀକରଣ ପତ୍ର ମୂଲ୍ୟହୀନ ବୋଲି ବେବି ପ୍ରକାଶ କରିଛନ୍ତି। ଗୋତମରା ସରପଞ୍ଚ ମଣ୍ଟୁ ବରାହ କହିଛନ୍ତି, ସ୍ୱାସ୍ଥ୍ୟସେବା ତ ଦୂରର କଥା ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପ୍ରତି ନାଲ୍‌କୋ ଆଦୌ ଧ୍ୟାନ ଦେଉନାହିଁ। ଗାଁ ସ୍କୁଲ, ରାସ୍ତା ତିଆରି, ପାନୀୟ ଜଳ, ପରିମଳ, ବିଜୁଳି, ଖେଳପଡ଼ିଆ ଓ ପୁରୁଣା କାର୍ଯ୍ୟ ଗୁଡ଼ିକର ରକ୍ଷଣାବେକ୍ଷଣ ଆଦି ଦାବି ନେଇ ବହୁବାର ନାଲ୍‌କୋ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଛୁ। ହେଲେ ସମାଧାନ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି। ଅଭିଯୋଗ ସମ୍ପର୍କରେ ନାଲ୍‌କୋ ଲୋକସମ୍ପର୍କ ବିଭାଗ ଅଧିକାରୀ କହିଛନ୍ତି, ଆମେ ତାହା ବୁଝୁନାହୁଁ। କର୍ପୋରେଟ କମ୍ୟୁନିକେଶନ ସହ ଯୋଗାଯୋଗ କରନ୍ତୁ।




ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ଥିବା ଓପିଡି ସେଣ୍ଟର।

### ନୌଗାମ୍ ଥାନାରେ...

ମୃତଦେହ ୩୦୦ ମିଟର ଦୂରକୁ ଛିଟିକି ପଡ଼ିଥିବା ଦେଖାଯାଇଛି। ଏହା ଆତଙ୍କବାଦୀ ଆକ୍ରମଣ ବୋଲି ହେଉଥିବା କଳ୍ପନାଜଳ୍ପନାକୁ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳୀନ ପ୍ରଭାତ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ପ୍ରଶାନ୍ତ ଲୋଖଣ୍ଡେ ଖଣ୍ଡନ କରିଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା ଥିଲା ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ବିସ୍ଫୋରଣରେ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି(ଏଫ୍‌ଏସ୍‌ଏଲ୍) ଟିମ୍‌ର ୩ ଅଧିକାରୀ, ମାଜିଷ୍ଟ୍ରେଟ୍ ଟିମ୍‌ର ୨ ରାଜସ୍ୱ ଅଧିକାରୀ, ରାଜ୍ୟ ତଦନ୍ତକାରୀ ସଂସ୍ଥାର ଜଣେ ଅଫିସର ଏବଂ ଟିମ୍ ସହ ଜଡ଼ିତ ଜଣେ ଦରଜିଙ୍କର ମୃତ୍ୟୁ ଘଟିଛି। ମୃତଦେହଗୁଡ଼ିକୁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ନିଆଯାଇଛି। ଏହା ବ୍ୟତୀତ ୨୭ ଜଣ ପୋଲିସ କର୍ମଚାରୀ, ୨ ରାଜସ୍ୱ ଅଧିକାରୀ ଏବଂ ନିକଟରେ ଥିବା ୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଫରିଦାବାଦରୁ ଗିରଫ ଡା. ମୁଜାମ୍ମିଲ ଗନାଇଙ୍କ ଭଡ଼ାଘରୁ ଆମୋନିୟମ୍ ନାଇଟ୍ରେଟ୍ ସମେତ ୩୬୦ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଥିଲା। ଏହାକୁ ନୌଗାମ୍ ଥାନାରେ ଗଚ୍ଛିତ ରଖାଯାଇଥିଲା। ବିସ୍ଫୋରଣରେ ଥାନା ବିଲ୍ଡିଂ ଧ୍ୱଂସହେବା ସହ ଥାନା ପରିସରରେ ଥିବା ଅନେକ ଗାଡ଼ି ଜଳିଯାଇଛି। ଆଖପାଖରେ ଥିବା ଘରଗୁଡ଼ିକର ଝରକା କାଚ ଭାଙ୍ଗିଯାଇଛି। ବିସ୍ଫୋରଣର ପ୍ରଭାବ ଅନେକ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ରାତିଅଧିଆ ବିସ୍ଫୋରଣ ପରେ ପୋଲିସ ଉକ୍ତ ଅଞ୍ଚଳକୁ ସିଲ୍ କରିଦେଇଛି। ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଓ ଅନ୍ୟ ନେତାମାନେ ଦୁଃଖ ପ୍ରକାଶ କରିଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁରେ ଥିବା ଏକ ବୈଠକକୁ ବାତିଲ କରିଦେଇଛନ୍ତି। ସିହ୍ନା ବିସ୍ଫୋରଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ମଧ୍ୟଭାଗରେ ବୁନପୋରା ଏବଂ ନୌଗାମ୍‌ରେ ପୋଲିସ ଓ ସୁରକ୍ଷା ବଳ ବିରୋଧରେ ଧମକପୂର୍ଣ୍ଣ ପୋଷ୍ଟର ଲଗାଯିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପ୍ରଥମେ ଅରିଫ୍ ନିସାର ଦର ଓରଫ ସାହିଲ, ୟାସିର ଉଲ୍-ଅଶ୍ରଫ୍ ଏବଂ ମକ୍‌ସୁଦ୍ ଅହମଦ ଦର ଓରଫ ଶହିଦଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ମିଳିଥିବା ସୂଚନାକ୍ରମେ ପୋଷ୍ଟର ଯୋଗାଣକାରୀ ମୌଲବୀ ଇର୍‌ଫାନ ଅହମଦ୍‌ଙ୍କୁ ଗିରଫ କରାଯାଇଥିଲା। ଶେଷରେ ତଦନ୍ତର ଡେର ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି ବୋଲି ଜଣାପଡ଼ିଥିଲା, ଯେଉଁଠୁ ଡା. ଗନାଇ ଏବଂ ଡା. ଶାହିନ ସୟିଦଙ୍କୁ ଗିରଫ କରାଯିବା ସହ ବିପୁଳ ବିସ୍ଫୋରଣ ଜବତ ହୋଇଥିଲା। ୧୦ ତାରିଖରେ ଏହି ଖବର ପ୍ରକାଶ ପାଇବାର କିଛି ଘଣ୍ଟା ପରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଏକ କାର୍ ବିସ୍ଫୋରଣରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ କାର୍‌କୁ ଡା. ଉମର ନବୀ ଚଳାଉଥିଲେ। ଡା. ନବୀ, ଡା. ଗନାଇ ଏବଂ ଫେରାର ଥିବା ମୁଜାଫର ରାଠେର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ଚଳାଉଥିଲେ ବୋଲି ବିଶ୍ୱାସ କରାଯାଉଛି। ମୁଜାଫରଙ୍କ ଭାଇ ଡା. ଆଦିଲ ରାଠେରଙ୍କ ସମେତ ୮ ଜଣଙ୍କର ଉକ୍ତ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି।

### ରାଜନୀତି, ପରିବାର ...

ହାରିଯାଇଥିଲେ। ରୋହିଣୀ ଶନିବାର 'X'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ସେ ରାଜନୀତି ଛାଡୁଛନ୍ତି ଏବଂ ପରିବାର ସହ ସମ୍ପର୍କ ତୁଟାଉଛନ୍ତି। ତେଜସ୍ୱୀଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ଯାଦବ ଓ ରମିଜ୍ ତାଙ୍କୁ ଏପରି କରିବାକୁ କହିଛନ୍ତି। ତେଣୁ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିବା ସେ ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୨୨ରେ ଲାଲୁଙ୍କ କିଡ୍‌ନୀ ଖରାପ ହୋଇଯାଇଥିବାବେଳେ ରୋହିଣୀ ତାଙ୍କୁ ନିଜର ଗୋଟିଏ କିଡ୍‌ନୀ ଦାନ କରିଥିଲେ। ଇତିମଧ୍ୟରେ ବଡ଼ପୁଅ ତେଜପ୍ରତାପ ଯାଦବ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିଥିବା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଲାଲୁ ତାଙ୍କୁ ନିର୍ବାଚନ ପୂର୍ବରୁ ପରିବାରରୁ ବିଦା କରିବା ସହ ଆର୍‌ଜେଡିରୁ ୬ ବର୍ଷ ପାଇଁ ନିଲମ୍ବନ କରିଥିଲେ। ତେଜପ୍ରତାପ ଜନଶକ୍ତି ଜନତା ଦଳ ଗଢ଼ି ବିଧାନସଭା ନିର୍ବାଚନ ଲଢ଼ିଥିଲେ। ତାଙ୍କ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ତେଜପ୍ରତାପ ନିଜେ ମଧ୍ୟ ମହୁଆ ଆସନରେ ୩ ନମ୍ବରକୁ ଖସିଯାଇଥିଲେ। ଏବେ ରୋହିଣୀଙ୍କ ଦଳତ୍ୟାଗ ଓ ପରିବାର ସହ ସମ୍ପର୍କ ଛିନ୍ନ ଘଟଣା କେବଳ ଲାଲୁଙ୍କ ପାରିବାରିକ କଳହକୁ ବଢ଼ାଇବ ତାହା ନୁହେଁ, ବରଂ ଆର୍‌ଜେଡି ପାଇଁ ଆହୁରି ବଡ଼ ବିପର୍ଯ୍ୟୟକୁ ଡାକିଆଣିବ ବୋଲି କୁହାଯାଉଛି। ନିର୍ବାଚନରେ ଉଭୟ ତେଜସ୍ୱୀ ଓ ତେଜପ୍ରତାପ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଥିଲେ। ବିହାର ବିଧାନସଭାର ୨୪୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ୧୪୩ଟିରେ ନିର୍ବାଚନ ଲଢ଼ିଥିବା ଆର୍‌ଜେଡି ମାତ୍ର ୨୫ରେ ସୀମିତ ରହିଯାଇଛି। ଏହା ପରେ ଲାଲୁ ପରିବାରରେ ବଡ଼ ବିଭ୍ରାଟ ସୃଷ୍ଟି ହୋଇଥିବାରୁ ରୋହିଣୀ ଏପରି ନିଷ୍ପତ୍ତି ନେଇଥିବା ମନେ କରାଯାଉଛି।

### ଓଡ଼ିଶାର ସବୁ ବନ୍ଦରରେ ...

ପୋଲିସ, ସିଆଇଏସ୍‌ଏଫ୍, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ଏବଂ ଜିଲା ଚିକିତ୍ସା ବିଭାଗ ଆଦି ସାମିଲ ହୋଇଥିଲା। କର୍ମଶାଳାରେ ଟେବୁଲ୍ ଟପ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା। ପାରାଦୀପରେ ସମୁଦ୍ର ଅଭ୍ୟାସବେଳେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏଜେନ୍ସିଗୁଡିକ କିଭଳି ବାସ୍ତବ ସମୟରେ ସାମୂହିକ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ଏବଂ ଉଦ୍ଧାର କାର୍ଯ୍ୟ କରିବେ ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଜାହାଜ ମଧ୍ୟରେ ଓଡିଶା କୋଷ୍ଟଗାର୍ଡ ମୁଖ୍ୟ ତଥା ଡିଆଇଜି ସଞ୍ଜୟ ନେଗୀ ସର୍ଚ୍ଚ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନି ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ। ବନ୍ଧୁଙ୍କ ସହାୟତାରେ ଅର୍ଥ, ଜମିଜମା, ବିଦ୍ୟୁତ୍ ଉପକରଣାଦି ଲାଭର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ** କର୍ମସ୍ଥାନରେ ରାହୁଙ୍କ ଅବସ୍ଥିତିଜନିତ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ପଡ଼ୋଶୀ ସହଯୋଗରୁ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି।

**ମିଥୁନ** ମଙ୍ଗଳ ସହ ବୁଧ ଷଷ୍ଠ ସ୍ଥାନରେ ରହିଥିବାରୁ ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। ଅବଶ୍ୟ ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ସାହିତ୍ୟ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଶୁଭଫଳ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

**କର୍କଟ** ଭାଗ୍ୟାଧିପତି ବୃହସ୍ପତି ଆର୍ଥିକ ଉନ୍ନତି କରାଇଲେ ମଧ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି କରିପାରନ୍ତି। ସବୁ କଥା ଚିନ୍ତା କରି କାମ ନ କଲେ କଳହ ଲାଗିପାରେ। ନିଜ ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ** ରାଶିରେ କେତୁ ଅବସ୍ଥାନ କରିଥିବାରୁ ନିଜର ଅସାମର୍ଥ୍ୟଜନିତ ଅସହାୟତାକୁ ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। କୃତ୍ତିକା ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା** ଆଜି ବ୍ୟୟଭାବ ବୃଦ୍ଧିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ସାଙ୍ଗକୁ କଳହର ଆଶଙ୍କା ମଧ୍ୟ ରହିଛି।

**ତୁଳା** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସୁଖ, ସମ୍ମାନ ପାଇବା ସାଙ୍ଗକୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଯିବ। କର୍ମକ୍ଷେତ୍ରରେ କିଛି ଦେବା ସକାଶେ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ ।

**ବିଛା** ଅନୁକୂଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ରାହୁଙ୍କ ପ୍ରଭାବରେ ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ତୃତୀୟଭାବ ପ୍ରାପଗ୍ରହ ପ୍ରଭାବଗ୍ରସ୍ତ ଯୋଗୁ ନିଜ ଲୋକ ବିରୋଧ କରିପାରନ୍ତି। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ।

**ମକର** କର୍ମସ୍ଥାନରେ ରବି ଓ ଶୁକ୍ରଙ୍କ ଅବସ୍ଥିତି କାରଣରୁ କର୍ମାରମ୍ଭ କରି ଆତ୍ମତୃପ୍ତି ଲାଭ କରିବେ। ପାରିବାରିକ ସହଯୋଗରୁ କାର୍ଯ୍ୟସିଦ୍ଧି ହେତୁ ମାନସିକ କ୍ଷେତ୍ରକୁ ସ୍ଥିରତା ପ୍ରଦାନ କରିବ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହେବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶନିଙ୍କ କୁପ୍ରଭାବରୁ ଦୀର୍ଘକାଳୀନ ନୀରବତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** କୋଣଭାବସ୍ଥ ଦେବଗୁରୁଙ୍କ ଶୁଭ ପ୍ରଭାବ ଆର୍ଥିକ ଓ ସାମାଜିକ ସ୍ତରରେ ଉନ୍ନତି ଘଟାଇପାରେ। ପିଲାଙ୍କ ସମସ୍ୟା ସମାଧାନଜନିତ ମନ ଅସ୍ଥିର ରହିପାରେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଉପୁଜିପାରେ।

ଆଜି ବିଛା ସଂକ୍ରାନ୍ତି, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ମାର୍ଗଶିର କୃଷ୍ଣ ଦ୍ୱାଦଶୀ ରବିବାର, ରାମାନୁଜ ବୈଷ୍ଣବ ସମ୍ମତ ଉତ୍ପନ୍ନା ଏକାଦଶୀ, ରାଶି/ନକ୍ଷତ୍ର- ହସ୍ତା/କନ୍ୟା। ଦ୍ୱାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୪୩ ଗତେ ଘ. ୦୮।୫୬ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୩ ମଧ୍ୟେ ରାହୁ କାଳ ।




# ଜୟଙ୍କ ନେତୃତ୍ୱରେ ୧ ନମ୍ବର ଜିଲା ହେବ ନୂଆପଡ଼ା: ମୁଖ୍ୟମନ୍ତ୍ରୀ

- ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଲେ ଜୟ ଢୋଲକିଆ
- ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ: ମନମୋହନ
- ନୂଆପଡ଼ାର ଜନସାଧାରଣଙ୍କ ବିଜୟ ହୋଇଛି: ଜୟ

**ଭୁବନେଶ୍ୱର,୧୫ା୧୧(ସୁନିତ୍ ମିଶ୍ର)**



ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ ପରେ ଜୟ ଢୋଲକିଆ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମିଠା ଖୁଆଉଛନ୍ତି। ନିକଟରେ ଅଛନ୍ତି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ।

ଭାଜପା ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ କରି ଇତିହାସ ରଚିଛି। ନୂଆପଡ଼ାବାସୀ ଭାଜପା ଉପରେ ଭରସା ଓ ବିଶ୍ୱାସ ରଖିଛନ୍ତି। ନୂଆପଡ଼ାରେ ଏଥର ବିକାଶ ହେବ। ଭାଜପା ସରକାର ସେଠାରେ ୧୪୨୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଜୟ ଢୋଲକିଆଙ୍କ ନେତୃତ୍ୱରେ ନୂଆପଡ଼ା ରାଜ୍ୟର ୧ ନମ୍ବର ଜିଲା ହେବ। ନୂଆପଡ଼ାକୁ ନବନିର୍ବାଚିତ ବିଧାୟକ ନୂଆ ରୂପ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଜୟ ଢୋଲକିଆ ଶନିବାର ପହଞ୍ଚି ମୁଖ୍ୟମନ୍ତ୍ରୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟିଛନ୍ତି। ତାଙ୍କ ପାଇଁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା, ଏବେ ଜୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପା ସରକାର ୧୬ ମାସ ଅତିକ୍ରମକରି ଏବେ ୧୭ ମାସରେ ପଦାର୍ପଣ କରିଛି। ଗତ ୬ ମାସ ପୂର୍ବରୁ ନୂଆପଡ଼ା ଜିଲା ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବାବେଳେ ଭାଜପା ସରକାର ପ୍ରତି ନୂଆପଡ଼ାବାସୀଙ୍କ ସମର୍ଥନ ଦେଖିଥିଲି ବୋଲି ସେ କହିଛନ୍ତି। ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ନୂଆପଡ଼ାବାସୀଙ୍କ ଆଶୀର୍ବାଦ କାରଣରୁ ଜୟ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ନୂଆପଡ଼ାର ବିକାଶ ପାଇଁ ଜଗନ୍ନାଥ ତାଙ୍କୁ ଶକ୍ତି ଦିଅନ୍ତୁ। ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ ବୋଲି ସେ କହିଛନ୍ତି। ଏହି ବିଜୟ ପାଇଁ ଢୋଲକିଆ ନୂଆପଡ଼ାବାସୀଙ୍କୁ ଅଶେଷ ଧନ୍ୟବାଦ ଦେଇ କହିଛନ୍ତି, ୧୧ ତାରିଖରେ ନୂଆପଡ଼ାବାସୀ ଗଣତନ୍ତ୍ରର ଏହି ମହାପର୍ବକୁ ପାଳନ କରି ପାଖାପାଖି ୮୩% ଭୋଟିଂ କରିଛନ୍ତି। ନୂଆପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ବିଜୟ ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାରର ବିଜୟ ହୋଇଛି। ମୁଖ୍ୟମନ୍ତ୍ରୀ ଯିଏ ନୂଆପଡ଼ା ଜିଲାର ବିକାଶ ଦାୟିତ୍ୱ ନେଇଛନ୍ତି ଏହା ହେଉଛି ତାଙ୍କର ବିଜୟ। ଭାଜପା ଶୀର୍ଷ ନେତୃମଣ୍ଡଳୀ ଯେଉଁଭଳି ଜଣେ ନୂଆ ସଦସ୍ୟଙ୍କୁ ଗୋଟିଏ ପରିବାର ଭଳି ପଥପ୍ରଦର୍ଶନ କଲେ, ଉପନିର୍ବାଚନ ସଞ୍ଚାଳନ କଲେ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ନୂଆପଡ଼ାବାସୀ ଲୋକଙ୍କୁ ଏକତ୍ରିତ କରି ଯେଉଁଭଳି ଉପନିର୍ବାଚନ ଶେଷକଲେ ସେଥିପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ହାତୀ ଶାବକର ମୃତଦେହ ଠାବ

**ବାରିପଦା,୧୫ା୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ବାରିପଦା ରେଞ୍ଜ୍ ହଳଦୀବଣୀ ଜଙ୍ଗଲରେ ଠାବ ହୋଇଥିବା ମୃତ ହାତୀ ଶାବକ।

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ତଥା ରେଞ୍ଜ୍ ଅଧୀନ ହଳଦୀବଣୀ ଜଙ୍ଗଲରେ ଏକ ହାତୀ ଶାବକର ମୃତଦେହ ଶନିବାର ଠାବ ହୋଇଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଇ ନମୁନା ସଂଗ୍ରହ କରିଛନ୍ତି। ୧୫ ଦିନ ମଧ୍ୟରେ ୨ଟି ହାତୀ ଶାବକର ଅସ୍ୱାଭାବିକ ମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ଟିକିଆ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି। ହାତୀପଲରେ ଥିବା ଏକ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଅକ୍ଟୋବର ୩୦ରେ ବାଙ୍ଗିରିପୋଷି ଅଞ୍ଚଳରେ ସେହି ହାତୀପଲରୁ ଏକ ଶାବକର ମୃତ୍ୟୁ ଘଟିଥିଲା। ଗୋଟିଏ ପରେ ଗୋଟିଏ ହାତୀ ଶାବକଙ୍କ ମୃତ୍ୟୁ ଘଟୁଥିବାରୁ ହାତୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ହାତୀ ମୃତ୍ୟୁର କାରଣ ଖୋଜିବା ସହ ସୁରକ୍ଷା ଓ ସଂଖ୍ୟା ବୃଦ୍ଧି ଦିଗରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ଜରୁରୀ ହୋଇପଡ଼ିଛି ବୋଲି ପରିବେଶବିତ୍‌ମାନେ ଦାବି କରିଛନ୍ତି। କାରଣ ଖୋଜି ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟ ହାତୀଶୂନ୍ୟ ହୋଇପଡ଼ିବ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି।

# ଜାତି ପାଇଁ ଦିନେ ପଡ଼ିରହିଲା ମୃତଦେହ


ଫାଉଣ୍ଡେସନ ପକ୍ଷରୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି।

## ମୁଖାଗ୍ନି ଦେବା ପାଇଁ ଆସିଲେନି ପୁଅ

**ଜଳେଶ୍ୱର,୧୫ା୧୧(ନବୀନ ସାହୁ)**

ଏବେବି ଲୋକଙ୍କ ମନରେ ବସା ବାନ୍ଧିଛି ଛୁଆଁଅଛୁଆଁ ମନୋଭାବ। ଜାତିଭେଦ ପାଇଁ ଗୋଟିଏ ଦିନ ମୃତଦେହ ପଡି ରହିଥିଲେ ମଧ୍ୟ ଗ୍ରାମବାସୀ କାନ୍ଧ ଦେଲେନାହିଁ। ଅନ୍ୟପଟେ ପୁଅ ମଧ୍ୟ ମୁଖାଗ୍ନି ଦେବାକୁ ଆସିଲେନି। ଶେଷରେ ଖବରପାଇ ଶନିବାର ସକାଳେ ହେଲ୍ପ ଫର୍ ୟୁ ଫାଉଣ୍ଡେଶନ କର୍ମକର୍ତ୍ତା ପହଞ୍ଚି ମୃତଦେହକୁ କାନ୍ଧ ଦେବା ସହ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଧାନ ସିମୁଳିଆ ଗ୍ରାମରେ।


ଗ୍ରାମର ବିଶ୍ୱନାଥ ଦେହୁରୀ (୬୦) ଜ୍ୱର ଓ କାଶରେ ପୀଡ଼ିତ ହୋଇ ମାସେ ହେବ ବିଛଣାରେ ପଡ଼ି ରହିଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବିଶ୍ୱନାଥଙ୍କ ସ୍ତ୍ରୀ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ବେଳେ କିଛି ଶୁଣିପାରନ୍ତି ନାହିଁ। ତାଙ୍କର ପୁଅ ଥାଇ ବି ନ ଥିଲା ଭଳିଆ। ସେ ବାପାଙ୍କୁ ମୁଖାଗ୍ନି ଦେବା ପାଇଁ ଆସିଲେ ନାହିଁ। ବିଶ୍ୱନାଥ ଅନୁସୂଚିତ ଜାତିର ହୋଇଥିବାରୁ ଏପରିକି ପଡ଼ୋଶୀ ତଥା ଗ୍ରାମବାସୀ ଅନ୍ତିମ ସଂସ୍କାର କରିବାକୁ ମନା କରି ଦେଇଥିଲେ। ହେଲ୍ପ ଫର ୟୁ ଫାଉଣ୍ଡେଶନ କର୍ମକର୍ତ୍ତାମାନେ ଅନ୍ତିମ ସଂସ୍କାର କରି ମହାନତାର ପରିଚୟ ଦେଇଛନ୍ତି।

# ଶିମିଳିପାଳରେ ୩ ଡିଗ୍ରୀ

**ବାରିପଦା, ୧୫ା୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ(ତୁଷାରପାତ) ପଡିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ଜିଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବା ବେଳେ ୨୪ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଶୁକ୍ରବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାରହାକାମୁଡାରେ ୩ ଡିଗ୍ରୀ, ଚହଲାରେ ୭ ଡିଗ୍ରୀ, ବରେହିପାଣିରେ ୯ଡିଗ୍ରୀ, ଗୁଡୁଗୁଡିଆରେ ୧୦ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୧୪ଡିଗ୍ରୀ ଓ କିଆଝରୀରେ ୧୩ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଯାହାକି ଚଳିତବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା ଅଟେ। ସେହିପରି ବାରିପଦା ସହରରେ ତାପମାତ୍ର ଦିନକୁ ଦିନ ଖସିବାରେ ଲାଗିଛି। ରାତିରେ କୁହୁଡ଼ି ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ କୌଣସି ସତର୍କତା ସୂଚନା ଜାରି କରାଯାଇ ନ ଥିବା ବେଳେ ପ୍ରତିଦିନ ଶୀତ ବଢିବାରେ ଲାଗିଛି। ଏପରିକି ଜିଲାରେ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସନ୍ଧ୍ୟା ହେଲେ ଗାଁଗଣ୍ଡା ଶୂନଶାନ ହୋଇଯାଉଛି।



# ଭଞ୍ଜ ରାଜବଂଶ ପ୍ରତିଷ୍ଠା କରିଥିବା ମନ୍ଦିରରୁ କୋଟିଏ ଟଙ୍କାର ମୂର୍ତ୍ତି ଚୋରି

**ଭଞ୍ଜନଗର,୧୫ା୧୧(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ନାରାୟଣପାଟଣାସ୍ଥିତ ନାରାୟଣ ସ୍ୱାମୀ ମନ୍ଦିରରୁ ଶୁକ୍ରବାର ରାତିରେ ଏକ ବଡଧରଣର ଚୋରି ହୋଇଛି। ପ୍ରାୟ ୩ଶହ ବର୍ଷ ତଳର ଅଷ୍ଟଧାତୁ ନିର୍ମିତ ୪ଟି ରାଧାକୃଷ୍ଣ ମୂର୍ତ୍ତି, ୨ଟି ନର୍ତ୍ତକୀ ମୂର୍ତ୍ତି ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ୍‌ଡିପିଓ ଡ. ଦୀପକ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଚୋରିରେ ଏକ ବଡଧରଣର ରାକେଟ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରିଥିବା ଜଣାପଡିଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଘୁମୁସର ରାଜା ଭଞ୍ଜ ରାଜବଂଶ ପକ୍ଷରୁ ୧୭୬୦ରେ ଘୁମୁସରର ରାଜଧାନୀ କୁଲାଡ ଏବଂ କୁଲାଡକୁ ଲାଗି ଥିବା ନାରାୟଣ ପାଟଣାରେ ଏକାଧିକ ମନ୍ଦିର ନିର୍ମାଣ ହୋଇଥିଲା। ସେଥିମଧ୍ୟରୁ କୁଲାଡ ଜଗନ୍ନାଥ ମନ୍ଦିର ଏବଂ ନାରାୟଣ ମନ୍ଦିର ଅନ୍ୟତମ ଥିଲା। ୧୯୯୩ରେ କୁଲାଡ ଜଗନ୍ନାଥ ମନ୍ଦିରରୁ ସମସ୍ତ ଅଳଙ୍କାର ଚୋରି ହୋଇଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ଲୁଟ ଅଳଙ୍କାରର କୌଣସି ସନ୍ଧାନ ମିଳୁନାହିଁ। ଏଭଳି ପରିସ୍ଥିତିରେ ଶୁକ୍ରବାର ରାତିରେ ନାରାୟଣସ୍ୱାମୀ ମନ୍ଦିରରୁ ଚୋରି ହୋଇଛି। ଚୋରି ମୂର୍ତ୍ତିଗୁଡ଼ିକ ପ୍ରାୟ ସାଢ଼େ ୪ ଫୁଟରୁ ଅଢେଇ ଫୁଟ ମଧ୍ୟରେ ହେବ। ରାତି ସାଢ଼େ ୮ଟାରେ ନୀତି ଶେଷ ପରେ ପୂଜାରୀ ମନ୍ଦିର ତାଲା ପକାଇ ଯାଇଥିଲେ। ଶନିବାର ସକାଳେ ମନ୍ଦିର ଖୋଲିବାକୁ ଆସିବା ସମୟରେ ମନ୍ଦିରରୁ ଚୋରି ହୋଇଥିବା ଜାଣିଥିଲେ। ପରେ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ତଦନ୍ତ ଆରମ୍ଭ କରିଥିବା ପୋଲିସ ଚୋରିର କିଛିଟା ସୁରାକ ପାଇଛି। ସପ୍ତାହେ ମଧ୍ୟରେ ଘଟଣାର ରହସ୍ୟ ଉନ୍ମୋଚିତ ହେବ ବୋଲି ପୋଲିସ କହିଛି।

# ୬ ସ୍ଥାନରେ ଖୋଲିଲା ଇକୋ ରିଟ୍ରିଟ୍

**ଦାରିଙ୍ଗବାଡ଼ି/ଚିକିଟି,୧୫ା୧୧ (ଅରୁଣ ସାହୁ/ପ୍ରକାଶ ଚନ୍ଦ୍ର ସାହୁ)**



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଭିଡିଓ କନ୍‌ଫରେନ୍ସରେ ଇକୋ ରିଟ୍ରିଟ୍‌ଗୁଡ଼ିକୁ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟରେ ଶନିବାର ୬ଟି ଇକୋ ରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ହେଲା କେନ୍ଦ୍ରାପଡ଼ାର ଭିତରକନିକା, ଅନୁଗୋଳର ସାତକୋଶିଆ, ସମ୍ବଲପୁରର ହୀରାକୁଦ, କନ୍ଧମାଳର ଦାରିଙ୍ଗବାଡ଼ି, ଗଞ୍ଜାମର ସୁନାପୁର ଓ କୋରାପୁଟର ପୁଟସିଲ।

ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍ ପରିସର ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲାପାଳ ବେଦଭୂଷଣ, ଏସ୍‌ପି ହରିଶ ବିସି, ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ, ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଜେନା, ଫୁଲବାଣୀ ଉପଜିଲାପାଳ ଭିକାରି ସାହୁ, ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ, ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର, ଡିଏସ୍‌ପି କନକ ମାଝୀ, ଏମ୍‌ପି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ କୁମୁଦିନୀ ମଲିକ ପରିଚାଳନା କରିଥିଲେ।

ପ୍ରକାଶ ଯେ, ଦାରିଙ୍ଗବାଡ଼ି ଇକୋ ରିଟ୍ରିଟକୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଛନ୍ତି ଯେ, କୁହୁଡିର ପାହାଡ଼ ସହ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ଅଧିକ ପସନ୍ଦ କରିଥାନ୍ତି। ଏହି ଅବସରରେ କନ୍ଧମାଳ ଜିଲାପାଳ ବେଦଭୂଷଣ କହିଲେ, ରାଜ୍ୟର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ପସନ୍ଦ କରନ୍ତି। ଜିଲାର ଅନ୍ୟ ପର୍ଯ୍ୟଟନକ୍ଷେତ୍ର ମୁକୁଳିଙ୍ଗିଆ, ରାଇକିଆ ମଣ୍ଡାସରୁ ଓ ଫୁଲବାଣୀ, କୋଟଗଡ଼ ଆଦି ଅଞ୍ଚଳରେ ରହିଥିବା ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକଙ୍କୁ ବହୁଳ ପରିଚିତ କରାଇବା ନେଇ କହିଥିଲେ। ସେହିପରି ଦାରିଙ୍ଗବାଡିକୁ ଆସୁଥିବା ପର୍ଯ୍ୟଟକ ଏଠାରେ ରହଣି କଲେ ବ୍ୟବସାୟୀଙ୍କ ରୋଜଗାର ଦ୍ୱିଗୁଣିତ ହୋଇପାରିବ। ଫଳରେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ସୂଚନା ଯୋଗ୍ୟ, ଦାରିଙ୍ଗବାଡି ଇକୋ ରିଟ୍ରିଟରେ ମୋଟ ୨୫ଟି ବିଳାସପୂର୍ଣ୍ଣ ସ୍ୱିସ୍ ତମ୍ବୁ ଟଣାଯାଇଛି। ସେଥିରେ ପର୍ଯ୍ୟଟକଙ୍କ ପାଇଁ ଡିଲକ୍ସ ତମ୍ବୁ ୪ ହଜାର ଓ ୫ଟି ପ୍ରିମିୟମ ତମ୍ବୁ ୫ ହଜାର ରହିଛି। ଏଥିରେ ଜିଏସ୍‌ଟି ସଂଯୁକ୍ତ ରହିଛି। ଏହି ତମ୍ବୁ ଭିତରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ସହ ଗରମପାଣି, କଫି, ସହ ଦେୟମୁକ୍ତ ବ୍ୟବହାରିକ ସାମଗ୍ରୀ ଶାର୍ଟ, କ୍ୟାପ୍, ଫୋଲଡର ପ୍ରଦାନ କରାଯାଉଛି। ସେହିପରି ଦାରିଙ୍ଗବାଡି ଓ ତା'ର ପଡୋଶୀ ବ୍ଲକରେ ରହିଥିବା ପର୍ଯ୍ୟଟନ କ୍ଷେତ୍ର ଉକ୍ତ ଦେୟ ମଧ୍ୟରେ ବୁଲାଇବା ବ୍ୟବସ୍ଥା ରହିଛି।

ସେହିପରି ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ଶୁଭାରମ୍ଭ ହୋଇଥିବା ଇକୋ ରିଟ୍ରିଟ୍ ଆସନ୍ତା ବର୍ଷ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବେଳାଭୂମିରେ ଆୟୋଜିତ ଏକ ସଭାରେ ବ୍ରହ୍ମପୁର ଏମ୍‌ପି ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସୁନାପୁରରେ ଏହି ବେଳାଭୂମିରେ ହୋଇଥିବା ଇକୋ ରିଟ୍ରିଟ୍‌ରୁ ପର୍ଯ୍ୟଟକମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଭଲ ରୂପେ ଉପଭୋଗ କରିପାରିବେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବେଳାଭୂମିରେ ପର୍ଯ୍ୟଟକମାନଙ୍କ ପାଇଁ ୨୫ଟି ତମ୍ବୁ ଘର ନିର୍ମାଣ କରାଯାଇଛି। ସେଥିରୁ ୨୦ଟି ଡିଲକ୍ସ, ୫ଟି ପ୍ରିମିୟମ ବର୍ଗର ରହିଛି। ଏହା ଶୀତତାପ ନିୟନ୍ତ୍ରିତ କକ୍ଷ ହୋଇଥିବା ବେଳ ରେସ୍ତୁରାଣ୍ଟ ଓ ସମ୍ମିଳନୀ କକ୍ଷ ସୁବିଧା ରହିଛି। ଚଳିତ ବର୍ଷ ଭଡା ଯଥାକ୍ରମେ ୪୫୦୦ ଓ ୬ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଶନିବାର ପ୍ରଥମ ଦିନରେ ୧୩ଟି ରୁମ ବୁକିଂ ହୋଇଥିବା ଜଣାପଡିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଜିଲାପାଳ ଭି.କିର୍ତ୍ତୀ ଭାସନ, ଜିଲା ପର୍ଯ୍ୟଟକ ଅଧିକାରୀ ସାରଥୀ ପାର୍ଥ, ଓଟିଡିସି କନିଷ୍ଠ ଯନ୍ତ୍ରୀ ସନ୍ତୋଷ ଜେନା, ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, ବିଡିଓ ବିବେକାନନ୍ଦ ମିଶ୍ରଙ୍କ ସମେତ ଜନପ୍ରତିନିଧି ଉପସ୍ଥିତ ଥିଲେ।




ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାପ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। – ଶ୍ରୀଅରବିନ୍ଦ

ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା



# ନୂତନ ଭାରତର ସ୍ଥିତି



ଆକାର ପଟେଲ

କିଛିବର୍ଷ ପୂର୍ବେ ନୀତି ଆୟୋଗ କହିଥିଲେ, ଭାରତର ର୍ୟାଙ୍କ ସୂଚିତ ହୋଇଥିବା ସମସ୍ତ ଅଣତିରିଶ (ପରବର୍ତ୍ତୀ ସମୟରେ ୩୨ ହୋଇଛି) ବିଶ୍ୱ ସୂଚକାଙ୍କ ପାଇଁ ଗୋଟିଏ ଏକକ, ସୂଚନାପ୍ରଦାନକାରୀ ବୋର୍ଡ ପ୍ରସ୍ତୁତ କରିବେ। ଏହି ନିରୀକ୍ଷଣ କାର୍ଯ୍ୟ କେବଳ ସ୍ଥାନାଙ୍କରେ ଉନ୍ନତି ପାଇଁ ନୁହେଁ ବରଂ ବ୍ୟବସ୍ଥାରେ ଉନ୍ନତି ଓ ସଂସ୍କାର ଦ୍ୱାରା ନିବେଶକୁ ଆକର୍ଷିତ କରିବା ତଥା ବିଶ୍ୱସ୍ତରରେ ଭାରତର ଦୃଷ୍ଟିକୋଣର ବିକାଶ ସକାଶେ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହା ଘଟିଲା ନାହିଁ। ମୋର ଏକ ପୁସ୍ତକରେ, ୨୦୧୪ ତୁଳନାରେ ଭାରତର ସ୍ଥିତି ଏବେ କେଉଁଠି ଅଛି ତାହା ତୁଳନା କରିବା ପାଇଁ ମୁଁ ଚାରି ଡଜନରୁ ଅଧିକ ବିଶ୍ୱ ସୂଚକାଙ୍କ ଉପରେ ଅନୁଧ୍ୟାନ କରିଥିଲି। ତେବେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ଅତ୍ୟନ୍ତ ଶିକ୍ଷଣୀୟ। ଆସନ୍ତୁ ସେହି ସୂଚକାଙ୍କଗୁଡ଼ିକୁ ଦେଖିବା। ମାନବ ବିକାଶ ସୂଚକାଙ୍କରେ, ୨୦୧୪ରେ ଭାରତର ସ୍ଥାନ ଥିଲା ୧୩୦ ଏବଂ ଆଜି ତାହା ଅପରିବର୍ତ୍ତିତ ଅଛି। ଜାତିସଂଘ ରିପୋର୍ଟରେ କୁହାଯାଇଛି, ଅସମାନତା ଭାରତର ମାନବ ବିକାଶ ସୂଚକାଙ୍କକୁ ୩୦.୭% ହ୍ରାସ କରିଛି, ଯାହା ଦେଶର ସବୁଠୁ ବଡ଼ କ୍ଷତି। ଅନ୍ୟପଟେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଅସମାନତାରେ ଉନ୍ନତି ଘଟିଥିବାବେଳେ ଆୟ ଏବଂ ଲିଙ୍ଗଗତ ବୈଷମ୍ୟ ଅତ୍ୟଧିକ ରହିଛି। ସିଭିକସ୍ ମନିଟର ଦର୍ଶାଇଛି, ଭାରତର 'ଅବରୋଧିତ' ନାଗରିକ ସୁଯୋଗ ଏବେ 'ଦମିତ' ହୋଇ ରହିଛି। ଏହା ବ୍ୟତୀତ କୁହାଯାଇଛି, ବିଶ୍ୱରେ ମୋଟ ୪୯ଟି ଦେଶ ଏହି 'ଦମିତ' ବର୍ଗରେ ଅଛନ୍ତି। ଏହି ବର୍ଗରେ ଥିବା ଦେଶଗୁଡ଼ିକରେ ନାଗରିକ ସୁଯୋଗକୁ କ୍ଷମତାଧାରୀମାନେ ଅତ୍ୟଧିକ ସୀମିତ କରିଦେଇଥାନ୍ତି।

ଲୋୱି ଇନ୍‌ଷ୍ଟିଚ୍ୟୁଟ୍‌ର ଏସିଆ ପାୱାର ଇଣ୍ଡେକ୍ସ ଦୃଢ଼ ଶକ୍ତିର ମୂଲ୍ୟାଙ୍କନ କରିଥାଏ। ଏଥିରେ ଭାରତର ସ୍କୋର ବା ପ୍ରାପ୍ତାଙ୍କ ୪୧.୫ରୁ ୩୯.୧କୁ ଖସି ଆସିଛି, ଫଳରେ ଏହା 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ଫ୍ରିଡମ୍ ହାଉସ୍‌ର ଫ୍ରିଡମ୍ ଇନ୍ ଦି ୱାର୍ଲ୍ଡ ବିଶେଷକରି ଆଇନର ଶାସନ, ଶାନ୍ତିପୂର୍ଣ୍ଣ ରାଜନୈତିକ ସହାବସ୍ଥାନ ଓ ନିର୍ବାଚନ, ସରକାରଙ୍କ କାର୍ଯ୍ୟଦକ୍ଷତା, ନାଗରିକ ସ୍ୱାଧୀନତା ଇତ୍ୟାଦିକୁ ଅନୁଧ୍ୟାନ କରିଥାଏ। ୨୦୧୪ରେ ଭାରତ ଏଥିରେ ୭୭ ର୍ୟାଙ୍କ୍‌ରେ ଥିଲା ଓ ଏହାକୁ 'ସ୍ୱାଧୀନ' ଭାବରେ ଚିହ୍ନିତ କରାଯାଇଥିଲା। ୨୦୨୫ରେ ଏହା ୬୩କୁ ଖସି 'ଆଂଶିକ ସ୍ୱାଧୀନ' ବର୍ଗରେ ଅଛି। ଫ୍ରିଡମ୍ ହାଉସ୍ ପ୍ରକାଶ କରିଥିଲା, ଭାରତ ଏକ ବହୁଦଳୀୟ ଗଣତନ୍ତ୍ର ହୋଇଥିଲେ ମଧ୍ୟ ସରକାର ପକ୍ଷପାତପୂର୍ଣ୍ଣ ନୀତି ଏବଂ ମୁସଲିମ ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ନିର୍ଯାତନା ବୃଦ୍ଧିକୁ ପ୍ରଶ୍ରୟ ଦେଇଛି। ୱାର୍ଲ୍ଡ ଜଷ୍ଟିସ ପ୍ରୋଜେକ୍ଟ ଆଇନର ଶାସନ ସୂଚକାଙ୍କ ପ୍ରକାଶ କରେ। ଏହା ଦେଶଗୁଡ଼ିକର ଅପରାଧ ଏବଂ ନାଗରିକ ନ୍ୟାୟ ବ୍ୟବସ୍ଥା, ମୌଳିକ ଅଧିକାର, ସରକାରୀ କ୍ଷମତା ଉପରେ ପ୍ରତିବନ୍ଧକ, ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ସରକାର, ଶୃଙ୍ଖଳା ଓ ସୁରକ୍ଷା ଏବଂ ନିୟାମକ ପ୍ରବର୍ତ୍ତନ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ବିଶ୍ୱସ୍ତରରେ ୬୬ ସ୍ଥାନରେ ଥିଲା, ଏବେ ଖସି ୮୬ରେ ପହଞ୍ଚିଛି। ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱର୍କର ବିଶ୍ୱ ଖୁସି ରିପୋର୍ଟ ମୋଟ ମୁଣ୍ଡପିଛା ଉତ୍ପାଦ (ଜିଡିପି), ସାମାଜିକ ସମର୍ଥନ, ସୁସ୍ଥ ଜୀବନ ଆଶା, ଜୀବନ ପାଇଁ ପସନ୍ଦ କରିବାର ସ୍ୱାଧୀନତା, ସହାନୁଭୂତି, ଦୁର୍ନୀତି ଓ ଅନ୍ୟାୟ ଅତ୍ୟାଚାରର ଅବଧାରଣା ଉପରେ ଅନୁଧ୍ୟାନ କରିଥାଏ। ଏଥିରେ ଭାରତ ୨୦୧୪ରେ ୧୧୧ସ୍ଥାନରେ ଥିଲା ଏବଂ ଏବେ ୧୧୮କୁ ଖସିଛି। ରିପୋର୍ଟର୍ସ ୱିଦାଉଟ ବର୍ଡରର ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତ ୨୦୧୪ରେ ୧୪୦ ସ୍ଥାନରେ ଥିଲା, ଏବେ ୧୫୧କୁ ଖସି ଆସିଛି। ଏହା ପ୍ରକାଶ କରିଛି, ସାମ୍ବାଦିକଙ୍କ ବିରୋଧରେ ହିଂସା, ଅତ୍ୟଧିକ ମାଲିକାନାକୈନ୍ଦ୍ରିକ ଗଣମାଧ୍ୟମ ଏବଂ ରାଜନୈତିକ ବୁଝାମଣା ଯୋଗୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଗଣମାଧ୍ୟମ ସ୍ୱାଧୀନତା ସଙ୍କଟରେ ଅଛି। କାଟୋ ସଂସ୍ଥାର ମାନବ ସ୍ୱାଧୀନତା ସୂଚକାଙ୍କରେ ଭାରତ ୮୭ (୨୦୧୪ରେ) ସ୍ଥାନରୁ ଏବେ ୧୧୦କୁ ଖସି ଆସିଛି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବିଶ୍ୱ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କରେ, ଭାରତ ୨୦୧୪ରେ ୧୧୪ ସ୍ଥାନରୁ ଖସି ୧୩୧ରେ ପହଞ୍ଚିଛି। ୨୦୨୫ରେ ସଂସଦରେ ମହିଳା ପ୍ରତିନିଧିତ୍ୱ ୧୪.୭%ରୁ ୧୩.୮%କୁ ହ୍ରାସପାଇଛି। ସେହିପରି, ମନ୍ତ୍ରୀ ଭାବେ ମହିଳାମାନଙ୍କ ଶେୟାର ୬.୫%ରୁ ୫.୬%କୁ ହ୍ରାସ ଘଟିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଗ୍ଲୋବାଲ କରପ୍‌ସନ ପରସେପ୍ସନ ସୂଚକାଙ୍କ ବିଷୟରେ ପୂର୍ବରୁ ଭାରତର ଗଣମାଧ୍ୟମରେ ନିୟମିତ ଭାବେ ରିପୋର୍ଟ ପ୍ରକାଶ ପାଉଥିଲା, କିନ୍ତୁ ଏବେ ତାହା ଘଟୁନାହିଁ। ଏଥିରେ ଭାରତ ୮୫ (୨୦୧୪ରେ) ସ୍ଥାନରୁ ଖସିଆସି ୯୬ରେ ରହିଛି।

ହେରିଟେଜ ଫାଉଣ୍ଡେଶନର ଗ୍ଲୋବାଲ ଇକୋନୋମିକ ଫ୍ରିଡମ୍ ଇଣ୍ଡେକ୍ସ ଆଇନର ଶାସନ, ସରକାରୀ ଆକାର, ନିୟାମକ ଦକ୍ଷତା ଏବଂ ମୁକ୍ତ ବଜାର ସମ୍ପର୍କରେ ଅନୁଧ୍ୟାନ କରେ। ଭାରତ ୨୦୧୪ରେ ୧୨୦ ସ୍ଥାନରେ ଥିଲା ଏବଂ ଏବେ ଏହାର ସ୍ଥାନ ୧୨୮। ବଜାରକୈନ୍ଦ୍ରିକ ସଂସ୍କାରଗୁଡ଼ିକରେ ପ୍ରଗତିରେ ଅସମାନତା ଯୋଗୁ ଏହା ହୋଇଛି। ଏକ ଦକ୍ଷ କାର୍ଯ୍ୟକ୍ଷମ ଆଇନଗତ ଢାଞ୍ଚାର ଅଭାବରେ ଦୀର୍ଘକାଳୀନ ଅର୍ଥନୈତିକ ବିକାଶର ମୂଳଦୁଆ ଦୁର୍ବଳ ରହିଛି। ଉଦ୍ୟୋଗୀମାନେ ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଭାରତର ନିୟାମକ ଢାଞ୍ଚା ଏବେ ଅବଦମିତ। ଏହାସହ ବିଶ୍ୱ କ୍ଷୁଧା ସୂଚକାଙ୍କ କ୍ଷୁଧା, ବୟସ ଅନୁଯାୟୀ ଶିଶୁଙ୍କ ଉଚ୍ଚତା କମ୍ ତଥା ଅପପୁଷ୍ଟି ଉପରେ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ୭୬ଟି ଦେଶ ମଧ୍ୟରୁ ୫୫ ସ୍ଥାନରେ ଥିଲା। ଏବେ ୧୨୩ଟି ଦେଶ ମଧ୍ୟରୁ ୧୦୨ତମ ସ୍ଥାନରେ ଅଛି। ରିପୋର୍ଟରେ କୁହାଯାଇଛି, ଭାରତରେ କ୍ଷୁଧା ସ୍ତର ଅତି ଗମ୍ଭୀର। ଯେତେବେଳେ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସିବା ଆରମ୍ଭ କଲା, ସେତେବେଳେ ୨୦୨୧ରେ ସରକାର ସଂସଦରେ କହିଥିଲେ ଯେ, ଭାରତୀୟମାନେ ଭୋକିଲା ରହିବା ସମ୍ଭବ ନୁହେଁ ଏବଂ ଆମେ ଏପରି ରିପୋର୍ଟ ପ୍ରତି ସମ୍ବେଦନଶୀଳ ହେବା ଉଚିତ ନୁହେଁ। ସମୟକ୍ରମେ ଏହି ସୂଚକାଙ୍କଗୁଡ଼ିକରୁ ଆମର ସ୍ଥିତି ସାମ୍ନାକୁ ଆସିଛି। ପ୍ରଥମେ ଆମେ ଧରିନେଇଥିଲୁ ଯେ, ସୁଶାସନ ଏକ ପରିବର୍ତ୍ତନ ଆଣିବ। ତା'ପରେ କହିଲୁ ଏହିସବୁ ସୂଚକାଙ୍କରେ ଖରାପ ତଥ୍ୟ ଅଛି ଏବଂ ଏଗୁଡ଼ିକୁ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ଆମ ପ୍ରତି ପକ୍ଷପାତ ନୀତି ଆପଣାଇଥିଲେ। ପରେ ଖବରଗୁଡ଼ିକୁ ଅଣଦେଖା କରିବାକୁ ନିଷ୍ପତ୍ତି ନିଆଯାଇଥିଲା; ଯଦିଓ ତଥ୍ୟ ବାରମ୍ବାର ଆସିଛି ଏବଂ ଏବେ ବି ଆସୁଛି। ହେଲେ ସାଧାରଣ ଗଣମାଧ୍ୟମର ଏଥିପ୍ରତି ଆଗ୍ରହ ରହୁନାହିଁ। ଏଣୁ ଦେଶର ସ୍ଥିତିରେ କ'ଣ ପରିବର୍ତ୍ତନ ଆସିଛି ଏବଂ ନୂତନ ଭାରତ କେଉଁ ଦିଗରେ ଗତି କରୁଛି ତାହା ଜାଣିବା ନାଗରିକ ଉପରେ ଛାଡ଼ି ଦିଆଯାଇଛି।

Email:aakar.patel@gmail.com

# ବାଜେଲୋକଙ୍କ ଜୟଗାନ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରଚଣ୍ଡ ଘୃଣା ସହ ଅଜସ୍ର ବିରକ୍ତି ସୂଚକ 'ବାଜେଲୋକ'ର ଏ ଉଚ୍ଚାରଣ ଯେଉଁ ଚରିତ୍ର ପାଇଁ ଅଭିପ୍ରେତ, ତାଙ୍କର ପୁଣି ଜୟଗାନ। ଜଣଙ୍କ ପ୍ରତି ଅତୃପ୍ତି ଓ ଅସନ୍ତୋଷ ସେତିକି ଉତ୍କଟ ନ ହେଲେ ତାଙ୍କୁ 'ବାଜେଲୋକ' କହି ସାଧାରଣତଃ ନାକ ଟେକାଯାଏନା। ତାଙ୍କ ମୁହଁ ଉପରେ ହେଉ ଅବା ପଛରେ, ଯାହାଙ୍କ ପାଇଁ କଥକର ତୂଣୀରର ନିକ୍ଷିପ୍ତ ଏହି ଶାଣିତ ଶବ୍ଦଶର ଉଦ୍ଦିଷ୍ଟ ସେ ଯେ ସବୁବେଳେ ଏହି ଶରାଘାତରେ ଆହତ ହୁଅନ୍ତି। ତାହା ନୁହେଁ, କିଛି ଲୋକଙ୍କ ମୋଟା ଚମଡ଼ା ଭେଦ କରୁ କରୁ ଶରମୁନ ବଙ୍କା ହୋଇଯାଏ ସିନା, ସେମାନେ ସେମାନଙ୍କ ବାଜେ ପଣିଆକୁ ସାଙ୍ଗରେ ଧରି ଆଗେଇ ଚାଲିଥାନ୍ତି। ମାତ୍ର ଆଉ ଏକ ଜାତୀୟ ବାଜେଲୋକଙ୍କୁ 'ବାଜେଲୋକ'ର ଏହି ଶବ୍ଦାଘାତ ଭୀଷଣ ଆହତ କରେ। ବାହାରକୁ ଅନାହତ, ଅବିଚଳିତ ଜଣାପଡୁଥିଲେ ବି ଭିତରେ ଏକ ଅବ୍ୟକ୍ତ ବେଦନାରେ ଦେହମନରେ କମ୍ପନ ସୃଷ୍ଟି ହୁଏ। ପ୍ରଶ୍ନ ଉଙ୍କିମାରେ– ମୁଁ କ'ଣ ସତରେ ବାଜେଲୋକଟାଏ! ମାତ୍ର ପରକ୍ଷଣରେ ସେ ସହଜ ହୋଇଯାଏ। ଆକ୍ଷେପର ଆକ୍ରମଣରେ ଆହତ ହୋଇଥିବା ତା' ବ୍ୟକ୍ତିତ୍ୱ ଦେହରେ ସମର୍ଥନ ଓ ସମ୍ବେଦନର ଚନ୍ଦନ ବୋଳିଦେବାକୁ କେହି ଯେ ଆଗେଇ ଆସିବେ। ଏଥିପାଇଁ ସେ ଅପେକ୍ଷା କରେନାହିଁ। ନିଜ ତଥାକଥିତ ବାଜେପଣିଆକୁ ଅନ୍ତର ମଧ୍ୟରେ ଲାଳିତ କରି ଅପସ୍ୱୀକୃତିର ଏହି ସନ୍ତକ ନାମଟିକୁ ଗଳାରେ ଝୁଲାଇ ସେ ତା' ନିଜ ରାସ୍ତାରେ ଆଗେଇ ଚାଲେ। ସାମ୍ପ୍ରତିକ ସମୟରେ ସାମାଜିକ ଜୀବନର ବିବର୍ତ୍ତନ ବିଘଟନ ମଧ୍ୟରେ ତଥାପି ନିଜ ବାଜେପଣିଆକୁ ଛାଡ଼ି ପାରୁ ନ ଥିବା କେଇଜଣ ବାଜେଲୋକଙ୍କ କଥା।

ନିକଟରେ ସରିଥିବା ଗଣେଶ ପୂଜା ଉପଲକ୍ଷେ ଚାନ୍ଦା ଆଦାୟ କରିବାକୁ କଲୋନୀସାରା ବୁଲୁଥାନ୍ତି କେଇଜଣ ଯୁବକ। ଆଜିକାଲି ଯେଉଁଠି ଚାନ୍ଦା ଦେଉଥିବା ଦାନକର୍ତ୍ତାଙ୍କ ଭକ୍ତି ଅପେକ୍ଷା ଚାନ୍ଦା ମାଗୁଥିବା ଆଦାୟକାରୀଙ୍କ ଶକ୍ତି ହିଁ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାଏ। ସେଠି ଚାନ୍ଦା ଦେବାକୁ ପଛକରି ଉପଦେଶ ଦେଉଥିବା ଲୋକଙ୍କର ଯେ ଜଞ୍ଜାଳ ବଢ଼ିଯାଏ। ଏହି ସରଳ ସତ୍ୟଟିକୁ ଭୁଲି ଯାଇଥିଲେ କଲୋନୀର ସବୁଠୁ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହୋଦୟ। ଯୁବକସଂଘର ନବଯୁବକଙ୍କୁ ସେ ନିଜର ଛାତ୍ର ଜ୍ଞାନ କରି ଗଣେଶଙ୍କ ଆରାଧନା ସକଳ ପବିତ୍ରତା ମଧ୍ୟରେ ଶୁଦ୍ଧ ଚେତନାର ସହ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଏକଥା ବି କହିଥିଲେ ଯେ ପୂଜାମଣ୍ଡପରେ ଉଚ୍ଚଧ୍ୱନି ସୃଷ୍ଟିକାରୀ ଅଶ୍ଳୀଳ ସଙ୍ଗୀତ ବା ଭସାଣିରେ ଉଦଣ୍ଡ ନୃତ୍ୟ ନ କରିବାକୁ ବଚନବଦ୍ଧ ହେଲେ ସେ ସେମାନଙ୍କୁ ଚାନ୍ଦା ଦେବେ। ବାସ୍ ଏତିକି। ତାଙ୍କ ପରି ବାଜେଲୋକଙ୍କଠୁ ଚାନ୍ଦା ନେଇ ସେମାନେ ପୂଜା କରିବେନି ବୋଲି ସ୍ପଷ୍ଟ ଶୁଣାଇ ଦେଇ ଫେରିଯାଇଥିଲେ ଯୁବକମାନେ।

ଆଉ ଜଣେ ବାଜେଲୋକଙ୍କ କଥା। ସେ ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ। ଅନ୍ୟ ଅଫିସରଙ୍କ ପରି ତାଙ୍କ ଟେବୁଲ ଉପରେ ଗଦା ଗଦା ଫାଇଲ ଶ୍ରୀହସ୍ତର ସ୍ୱାକ୍ଷର ପାଇଁ ଅପେକ୍ଷା କରେ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ପାଇଁ ତାଙ୍କର ପରିଚୟ ଥିଲା 'ନିହାତି ତେଢ଼ା ବାଜେଲୋକଟାଏ'! ପ୍ରଶାସନରେ ଯାହା କିଛି ଲୋକକଲ୍ୟାଣ ପାଇଁ ସମର୍ପିତ ତଥା ଆଇନ ଅନୁମୋଦନ ତାହା କରିବାକୁ ତାଙ୍କୁ କହିବାକୁ ପଡ଼େ ନାହିଁ। ମାତ୍ର ଯାହା କିଛି ଅକରଣୀୟ, ବ୍ୟକ୍ତିସ୍ୱାର୍ଥ ସମ୍ବଳିତ ବା ଆଇନର ପରିପନ୍ଥୀ, ତାହା କରିବାକୁ କହିବା ପାଇଁ କେହି କ୍ଷମତା, ପ୍ରଭାବ ବା ପ୍ରତିପତ୍ତିଶାଳୀ ନେତା ବା ଜନତା ସାହସ କରିପାରନ୍ତି ନାହିଁ। ଏଇ ଅଫିସର ଜଣଙ୍କ ପ୍ରତି ସାଧାରଣ ଲୋକଙ୍କ ଅଶେଷ ଶୁଭେଚ୍ଛା ଝରିପଡୁଥିଲା ସିନା ନିଜ ଚାକିରିକାଳ ମଧ୍ୟରେ ସବୁଠୁ ବେଶି ଯାହା ଅର୍ଜନ କରିଥିଲେ ତାହା ଥିଲା ବାଜେଲୋକର ଏକ ସର୍ଭିସ ସାର୍ଟିଫିକେଟ୍।

ଏ ବାଜେଲୋକ ଜଣକ ଜଣେ ଅଧ୍ୟାପକ। ଶ୍ରେଣୀଗୃହରେ ଅଧ୍ୟାପନା କାଳରେ ସେ ବିଦ୍ୟାର୍ଥୀଙ୍କ ପାଇଁ ସାକ୍ଷାତ୍ ବ୍ରହ୍ମା ପାଲଟି ଯାଇଥାନ୍ତି। ଏମିତି ବୋଧେ କେହି ଜଣେ ଛାତ୍ରୀ ବା ଛାତ୍ର ମିଳିବେ ନାହିଁ, ଯିଏ ତାଙ୍କ ଶିକ୍ଷାଦାନରେ ମୁଗ୍ଧ ହୋଇ ନ ଥିବେ। କେବଳ ପାଠପଢ଼ା ନୁହେଁ କଲେଜର ଯେ କୌଣସି ଗଠନମୂଳକ କାର୍ଯ୍ୟରେ ତାଙ୍କ ସକ୍ରିୟତା ପାଇଁ ସେ ତାଙ୍କ ସହକର୍ମୀଙ୍କ ଲାଗି ପାଲଟି ଯାଇଥାନ୍ତି ଈର୍ଷାର ଈଶ୍ୱର। ନିଜ ଛାତ୍ରୀଛାତ୍ରଙ୍କ ମନରେ ଶୁଦ୍ଧ ଚେତନାର ବିକାଶ ନିମନ୍ତେ ସଦାସର୍ବଦା ସମର୍ପିତ ଥାଏ ତାଙ୍କ ଉଚ୍ଚାରଣ ଓ ଆଚରଣ। ଏ ସକଳ ସ୍ୱୀକୃତି ସତ୍ତ୍ୱେ ବେଶ୍ କିଛି ଛାତ୍ର ଓ ଅଧ୍ୟାପକଙ୍କ ପାଇଁ ତାଙ୍କର ପରିଚୟ ହେଉଛି– 'ସେ ଜଣେ ବାଜେଲୋକ'! ତା'ର ଏକମାତ୍ର କାରଣ ହେଉଛି ପରୀକ୍ଷା ମାମଲାରେ ସେ ବେଶ୍ କଠୋର ଓ ସାଲିସବିହୀନ। କୌଣସି ପିଲାଙ୍କୁ କପି କରାଇ ଦିଅନ୍ତି ନାହିଁ କି ପରୀକ୍ଷକ ଭାବେ କୋଡ଼ିଏ ମାର୍କକୁ ତିରିଶ କରନ୍ତି ନାହିଁ।

ଆଉ ଜଣେ ବାଜେଲୋକଙ୍କ କଥା ପ୍ରସଙ୍ଗରେ କୌଣସି ଏକ ରେଳଯାତ୍ରା ସମୟର ଘଟଣା।



ଦୁଇଜଣ ସାଙ୍ଗ ବିନା ଟିକେଟ୍‌ରେ ରେଳଯାତ୍ରା କରୁଥିବା ବେଳେ ଭିନ୍ନ ଭିନ୍ନ ବଗିରେ ଦୁଇଜଣ ଭିନ୍ନ ଭିନ୍ନ ଟିକେଟ ପରୀକ୍ଷକଙ୍କ ହାତରେ ଧରାପଡ଼ିଲେ। ରେଳଯାତ୍ରା ଶେଷରେ ଦୁହେଁ ଯେତେବେଳେ ମିଳିତ ହୋଇ ନିଜ ନିଜର ଦୁର୍ଭାଗ୍ୟ ସମ୍ପର୍କରେ ସ୍ମୃତିଚାରଣ କରୁଥିଲେ, ଜଣେ କହିଲା ପ୍ରଥମେ ଟିଟିଇ ଭଡ଼ା ଓ ଜରିମାନା ବାବଦକୁ ପାଞ୍ଚଶହ ଟଙ୍କା ମାଗୁଥିଲା। ମାତ୍ର ପକେଟ୍‌ରେ ଶହେ ଟଙ୍କା ଗୁଞ୍ଜି ଦେବାରୁ ଚୁପ୍‌ଚାପ ଚାଲିଗଲା। ପ୍ରଥମ ଯୁବକର ଅନୁଭୂତି ପୁଣି ଦ୍ୱିତୀୟ ସାଙ୍ଗ କପାଳରେ ହାତମାରି ନିଜ ଭାଗ୍ୟକୁ ନିନ୍ଦିଲା ଓ କହିଲା – ତୋ ଭାଗ୍ୟ ସଳଖ, ତୁ ଜଣେ ଭଲ ଟିଟିଇ ହାବୁଡ଼ରେ ପଡ଼ିଲୁ। ମୋର ଦୁର୍ଭାଗ୍ୟ, ନିହାତି ବାଜେଲୋକଟା ହାତରେ ପଡ଼ିଗଲି। ଶହେ ଟଙ୍କା କ'ଣ ଦୁଇଶହ, ପୁଣି ଦୁଇଶହରୁ ତିନିଶହ ଯାଚିଲା ପରେ ବି ସେ ରାଜି ହେଲାନି। ଓଲଟି ଧମକ ଦେଲା ପାଞ୍ଚଶହ ଟଙ୍କା ପଇଠ କରି ରସିଦ ନିଅ, ନ ହେଲେ ଲାଞ୍ଚ ଯାଚୁଥିବା ଅଭିଯୋଗରେ ପୋଲିସରେ ଦେଇଦେବି। ପ୍ରଥମେ ବିନା ଟିକେଟ୍ ଯାତ୍ରା ତ ତାହା ସାଙ୍ଗକୁ ଲାଞ୍ଚ ଯାଚିବାର ଅପରାଧ। ଜାଣିଛ ତ ପରିଣାମ କ'ଣ ହେବ। ଛିଃ ଏତେ ବାଜେଲୋକଟା।

ଲକ୍ଷ୍ୟ କରିବାର କଥା, ସହରର ଛକ ରାସ୍ତାରେ ଗାଡ଼ି ଚାଳକମାନଙ୍କୁ ଯାବତୀୟ ବେନିୟମ କାମ କରିବାକୁ ଛାଡି ଦେଇ ବଟି ଆଦାୟ କରି ନିଜ ପକେଟ୍ ଭରୁଥିବା ଟ୍ରାଫିକ୍ ପୋଲିସ ଅତି ଭଲଲୋକର ସାର୍ଟିଫିକେଟ ପାଉଥିବା ବେଳ ବିନା ହେଲ୍‌ମେଟ ବା ସିଟ୍ ବେଲ୍ଟରେ ଗାଡି ଚାଳନା କରୁଥିବା ଅମାନିଆ ଚାଳକଙ୍କୁ ଦଣ୍ଡିତ କରୁଥିବା କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀ ବାଜେଲୋକର ସମ୍ମାନ ପାଏ। ଜଙ୍ଗଲରୁ ଚୋରାରେ କାଠ କାଟି ଆଣୁଥିବା କେହି ତସ୍କର କୌଣସି ସାଧୁ, କର୍ତ୍ତବ୍ୟପରାୟଣ ବନ ରକ୍ଷକଙ୍କ ପ୍ରତିରୋଧର ସମ୍ମୁଖୀନ ହେଲେ ନିଃଶବ୍ଦରେ ମନ ମଧ୍ୟରେ ଉଚ୍ଚାରିତ ହୁଏ– ନିହାତ ବାଜେ ଲୋକଟା। ଏହାଙ୍କ ପୂର୍ବ ବାବୁ କେତେ ଭଲ ନ ଥିଲେ ! ପାଉଣା ନେଇ ଆଖି ବୁଜି ଦେଉଥିଲେ। ପୁଣି ମାସକୁ କେଇ ହଜାର ଟଙ୍କା ବଟି ନେଇ ନଦୀଗର୍ଭରୁ ଲକ୍ଷ ଲକ୍ଷ ଟଙ୍କାର ବାଲି ଉଠାଇ ନେଉଥିବା ମାଫିଆଙ୍କୁ ନିର୍ବିଘ୍ନରେ ଛାଡି ଦେଉଥିବା ବିଭାଗୀୟ କର୍ମଚାରୀ ଭଲ ଲୋକର ମାନ୍ୟତା ଅର୍ଜନ କରୁଥିବା ବେଳେ ତାକୁ ଦଣ୍ଡିତ କରୁଥିବା କର୍ମଚାରୀଙ୍କୁ କୁହାଯାଏ– 'ବାଜେଲୋକଟା'!

ସାନ୍ତ୍ୱନା ଏତିକି, ସଂଖ୍ୟାରେ ଯେତେ କମ୍ ହେଲେ ବି କପାଳରେ 'ବାଜେଲୋକ'ର ତିଳକ ଆଙ୍କି ଏହି ତଥାକଥିତ ବାଜେଲାକମାନେ ସମାଜ ସଡ଼କରେ ଏକା ଏକା ବାଟ ଚାଲୁଥିଲେ ମଧ୍ୟ ସେମାନଙ୍କୁ ଆପଣାଇ ନେବା ପାଇଁ ଏଠାରେ ଏଯାଏ ବି କିଛି ଲୋକ ଅଛନ୍ତି। ଏମାନଙ୍କ ସଂଖ୍ୟା ସେଇ ବାଜେଲୋକଙ୍କ ସଂଖ୍ୟାଠାରୁ ଆହୁରି ନଗଣ୍ୟ ହୋଇପାରେ। ତଥାପି ଯେତେ ସୀମିତ ହେଲେ ମଧ୍ୟ ଏମାନେ ସେଇ ବାଜେ ଲୋକମାନଙ୍କୁ ଅନ୍ତର ଭିତରେ କୋଳେଇ ନିଅନ୍ତି ଓ ବଡ଼ ଆବେଗରେ ସେମାନଙ୍କ ଜୟଗାନ କରି କୁହନ୍ତି – 'ତୁମର ଏହି ବାଜେ ପଣିଆକୁ ନିଜ ଭିତରେ ବଞ୍ଚାଇ ରଖ ବାବୁ। ତୁମ ପାଇଁ ନ ହେଲେ ବି ସମାଜର ମୂଲ୍ୟବୋଧ ପାଇଁ, ଜଗତର କଲ୍ୟାଣ ପାଇଁ, ଆସନ୍ତାକାଲିର ଉଜ୍ଜ୍ୱଳ ସୂର୍ଯ୍ୟୋଦୟ ପାଇଁ।

–ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ–୮୮୯୫୬୨୪୧୦୫

# 'ଫ୍ଲେଶ୍'ର ସ୍ରଷ୍ଟା

ବ୍ୟକ୍ତିତ୍ୱ



ଡେଭିଡ୍ ସାଲାଏ

ସାହିତ୍ୟ କ୍ଷେତ୍ରରେ ବିଶ୍ୱର ସର୍ବମାନ୍ୟ ନୋବେଲ ପୁରସ୍କାର ପରେ ବୁକର୍ ପ୍ରାଇଜ୍‌ର ମର୍ଯ୍ୟାଦା ରହିଛି। ପ୍ରତିବର୍ଷ ଏହି ସମୟକୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଅନାଇ ବସିଥାଆନ୍ତି ଦେଖିବା ପାଇଁ ସେହି ସେଲିବ୍ରେଟେଡ୍ ରାଇଟର କିଏ ହେବାକୁ ଯାଉଛନ୍ତି। ୨୦୨୫ ପାଇଁ ଭାରତୀୟଙ୍କ ଲାଗି ଆଶା ଉଜ୍ଜ୍ୱଳ କରିଥିବା ଔପନ୍ୟାସିକା କିରନ୍ ଦେଶାଇଙ୍କୁ ପଛରେ ପକାଇ କାନାଡା ଜନ୍ମିତ ହଙ୍ଗେରୀୟ-ବ୍ରିଟିଶ ଲେଖକ ଡେଭିଡ୍ ସାଲାଏ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ଷଷ୍ଠ ଉପନ୍ୟାସ 'ଫ୍ଲେଶ୍' ଏହି ପୁରସ୍କାର ପାଇଥିବା ବେଳେ ହଙ୍ଗେରୀୟ ବଂଶୋଦ୍ଭବ ପ୍ରଥମ ଲେଖକ ଭାବେ ଡେଭିଡ୍ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ବୁକର୍ ପୁରସ୍କାର ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ବଳୟ ବୃଦ୍ଧି ପାଇଛି।

ଡେଭିଡ୍ ଜାନୁଆରୀ ୧୯୭୪ରେ କାନାଡାର ମଣ୍ଟ୍ରିଏଲ୍‌ରେ କାନାଡୀୟ ମାତା ଓ ହଙ୍ଗେରୀୟ ପିତାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ। ଇହୁଦୀ ପରିବାରରେ ଜନ୍ମିତ ଡେଭିଡ୍‌ଙ୍କ ପରିବାର ବେରୁଟ୍ ଚାଲିଯାଇଥିଲେ। ଲେବାନନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ସେମାନେ ସେହି ଦେଶ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଏହା ପରେ ସେମାନେ ଲଣ୍ଡନ ଚାଲିଯାଇଥିଲେ। ସେଠାକାର ସସେକ୍ସ ହାଉସ ସ୍କୁଲରେ ସେ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ସାହିତ୍ୟ ନେଇ ଅଧ୍ୟୟନ କରିଥିଲେ। ସେଠାରୁ ସ୍ନାତକ ହାସଲ କରିବା ପରେ ସେ ଲଣ୍ଡନର କେତେକ ସଙ୍ଗଠନରେ ସେଲ୍ସ କ୍ଷେତ୍ରରେ ଚାକିରି କରିଥିଲେ। ସେହି ଚାକିରି ତାଙ୍କୁ ଭଲ ନ ଲାଗିବାରୁ ସେ ବେଲଜିୟମ୍‌ର ବ୍ରସେଲ୍ସକୁ ଚାଲିଯାଇଥିଲେ। କିନ୍ତୁ ସେଠାରେ ସେ ବେଶି ସମୟ ରହିପାରିଲେ ନାହିଁ। ଶେଷରେ ଡେଭିଡ୍ ଲେଖକ ହେବାର ଉଚ୍ଚାକାଂକ୍ଷା ନେଇ ହଙ୍ଗେରୀର ପେକ୍ସକୁ ଚାଲିଯାଇଥିଲେ। ସେହିଠାରେ ହିଁ ତାଙ୍କ ସୃଜନଶୀଳତା ଶୀର୍ଷ ଛୁଇଁଥିଲା। ତାଙ୍କ ଉପନ୍ୟାସ 'ଅଲ୍ ଦାଟ ମ୍ୟାନ୍ ଇଜ୍' ଓ 'ଟର୍ବୁଲେନ୍ସ' ପାଠକୀୟ ସ୍ୱୀକୃତି ପାଇଥିଲା। ଏପରିକି ଅଲ୍ ଦାଟ ମ୍ୟାନ୍ ଇଜ୍ ୨୦୧୬ ମ୍ୟାନ ବୁକର୍ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଥିଲା। ମାତ୍ର ତାହା ୨୦୧୬ ଗୋର୍ଡନ ବର୍ନ ପୁରସ୍କାର ଜିତିଥିଲା।

କେବଳ ଉପନ୍ୟାସ ନୁହେଁ, ଡେଭିଡ୍ ମଧ୍ୟ ବିବିସି ପାଇଁ ଅନେକ ରେଡିଓ ନାଟକ ଲେଖିଛନ୍ତି। ତାଙ୍କର ୨୦୧୮ରେ ସଂକ୍ଷିପ୍ତ କାହାଣୀ ପୁସ୍ତକ 'ଟର୍ବୁଲେନ୍ସ' ବିବିସି ରେଡିଓ-୪ ପାଇଁ ୧୫ ମିନିଟ୍ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇ ବହୁ ଶ୍ରୋତା ସୃଷ୍ଟି କରିଥିଲା। ଟର୍ବୁଲେନ୍ସ ଅନ୍ତର୍ଭୁକ୍ତ ୧୨ଟି କାହାଣୀ ଅନ୍ତର୍ଜାତୀୟ ଉଡ଼ାଣରେ ଲୋକଙ୍କ ହାବଭାବକୁ ଅନୁସରଣ କରିଥିବା ବେଳେ ଏକବିଂଶ ଶତାବ୍ଦୀରେ ପରିବାର ଓ ବନ୍ଧୁତ୍ୱର ବିଶ୍ୱାୟନକୁ ଅନୁସନ୍ଧାନ କରିଥିବା କୁହାଯାଏ। ତେବେ ସେ ତାଙ୍କର ପ୍ରଥମ ଉପନ୍ୟାସ 'ଲଣ୍ଡନ ଆଣ୍ଡ ଦି ସାଉଥ-ଇଷ୍ଟ' ପାଇଁ ବେଟି ଟ୍ରାସ୍କ ପୁରସ୍କାର ସହ ଜେଫ୍ରି ଫାବର୍ ମେମୋରିଆଲ ପୁରସ୍କାର ଜିତିଥିଲେ। ତା'ପରେ ସେ ଇନୋସେଣ୍ଟ (୨୦୦୯), ସ୍ପ୍ରିଙ୍ଗ (୨୦୧୧) ଓ ଫ୍ଲେଶ (୨୦୨୫) ନାମରେ ତିନୋଟି ଉଚ୍ଚକୋଟୀର ଉପନ୍ୟାସ ଲେଖିଛନ୍ତି। କୁହାଯାଇଥାଏ ଏକ ଟ୍ରାନ୍ସଆଟଲାଣ୍ଟିକ୍ ପୃଷ୍ଠଭୂମି ଡେଭିଡ୍‌ଙ୍କ ବ୍ୟକ୍ତିଗତ ଇତିହାସ ବହନ କରୁଥିବା ବେଳେ ତାଙ୍କ କଥାବସ୍ତୁର ବ୍ୟାପ୍ତି ଅନ୍ତରାଷ୍ଟ୍ରୀୟ। ସେ କାନାଡାରେ ଜନ୍ମ ହୋଇ ଲଣ୍ଡନ୍‌ରେ ବଢ଼ିବା ଓ ହଙ୍ଗେରୀରେ ସୃଜନଶୀଳତାକୁ ସ୍ପଷ୍ଟ ଆକାର ଦେବା ପରେ ଏବେ ଭିଏନାରେ ସହଧର୍ମିଣୀଙ୍କ ସହ ରହୁଛନ୍ତି। ଭ୍ରମଣଶୀଳ ଜୀବନ ତାଙ୍କ ସୃଜନ କାର୍ଯ୍ୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ସମୀକ୍ଷକମାନେ କହିଥାଆନ୍ତି। ତାଙ୍କ ବୁକର୍ ବିଜୟୀ ଉପନ୍ୟାସ 'ଫ୍ଲେଶ' ଜଣେ ହଙ୍ଗେରୀୟଙ୍କ ଜୀବନୀ ଉପରେ ଆଧାରିତ। ଏହା ଏକ ସମ୍ମୋହନକାରୀ ଉପନ୍ୟାସ, ଯେଉଁଥିରେ ନାୟକ ହେଉଛନ୍ତି ଇଷ୍ଟଭାନ୍। ସେ ପରବର୍ତ୍ତୀ ସମୟରେ ଲଣ୍ଡନ ଯାଇ ସେଠାରେ ବିପୁଳ ସମ୍ପତ୍ତିର ମାଲିକ ହୋଇଛନ୍ତି। କାହାଣୀ ହଙ୍ଗେରୀର ସେହି ଲାଜକୁଳା କିଶୋରଠାରୁ ଆରମ୍ଭ ହୁଏ, ଯାହାଙ୍କ ଜୀବନ ଜଣେ ବୟସ୍କ ତଥା ବିବାହିତା ପଡ଼ୋଶୀଙ୍କ ସହ ଏକ ଗୋପନ ସମ୍ପର୍କରେ ପରିବର୍ତ୍ତିତ ହୁଏ। ଏକ ସମ୍ପର୍କ ଯାହା ସେ ବୁଝିପାରୁ ନାହାନ୍ତି, କିନ୍ତୁ ତାହା ତାଙ୍କ ଜୀବନକୁ ଏକ ବିନାଶକାରୀ ପଥ ଆଡ଼କୁ ଠେଲି ହୋଇଯାଉଥିବା ଲେଖକ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ଇଷ୍ଟଭାନ୍ ଏକବିଂଶ ଶତାବ୍ଦୀର ଧନ ଓ କ୍ଷମତାର ଜୁଆରରେ ଭାସିଯାଉଛନ୍ତି। ନିଜର ପ୍ରେମ, ଅନ୍ତରଙ୍ଗତା, ସ୍ଥିତି ଓ ସମ୍ପତ୍ତି ପାଇଁ ପ୍ରତିଯୋଗିତାମୂଳକ ଆବେଗଗୁଡ଼ିକ ତାଙ୍କୁ ଅକଳ୍ପନୀୟ ଧନ ଜିତାଏ, ଯଦିଓ ସେଗୁଡ଼ିକ ତାଙ୍କୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଉଥିବା ଅନୁଭବ ହୁଏ। ଉଚ୍ଚାକାଂକ୍ଷା ଓ ଅଧଃପତନର ଫେଣ୍ଟାଫେଣ୍ଟି କଥାବସ୍ତୁ ଫ୍ଲେଶକୁ ଭିନ୍ନ ଏକ ପାଠକୀୟ ଆଦୃତି ଦେଇଛି ବୋଲି ସମୀକ୍ଷକମାନେ କହିଥାଆନ୍ତି।

ଡେଭିଡ୍ ତାଙ୍କ ପୁରସ୍କାର ଗ୍ରହଣ ଅବସରରେ କହିଛନ୍ତି, ପୁସ୍ତକଟି ତାଙ୍କ ପାଇଁ ଏକ ବିପଦପୂର୍ଣ୍ଣ ଉଦ୍ୟମ ଭଳି ଅନୁଭବ ହୋଇଥିଲା, ଏଇ ଯେମିତି ଅନ୍ତରଙ୍ଗ ବିଷୟବସ୍ତୁଠାରୁ ଏହାର ସିଧାସଳଖ ଶିରୋନାମା ପର୍ଯ୍ୟନ୍ତ। ରୋଡି ଡୋଇଲଙ୍କ ଅଧ୍ୟକ୍ଷତାରେ ବୁକର୍ ବିଚାରକମଣ୍ଡଳୀ 'ଫ୍ଲେଶ୍'କୁ ଏହାର ପୂର୍ଣ୍ଣ ଏକକତା ପାଇଁ ପ୍ରଶଂସା କରିଥିଲେ। ଡେଭିଡ୍ କହନ୍ତି ଯେ, ସେ ବର୍ଷ ବର୍ଷ ଧରି କାମ କରିଥିବା ଅନ୍ୟ ଏକ ଉପନ୍ୟାସ ପରିତ୍ୟାଗ କରିବା ପରେ ଫ୍ଲେଶ୍ ଲେଖିବା ଆରମ୍ଭ କରିଥିଲେ। କିନ୍ତୁ ଏହା ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର ଦେଇଥିବାରୁ ସେ ଆଗକୁ ଆହୁରି ଅଧିକ ଭଲ ଲେଖିବେ ବୋଲି କହିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସାଧାରଣତଃ ବଗିଚାରେ ଔଷଧୀୟ ଗଛ ଘିକୁଆଁରୀ ରଖାଯାଇଥାଏ। ହେଲେ ଏହାର ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି ହୃଷୀକେଶ ଜୟସିଂହ ଧାନେ। ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର ଏହି କୃଷକ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କା ବିଜ୍‌ନେସ କରିବା ସହ ୩୦% ଲାଭ ପାଉଛନ୍ତି। ହୃଷୀକେଶ ୮ ଏକରରେ ଘିକୁଆଁରୀ ଚାଷ କରୁଛନ୍ତି। ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ସେଥିରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶଙ୍କ ଜୀବନ ଯାତ୍ରା ଉତ୍ଥାନପତନ ଦେଇ ଗତି କରିଛି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ। ରୋଜଗାରରେ ଏହା ମଧ୍ୟ ତାଙ୍କୁ ସହଯୋଗ କରିପାରି ନ ଥିଲା। ଫଳରେ ଘିକୁଆଁରୀ ଚାଷ କରିବାକୁ ମନସ୍ଥ କରିଥିଲେ। ୨୦୦୭ରେ ପ୍ରାୟ ୪୦୦୦ ଘିକୁଆଁରୀ ଗଛ ଲଗାଇଥିଲେ। ତାଙ୍କ ଅଞ୍ଚଳରେ ଘିକୁଆଁରୀ ଚାଷୀମାନେ ଫିଙ୍ଗି ଦେଇଥିବା ଗଛଗୁଡ଼ିକୁ ସଂଗ୍ରହ କରିଥିଲେ। ଘିକୁଆଁରୀ ଚାଷ ଓ ସେଥିରୁ ଉତ୍ପାଦ ପ୍ରସ୍ତୁତ କରିବା କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଳେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 7 | | | | 1 | | | 8 | |
| | | 6 | | | 4 | | 3 | |
| | 1 | | | | | | | 6 |
| | | 5 | | 3 | | 1 | 9 | 8 |
| | 8 | 9 | | | | | | |
| | | 4 | | | | 7 | 5 | |
| | 5 | | | | | | | |
| | | 1 | | | 3 | | | |
| 2 | | | 1 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 4 | 8 | 6 | 9 | 5 | 7 |
| 9 | 8 | 5 | 3 | 2 | 7 | 4 | 6 | 1 |
| 4 | 7 | 6 | 1 | 9 | 5 | 8 | 3 | 2 |
| 2 | 3 | 8 | 5 | 1 | 4 | 6 | 7 | 9 |
| 6 | 5 | 9 | 2 | 7 | 8 | 1 | 4 | 3 |
| 7 | 1 | 4 | 9 | 6 | 3 | 5 | 2 | 8 |
| 8 | 4 | 2 | 7 | 5 | 9 | 3 | 1 | 6 |
| 5 | 6 | 7 | 8 | 3 | 1 | 2 | 9 | 4 |
| 3 | 9 | 1 | 6 | 4 | 2 | 7 | 8 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜାତିସଂଘ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ

ମହାଶୟ,

ବିଶ୍ୱରେ ମାନବଜାତିର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଦେଶ ଦେଶ ମଧ୍ୟରେ ସଂହତି ସ୍ଥାପନ ଏବଂ ଯୁଦ୍ଧ-ବିଭୀଷିକାର ଦୂରୀକରଣ ନିମିତ୍ତ ବିଶ୍ୱାସର ବାତାବରଣ ପ୍ରତିଷ୍ଠାର ଆବେଗମୟ ଇଚ୍ଛାରୁ ଜନ୍ମଲାଭ କରିଥିବା ମିଳିତ ଜାତିସଂଘ ବର୍ତ୍ତମାନ ପ୍ରାୟ କ୍ଷେତ୍ରରେ କେବଳ ବିକାଶଶୀଳ ରାଷ୍ଟ୍ରମାନଙ୍କ ଦ୍ୱାରା ପରିଚାଳିତ ହୋଇ ତା'ର କାର୍ଯ୍ୟକାରିତାକୁ ସଙ୍କୁଚିତ କରାଯାଉଛି। କେତେକ ବିକାଶଶୀଳ ଦେଶର ରାଷ୍ଟ୍ରନାୟକଙ୍କର ଅନ୍ୟଦେଶ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାର ମନବୃତ୍ତି ପୃଥିବୀରେ ବହୁ ଖଣ୍ଡଯୁଦ୍ଧର କାରଣ ହୋଇଥିବା ଆଜି ବିଶ୍ୱକୁ କରିଛନ୍ତି ଅଶାନ୍ତମୟ। ଆମେରିକା ଏବଂ ତା' ସହଯୋଗୀ ରାଷ୍ଟ୍ରମାନଙ୍କ ହାତରେ ଜାତିସଂଘ କ୍ରୀଡ଼ନକ ସାଜିଛି। ମନେହେଉଛି, ଯେପରି ଆମେରିକା ହିଁ ଜାତିସଂଘର ଭାଗ୍ୟବିଧାତା ଏବଂ ଆମେରିକାର ନିଷ୍ପତ୍ତି ହିଁ ଜାତିସଂଘରେ ଥିବା ଆର୍ଥିକ ଓ ସାମାଜିକ ସ୍ୱାସ୍ଥ୍ୟ ନ୍ୟାୟ ସୁରକ୍ଷା ପରିଷଦ, ନିରାପତ୍ତା ପରିଷଦ ଓ ଆନ୍ତର୍ଜାତିକ ବିଚାରାଳୟର ନିଷ୍ପତ୍ତି। ବିଶ୍ୱର ବହୁରାଷ୍ଟ୍ରୀୟ ସୈନ୍ୟମାନେ ଇରାକ ଧ୍ୱଂସ କରି ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଅକାରଣେ ଯୁଦ୍ଧାପରାଧରେ ଫାଶୀ ଦେଇପାରିଲେ। ମାତ୍ର ଇସ୍ରାଏଲ ଦ୍ୱାରା ପାଲେଷ୍ଟାଇନରେ ହେଉଥିବା ଗଣହତ୍ୟା ବନ୍ଦ ନିମନ୍ତେ ପଦକ୍ଷେପ ନ ନେବା ଦୁର୍ଭାଗ୍ୟପୂର୍ଣ୍ଣ ନୁହେଁ କି ? ଏହାକୁ କେବକ ଦୁର୍ଭାଗ୍ୟପୂର୍ଣ୍ଣ ନିନ୍ଦନୀୟ ଘଟଣା ବୋଲି କହି ନୀରବ ରହିବା ଜାତିସଂଘର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାତିସଂଘ ମୁଖ୍ୟତଃ କେବଳ ବିକାଶଶୀଳ ସାମରିକ କ୍ଷମତାଶାଳୀ ଦେଶଗୁଡ଼ିକର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବୋଲି ଭାବି ନିରପେକ୍ଷତା ସହିତ କାର୍ଯ୍ୟ ସମ୍ପାଦନ କରିବା ଉଚିତ।

– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୌଗାମ୍ ଥାନା ବିସ୍ଫୋରଣ ଘଟଣାର ମୃତକମାନଙ୍କ ପାଇଁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରିୟଜନଙ୍କୁ ହରାଇଥିବା ଶୋକାକୁଳ ପରିବାର ସଦସ୍ୟ।

# ଆତଙ୍କବାଦର ମୂଳପୋଛ ହେବା ଜରୁରୀ: କଶ୍ମୀର ଉପମୁଖ୍ୟମନ୍ତ୍ରୀ

ଶ୍ରୀନଗର,୧୫ା୧୧(ପି.ଟି.)

ନୌଗାମ୍ ଥାନାରେ ଆକସ୍ମିକ ବିସ୍ଫୋରଣ ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଥିବାବେଳେ ଏହି ଘଟଣାରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସମେତ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି। ଉପରାଜ୍ୟପାଳ ସିହ୍ନା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଓମାର ମୃତାହତଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିସ୍ଫୋରଣରେ ଆଖପାଖର ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ବିଲ୍ଡିଂଗୁଡ଼ିକର ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଓମାର ଶନିବାର ପ୍ରତିଶ୍ରୁତି ଦେଇଛନ୍ତି। ବିସ୍ଫୋରଣରେ ମୃତକଙ୍କ ପରିବାର ସହ ସରକାର ଛିଡ଼ା ହୋଇଛନ୍ତି ଓ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ।

**କ୍ଷତିଗ୍ରସ୍ତ ଘର ପାଇଁ କ୍ଷତିପୂରଣ ପ୍ରତିଶ୍ରୁତି ଦେଲେ ଓମାର**

ଆହତମାନଙ୍କୁ ଯେପରି ସବୁଠୁ ଭଲ ଚିକିତ୍ସା ମିଳିବ ତାହା ସୁନିଶ୍ଚିତ କରିବା ପାଇଁ ଓମାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନୌଗାମ୍ ଥାନା ବିସ୍ଫୋରଣରେ ୯ ଜଣଙ୍କ ମୃତ୍ୟୁ ଘଟଣାରେ ଜମ୍ମୁ-କଶ୍ମୀର ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧରୀ ଗଭୀର ଦୁଃଖପ୍ରକାଶ କରିବା ସହ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ମୂଳପୋଛ କରାଯିବା ଜରୁରୀ ବୋଲି କହିଛନ୍ତି। ସବୁ ରାଜନୈତିକ ଦଳ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଛିଡ଼ା ହେବା ଉଚିତ, ଯେପରି ଜମ୍ମୁ-କଶ୍ମୀର ଜନସାଧାରଣ ଶାନ୍ତିପୂର୍ଣ୍ଣ ଜୀବନ ଜିଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ଏବଂ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ଅଧ୍ୟକ୍ଷ ଗୁଲାମ ନବୀ ଆଜାଦ ଏହି ଦୁଃଖଦ ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ମୃତ ଦରଜି ଥିଲେ ପରିବାରର ଏକମାତ୍ର ରୋଜଗାରକ୍ଷମ

ଶ୍ରୀନଗର,୧୫ା୧୧

ନୌଗାମ୍ ଥାନା ବିସ୍ଫୋରଣ ଘଟଣାରେ ପ୍ରାଣ ହରାଇଥିବା ଦରଜି ମହମ୍ମଦ ଶାଫି ପରାୟ ଜଣେ ସଚେତନ ନାଗରିକ ଭାବରେ ତଦନ୍ତକାରୀ ପୋଲିସ ଅଫିସରଙ୍କୁ ବିସ୍ଫୋରକ ନମୁନା ସଂଗ୍ରହରେ ସହାୟତା କରିବା ପାଇଁ ଶୁକ୍ରବାର ସକାଳେ ଘରୁ ବାହାରି ଯାଇଥିଲେ। ୪୭ ବର୍ଷୀୟ ପରାୟ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳେ ତାଙ୍କର ସ୍ତ୍ରୀ ଓ ୩ ପିଲା ରହିଛନ୍ତି। ପରାୟ ପୂର୍ବରୁ ମଧ୍ୟ ଅନେକ ଥର ପୋଲିସକୁ ତଦନ୍ତରେ ସହାୟତା କରିଥିଲେ। ଶୁକ୍ରବାର ସକାଳେ ସେ ଥାନାରେ ତଦନ୍ତକାରୀ ଟିମ୍ ସହ ସାମିଲ ହୋଇ ସେଠାରେ ରହିଥିଲେ। ଘରକୁ ଯାଇ ରାତ୍ରିଭୋଜନ ପରେ ଶୀତବସ୍ତ୍ର ଧରି ପୁନର୍ବାର ଥାନାକୁ ଆସିଥିଲେ। ଫରିଦାବାଦରୁ ଜବତ ବିସ୍ଫୋରକ ସାମଗ୍ରୀରୁ ନମୁନା ସଂଗ୍ରହରେ ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌କୁ ପରାୟ ସହାୟତା କରୁଥିବାବେଳେ ବିସ୍ଫୋରଣ ଘଟିଥିଲା।

# ଆର୍.କେ. ସିଂଙ୍କ ସମେତ ୩ ଭାଜପାରୁ ନିଲମ୍ବିତ

## ଦଳବିରୋଧୀ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ



ରାଜକୁମାର ସିଂ



ଅଶୋକ କୁମାର ଅଗ୍ରୱାଲ



ଉଷା ଅଗ୍ରୱାଲ

ପାଟନା,୧୫ା୧୧

ବିହାରରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିରୋଧରେ ବିସ୍ଫୋରକ ବୟାନ ଦେଇଆସୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର ସିଂଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ଶନିବାର ଦଳରୁ ନିଲମ୍ବନ କରାଯାଇଛି। ତାଙ୍କୁ କାହିଁକି ଦଳରୁ ବହିଷ୍କାର କରା ନ ଯିବ ଏହାର କାରଣ ଦର୍ଶାଇବାକୁ ଦଳ ପକ୍ଷରୁ ତାଙ୍କୁ କୁହାଯାଇଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସିଂଙ୍କୁ ନିଲମ୍ବନ କରାଯିବାର କିଛି ସମୟ ପରେ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସେହିପରି ବିଧାନ ପରିଷଦ ସଦସ୍ୟ ଅଶୋକ କୁମାର ଅଗ୍ରୱାଲ ଏବଂ ତାଙ୍କ ସ୍ତ୍ରୀ ତଥା କଟିହାର ମେୟର ଉଷା ଅଗ୍ରୱାଲଙ୍କ ବିରୋଧରେ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଇଛି। ସେମାନଙ୍କ ପୁଅ କଟିହାର ବିଧାନସଭା ଆସନରୁ ବିକାଶଶୀଳ ଇନ୍‌ସାନ୍ ପାର୍ଟି ଟିକେଟରେ ଭାଜପା ବିଧାୟକ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦଙ୍କ ବିରୋଧରେ ଲଢୁଥିବାବେଳେ ଅଗ୍ରୱାଲ ଦମ୍ପତି ତାଙ୍କ ପାଇଁ ପ୍ରଚାର କରୁଥିଲେ।

ସୂଚନାଯୋଗ୍ୟ, ରାଜକୁମାର ସିଂ ସ୍ୱରାଷ୍ଟ୍ର ସଚିବ ପଦରୁ ଅବସର ନେବା ପରେ ୨୦୧୪ରେ ଭାଜପାରେ ଯୋଗଦେଇଥିଲେ। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କ ଭଳି ସେ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ନେତା ଥିଲେ। ତେବେ ଗତ ଲୋକ ସଭା ନିର୍ବାଚନରେ ସେ ତାଙ୍କ ପୂର୍ବର ଆରା ଆସନକୁ ବଜାୟ ରଖିବାରେ ବିଫଳ ହୋଇଥିଲେ। ଭାଗଲପୁରରେ ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ଆଦାନୀ ଗ୍ରୁପ୍ ସହ ରାଜ୍ୟ ସରକାରଙ୍କ ଚୁକ୍ତି ସ୍ୱାକ୍ଷରରେ ସିଂଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

# ଉତ୍ଥାନ ପତନ ଅବଶ୍ୟମ୍ଭାବୀ

ପାଟନା,୧୫ା୧୧

**ବିହାର ପରାଜୟ ପରେ ଆର୍‌ଜେଡିର ପ୍ରଥମ ପ୍ରତିକ୍ରିୟା**


ବିହାର ବିଧାନସଭା ନିର୍ବାଚନରେ ଆର୍‌ଜେଡି ପରାଜିତ ହେବା ପରେ ଉତ୍ଥାନ, ପତନ ଅବଶ୍ୟମ୍ଭାବୀ ବୋଲି ଦଳ ପ୍ରଥମ ପ୍ରତିକ୍ରିୟାରେ କହିଛି। ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ଲକ୍ଷ୍ୟ ରଖିଥିବା ଆର୍‌ଜେଡିକୁ ନିର୍ବାଚନ ଫଳାଫଳ ବଡ଼ ଝଟକା ଦେଇଛି। ଶାସକ ଏନ୍‌ଡିଏ ୨୦୨ ଆସନରେ ଜିତି ଐତିହାସିକ ସଫଳତା ହାସଲ କରିଥିବାବେଳେ ଆର୍‌ଜେଡି ନେତୃତ୍ୱାଧୀନ ମହାମେଣ୍ଟକୁ ୩୫ ଆସନରେ ସୀମିତ ରହିବାକୁ ପଡ଼ିଛି। ପରାଜୟ ସତ୍ତ୍ୱେ ଆର୍‌ଜେଡି ନିରାଶ ନୁହେଁ ବୋଲି ଦଳର X ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ଫଳାଫଳ ସାଧାରଣ ଜୀବନରେ ସ୍ୱାଭାବିକ ଉତ୍ଥାନ ପତନର ଏକ ଅଂଶ। ଜନସେବା ଏକ ନିରନ୍ତର ପ୍ରକ୍ରିୟା ଏବଂ ଅନ୍ତହୀନ ଯାତ୍ରା। ତେଣୁ ପରାଜୟରେ ହତାଶ ହେବାର କାରଣ ନାହିଁ। ଆର୍‌ଜେଡି ଗରିବମାନଙ୍କ ଦଳ ଏବଂ ସେମାନଙ୍କ ଉତ୍ଥାନ ପାଇଁ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ଉକ୍ତ ବାର୍ତ୍ତାରେ କୁହାଯାଇଛି।

୨୦୨୦ ନିର୍ବାଚନରେ ଆର୍‌ଜେଡି ୭୫ ଆସନ ଜିତିଥିବାବେଳେ ଏଥର ୨୫ ଆସନରେ ସୀମିତ ରହିଛି। ୨୦୨୦ ପରେ ଏହା ଦଳର ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ତାଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଥିଲା ଓ କ୍ଷମତାକୁ ଫେରିବା ଲାଗି ଆଶାବାଦୀ ଥିଲା।

# ଖାର୍ଗେଙ୍କୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୧୫ା୧୧

ବିହାର ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଦଳର ନେତା ରାହୁଲ ଗାନ୍ଧୀ ଶନିବାର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କୁ ଭେଟିଛନ୍ତି। ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏଆଇସିସି ମୁଖ୍ୟାଳୟରେ ରାହୁଲ ଦଳର ଶୀର୍ଷ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଦଳର କୋଷାଧ୍ୟକ୍ଷ ଅଜୟ ମାକେନ ଏବଂ ବିହାର ଦାୟିତ୍ୱରେ ଥିବା କ୍ରିଷ୍ଣା ଅଲ୍ଲାଭରୁ ଉପସ୍ଥିତ ଥିଲେ। ବିହାର ନିର୍ବାଚନରେ କଂଗ୍ରେସ ୬୧ ଆସନରେ ଲଢ଼ିଥିବାବେଳେ ମାତ୍ର ୬ଟିରେ ବିଜୟୀ ହୋଇଛି। ୨୦୧୦ ପରେ ଏହା ଦଳର ସବୁଠୁ ଖରାପ ପ୍ରଦର୍ଶନ।



ରାହୁଲ ଗାନ୍ଧୀ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଆଲୋଚନା କରୁଛନ୍ତି।

ବିହାର ନିର୍ବାଚନ ଫଳାଫଳ ବିସ୍ମୟକର ଏବଂ ନିର୍ବାଚନ ଆରମ୍ଭରୁ ହିଁ ସ୍ୱଚ୍ଛ ନ ଥିଲା ବୋଲି ରାହୁଲ ଶୁକ୍ରବାର କହିଥିଲେ।

# ଖାଦ୍ୟସାମଗ୍ରୀ ଶୁଳ୍କ ହଟାଇଲେ ଟ୍ରମ୍ପ୍

ୱାଶିଂଟନ,୧୫ା୧୧

ଆମେରିକାରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ଜନ ଅସନ୍ତୋଷ ବଢ଼ିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର କଫି, ଗୋମାଂସ, କଦଳୀ ଓ କମଳା ଜୁସ୍ ସମେତ ୨୦୦ରୁ ଊର୍ଦ୍ଧ୍ୱ ଖାଦ୍ୟସାମଗ୍ରୀ ଉପରୁ ଶୁଳ୍କ ଛାଡ଼ କରିଛନ୍ତି। ଟ୍ରମ୍ପ୍ ବିଦେଶରୁ ଆମଦାନୀ ସାମଗ୍ରୀ ଉପରେ ଟାରିଫ୍ ବଢ଼ାଇବା ଫଳରେ ସ୍ଥାନୀୟ ବଜାରରେ ଦରଦାମ୍ ବୃଦ୍ଧି ପାଇଥିଲା। ତେବେ ଆମଦାନୀ ଶୁଳ୍କ ବୃଦ୍ଧି ମୁଦ୍ରାସ୍ଫୀତିକୁ ପ୍ରଭାବିତ କରୁ ନ ଥିବା ଟ୍ରମ୍ପ୍ ପୂର୍ବରୁ କହିଥିଲେ। ଭିର୍ଜିନିଆ, ନ୍ୟୁଜର୍ସି ଏବଂ ନ୍ୟୁୟର୍କ ସିଟିରେ ରାଜ୍ୟ ଓ ସ୍ଥାନୀୟ ନିର୍ବାଚନରେ ଡେମୋକ୍ରାଟ୍‌ଙ୍କ ବିଜୟ ହୋଇଥିଲା। ସେଠାରେ ଭୋଟରଙ୍କ ମଧ୍ୟରେ ମୁଦ୍ରାସ୍ଫୀତିକୁ ନେଇ ଅସନ୍ତୋଷର ତୀବ୍ର ପ୍ରତିଫଳନ ଦେଖିବାକୁ ମିଳିଥିଲା, ଯାହାକି ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ଥିଲା।

# ଜାତୀୟ ପ୍ରେସ୍ ଦିବସ



## ଭ୍ରାମାତ୍ମକ ଖବର ଓ ଗଣମାଧ୍ୟମର ବିଶ୍ୱସନୀୟତା

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ସଦା ଦେଶ ଓ ସମାଜ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ସତ୍ୟର ସନ୍ଧାନ, ନିରପେକ୍ଷ ଖବର ପ୍ରସାରଣ ଓ ଜନମତ ଗଠନ ହେଉଛି ଏହାର ମୂଳ ଲକ୍ଷ୍ୟ। ଆଜିର ଯୁଗ ହେଉଛି ତଥ୍ୟ ବିସ୍ଫୋରଣର ଯୁଗ। କିନ୍ତୁ ତଥ୍ୟ ଓ ପ୍ରଯୁକ୍ତି ଯୁଗରେ ଆଜିର ଗଣମାଧ୍ୟମ ଯେଉଁ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି, ତାହା ହେଲା ଭ୍ରାମାତ୍ମକ ଖବର ବା ଫେକ୍ ନ୍ୟୁଜ୍‌ର ବିପଜ୍ଜନକ ପ୍ରସାର। ସାମାଜିକ ଗଣମାଧ୍ୟମ ଆସିବା ପରେ ଏହା ଆହୁରି ବିସ୍ତାରିତ ହୋଇଛି ସତ, କିନ୍ତୁ ତା' ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ ସତ୍ୟତାର ଯାଞ୍ଚ ଅନେକ ସମୟ ଉପେକ୍ଷିତ ହୋଇପଡୁଛି।

ସୋସିଆଲ ମିଡିଆ ଓ ଡିଜିଟାଲ୍ ମାଧ୍ୟମର ପ୍ରଭାବରେ ସତ୍ୟ ଓ ମିଥ୍ୟାକୁ ପରଖିବା କେତେ ଅସୁବିଧାଜନକ ତାହା ଆମେ ସମସ୍ତେ ଉପଲବ୍ଧି କରିଛନ୍ତି। ସତ୍ୟ ଓ ଭ୍ରମ ମିଶିଗଲା ପରେ ସାଧାରଣ ଜନତା ଏବେ ଅନେକ ଖବର ପ୍ରତି ସନ୍ଦେହୀ। ସତ ବୋଲି ଆମେ ଯାହାକୁ ପୂର୍ବରୁ ଭାବୁଥିଲୁ, ଏବେ ତାହା ମିଛ ବୋଲି ଜାଣିବାକୁ ପାଉଛୁ। ଏହି ପରିପ୍ରେକ୍ଷୀରେ ଭ୍ରାମାତ୍ମକ ଖବର ହେଉଛି ଏକ ଚିନ୍ତାର ବିଷୟ। ପ୍ରତିଦିନ ବିଭିନ୍ନ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଗୋଟିଏ ଖବର ଉପରେ ଭିନ୍ନ ଭିନ୍ନ ତଥ୍ୟ ବା ସୂଚନା ମିଳିଥାଏ। ତା' ମଧ୍ୟରୁ କେଉଁଟା ଠିକ୍ ଆଉ କେଉଁଟି ଭୁଲ୍ ତାହା ପାଠକ ବା ଦର୍ଶକଙ୍କୁ ଦ୍ୱନ୍ଦ୍ୱରେ ପକାଏ। ବ୍ରେକିଂ ନ୍ୟୁଜ୍ ଆଜି ସଞ୍ଚାର ଜଗତର ନୂଆ ମନ୍ତ୍ର ହୋଇ ଯାଇଛି। ତ୍ୱରିତ ଖବର ଦେବାର ମୋହ ଏତେ ବଢ଼ିଛି ଯେ, ତଥ୍ୟର ସତ୍ୟତା ଯାଞ୍ଚ ଅନେକ ସମୟେ ଅବହେଳିତ ହେଉଛି। ଫଳରେ ଭ୍ରାମାତ୍ମକ ଖବର ଲୋକମାନଙ୍କ ମନୋଭାବ ଓ ବିଶ୍ୱାସକୁ ହାନି ପହଞ୍ଚାଉଛି। ଭ୍ରାମାତ୍ମକ ଖବର ମାତ୍ର ଏକ ତ୍ରୁଟିଯୁକ୍ତ ତଥ୍ୟ ନୁହେଁ ବରଂ ଏହା ଏକ ଅସତ୍ୟ ପ୍ରଚାର, ଯାହା ସମାଜକୁ ବିଭକ୍ତ କରୁଛି, ଘୃଣା ସୃଷ୍ଟି କରୁଛି ଓ ଜନମତକୁ ବିପର୍ଯ୍ୟସ୍ତ କରୁଛି। ଫଳରେ ଗଣମାଧ୍ୟମ ପ୍ରତି ଲୋକଙ୍କ ଆସ୍ଥା ହ୍ରାସ ପାଉଛି ଓ ଚତୁର୍ଥ ସ୍ତମ୍ଭ ପରିଭାଷା ଦୁର୍ବଳ ହେଲା ପରି ଲାଗୁଛି।



ଆଜି ଭ୍ରାମାତ୍ମକ ଶବ୍ଦ ନିଜେ ଅସ୍ତ୍ର ପାଲଟି ଯାଇଛି। ଆଜି ଆମକୁ ବ୍ରେକିଂ ନ୍ୟୁଜ୍‌ର ଶବ୍ଦ ଅତିରଞ୍ଜିତ ଲାଗୁଛି। ଯେଉଁ ଖବର ରାଜନୀତିଜ୍ଞ ବା ଅଧିକାରୀଙ୍କ ପାଇଁ ଅସୁବିଧାଜନକ, ତାହାକୁ ଫେକ୍ ବା ଅସତ୍ୟ ବୋଲି ଅଭିହିତ କରାଯାଉଛି। ଏହା ଗଣମାଧ୍ୟମର ନିରପେକ୍ଷତାକୁ ଆହୁରି ଆଘାତ ଦେଉଛି। ଭ୍ରାମାତ୍ମକ ଖବର ଲୋକତନ୍ତ୍ରର ମୂଳ ଧାରାକୁ ବିକୃତ କରୁଛି। ନିର୍ବାଚନ ସମୟରେ ମନଗଢ଼ା ତଥ୍ୟ ଜନମତକୁ ପ୍ରଭାବିତ କରୁଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭ୍ରାମାତ୍ମକ ସୂଚନା ଲୋକମାନଙ୍କୁ ଭୁଲ୍ ଚିକିତ୍ସା ଅନୁସରଣ କରିବାକୁ ପ୍ରେରିତ କରୁଛି। ବ୍ୟବସାୟ ଓ ଆର୍ଥିକ କ୍ଷେତ୍ରରେ ଏହି ଭ୍ରାମାତ୍ମକ ଖବର ଅର୍ଥ ଓ ପ୍ରତିଷ୍ଠାନ ଉଭୟର କ୍ଷତି କରୁଛି। କେତେକ ସ୍ଥଳେ ଭୁଲ୍ ଖବର ବା ଗୁଜବ ମାନବୀୟ ହିଂସା ଓ ଦଙ୍ଗା ସୃଷ୍ଟି କରି ଜନମାନସରେ କ୍ଷତି ପହଞ୍ଚାଉଛି। ଫଳସ୍ୱରୂପ, ଲୋକମାନଙ୍କ ମନରେ ଗଣମାଧ୍ୟମ ପ୍ରତି ଆସ୍ଥା ହ୍ରାସ ପାଉଛି।

ଏଥିପାଇଁ ଆଜିର ସମୟରେ ପ୍ରଧାନ ଦାୟିତ୍ୱ ହେଉଛି ଗଣମାଧ୍ୟମର ବିଶ୍ୱସନୀୟତାକୁ ସଂରକ୍ଷିତ କରିବା। ପ୍ରତ୍ୟେକ ସମାଚାର ପ୍ରସ୍ତୁତି ପୂର୍ବରୁ ଏହାର ଉତ୍ସ ଠିକ୍ କି ନୁହେଁ ତାହାର ତଥ୍ୟ ଯାଞ୍ଚ ନିହାତି ଆବଶ୍ୟକ। ତଥ୍ୟ ଯାଞ୍ଚ ମାନେ ହେଉଛି ଖବର ପ୍ରକାଶନ ଅବା ପ୍ରସାରଣ ପୂର୍ବରୁ ସତ୍ୟ କି ମିଥ୍ୟା ତାହା ପରଖିବା ପ୍ରକ୍ରିୟା। ଯେଉଁଥିରେ ଗଣମାଧ୍ୟମ କିମ୍ବା ସମ୍ପାଦନା ମଣ୍ଡଳୀ ତଥ୍ୟଗୁଡ଼ିକୁ କେଉଁ ନିଶ୍ଚିତ ଉତ୍ସରୁ ଆସିଛି ତାହା ସମୀକ୍ଷା କରନ୍ତି। ବ୍ରେକିଂ ନ୍ୟୁଜ୍ ପରିବର୍ତ୍ତେ ଆମର ଆବଶ୍ୟକ ରହିଛି ଭେରିଫାଏଡ୍ ନ୍ୟୁଜ୍‌ର ପୁନଃ ସ୍ଥାପନ। ସେଥିପାଇଁ ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କର କିଛି କର୍ତ୍ତବ୍ୟ ରହିଛି ଯାହା ଠିକ୍ ଭାବେ ଅନୁପାଳନ ହେବା ଦରକାର। ଏଠାରେ ଡିଜିଟାଲ ମିଡିଆ ସାକ୍ଷରତା କଥା ନିଶ୍ଚୟ କହିବା ଉଚିତ ମନେହେବ। ଜନସାଧାରଣ କିପରି ଭ୍ରାମାତ୍ମକ ଖବରକୁ ଚିହ୍ନିପାରିବେ ତାହା ସେମାନଙ୍କୁ ଶିଖାଇବା ଆବଶ୍ୟକ। ଏହା ଏକ ସାମାଜିକ ଦାୟିତ୍ୱ। ଭ୍ରାମାତ୍ମକ ତଥ୍ୟର ଶୃଙ୍ଖଳା ସେତେବେଳେ ଭାଙ୍ଗିବ ଯେତେବେଳେ ସାଧାରଣ ପାଠକ ଅବା ଦର୍ଶକଟିଏ ସତ୍ୟ ଓ ଅସତ୍ୟର ଭେଦ ଜାଣି ପାରିବ। ସାମ୍ବାଦିକତା ମାନେ କେବଳ ଖବର ଦେବା ନୁହେଁ, ଏହା ଏକ ଦାୟିତ୍ୱ, ଏକ ଆହ୍ୱାନ, ଏକ ଜନସେବା। ସତ୍ୟ କେବେ ଲୁଚିଯାଏ ନାହିଁ, ଯଦି ଗଣମାଧ୍ୟମ ତାହାକୁ ନିଷ୍ଠାରେ ପାଳନ କରେ ତେବେ ଜନତାର ଆସ୍ଥା ପୁନଃ ସ୍ଥାପନ ହୋଇପାରିବ।

**- ସରୋଜ କୁମାର ଶତପଥୀ**
ମୋ:୯୩୪୮୧୨୭୪୪୭

**ଗଣତନ୍ତ୍ରକୁ ବଜାୟ ରଖିବା ଏବଂ ସ୍ୱଚ୍ଛ ଯୋଗାଯୋଗକୁ ପ୍ରୋତ୍ସାହିତ କରିବାରେ ପ୍ରେସ୍(ଗଣମାଧ୍ୟମ)ର ଭୂମିକାକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ପାଳିତ ହୋଇଆସୁଛି 'ଜାତୀୟ ପ୍ରେସ ଦିବସ'। ସୂଚନାଯୋଗ୍ୟ, ୧୯୬୬ ମସିହାର ଏହି ଦିବସରେ ପ୍ରେସ୍ କାଉନ୍‌ସିଲ ଅଫ ଇଣ୍ଡିଆ ଏକ ସ୍ୱାଧୀନ, ସାମ୍ବିଧାନିକ ସଂସ୍ଥା ଭାବରେ ପ୍ରତିଷ୍ଠିତ ହୋଇଥିଲା। ଏହି ଅବସରରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା, ନିରପେକ୍ଷତା ଆଦି ଦାୟିତ୍ୱଗୁଡ଼ିକୁ ଠିକ୍ ଭାବରେ ପରିବେଷଣ କରିବା ଦିଗରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ କେତେକ ବିଦ୍ୟାର୍ଥୀ ଓ ଅଧ୍ୟାପକଙ୍କ ମତାମତକୁ ନେଇ ଉପସ୍ଥାପନା...**

### ଖବର ନିରପେକ୍ଷ, ଗ୍ରହଣୀୟ ହେବା ଜରୁରୀ



ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ପ୍ରେସ୍(ଗଣମାଧ୍ୟମ)ର ଅବଦାନ ଅତୁଳନୀୟ। ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତିବିଶେଷ ନିଜର ମତାମତ ଦେବା ସହ ସୂଚନା କମ୍ ସେକେଣ୍ଡରେ ଉପସ୍ଥାପନ କରିପାରୁଛନ୍ତି। କିନ୍ତୁ ଏହି ସୂଚନା ନିରପେକ୍ଷ, ନିର୍ଭୀକ ଓ ଗ୍ରହଣୀୟ ହେବା ଦରକାର; ଯଦ୍ୱାରା ଲୋକଙ୍କର ଆଶା ଓ ବିଶ୍ୱାସ ସର୍ବଦା ବଜାୟ ରହିପାରିବ।

**-ପ୍ରଜ୍ଞା ପାରମିତା ମିଶ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ଛାତ୍ରୀ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

### ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା ଆବଶ୍ୟକ



ଜାତୀୟ ପ୍ରେସ ଦିବସରେ ଆମେ ମୂଲ୍ୟବୋଧ ସହିତ ପ୍ରେସ୍ ମୁକ୍ତି ଓ ନୈତିକତା ପ୍ରତି ଯତ୍ନବାନ ହେବା ଲାଗି ସମସ୍ତଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ଏହି ଦିନ ଆମକୁ ଗଣମାଧ୍ୟମର ସ୍ୱାଧୀନତା ସହିତ ପକ୍ଷପାତ ଓ ସାଲିସବିହୀନ, ସତ୍ୟ ଓ ନିଃସ୍ୱାର୍ଥପର ଖବର ପରିବେଷଣ ପାଇଁ ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି ତା' ଉପରେ ଚିନ୍ତନ ମନ୍ଥନ କରାଯାଏ। ପ୍ରେସ ମୁକ୍ତି ଓ ନୈତିକତାର ସମନ୍ୱୟ ଦେଶର ଉନ୍ନତ ଭବିଷ୍ୟତର ଆଧାର। ଏହି ଦିନରେ ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା କରି ଗଣତାନ୍ତ୍ରିକ ଉପାୟରେ ସେଗୁଡ଼ିକର ମୁକାବିଲା କରାଯିବା ଉଚିତ।

**-ଡ. ନଳିନୀ ପାତ୍ର,** ଅଧ୍ୟାପକ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ

### ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ



ଆଜିର ପରିବର୍ତ୍ତନଶୀଳ ସମାଜରେ ଏକ ସ୍ୱାଧୀନ, ଦାୟିତ୍ୱଶୀଳ ଓ ନୈତିକ ପ୍ରେସ୍‌ର ଅପରିହାର୍ଯ୍ୟ ଭୂମିକାକୁ ସ୍ମରଣ କରାଏ। ସାମାଜିକ ଗଣମାଧ୍ୟମର ବ୍ୟାପକ ବ୍ୟବହାର ଯୋଗୁ ଜାଲି ଖବର ବ୍ୟାପକ ବେଗରେ ପ୍ରସାରିତ ହେଉଛି। ଆଜିର ପରିସ୍ଥିତିରେ ପ୍ରେସ୍‌ର କର୍ତ୍ତବ୍ୟ କେବଳ ଖବର ପହଞ୍ଚାଇବା ନୁହେଁ, ସମାଜରେ ସତ୍ୟ, ସ୍ୱଚ୍ଛତା ଓ ଦାୟିତ୍ୱକୁ ରକ୍ଷା କରିବା ମଧ୍ୟ ଜରୁରୀ। ସେଥିପାଇଁ ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ।

**-ଦେବଲିନ ବେହେରା,** ଛାତ୍ରୀ, ଆଇଆଇଏମ୍‌ସି, ଢେଙ୍କାନାଳ

### ଜାଗ୍ରତ ପ୍ରହରୀ ଦାୟିତ୍ୱ ନିଭାଇବାକୁ ପଡ଼ିବ




ସମାଜର ଉନ୍ନୟନ ଯାତ୍ରାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନର ଜ୍ୱଳନ୍ତ ଇତିହାସ ହେଉ କି ଜମ୍ମୁ-କଶ୍ମୀରରୁ ଧାରା ୩୭୦ର ଅବସାନ ଏସବୁରେ ଗଣମାଧ୍ୟମ ଏକ ଶକ୍ତିଶାଳୀ ସେତୁ ସାଜିଛି। ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ। ଏହା କଣ୍ଟାଏ କଣ୍ଟାଏ ପାଳନ କରିବାକୁ ହେବ। ଯଦି ଏହି ପ୍ରହରୀ ନିଜ ଦାୟିତ୍ୱରୁ ବିମୁଖ ହୁଏ, ତେବେ ସମାଜର ଅଗ୍ରଗତି ବନ୍ଦ ହୋଇଯିବ । ନିର୍ଭୀକ ଓ ନିଷ୍ପତ୍ତିପୂର୍ଣ୍ଣ ସାମ୍ବାଦିକତା ପ୍ରତ୍ୟେକ ସାମ୍ବାଦିକଙ୍କ ପ୍ରତିଜ୍ଞା ହେବା ଉଚିତ।

**-ସ୍ୱାଗତିକା ମୁଦୁଲି,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ

ରିପୋର୍ଟ- ଶୁଚିସ୍ମିତା ସାହୁ, ଭୁବନେଶ୍ୱର

# ନିର୍ଣ୍ଣାୟକ ମୋଡ଼ରେ କୋଲକାତା ଟେଷ୍ଟ



ଉଇକେଟ ନେବାପରେ ରବୀନ୍ଦ୍ର ଜାଡେଜା (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**କୋଲକାତା, ୧୫।୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ମ୍ୟାଚ୍‌ର ପ୍ରଥମ ଦିନରେ ୧୧ ଉଇକେଟ ଓ ଦ୍ୱିତୀୟ ଦିନ ୧୫ ଉଇକେଟର ପତନ ଘଟିଛି। ଏଭଳି ଫଳାଫଳ ଉଭୟ ଦଳର ବୋଲରଙ୍କ ଆଧିପତ୍ୟକୁ ଦର୍ଶାଉଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୯ ରନ କରିଥିବା ବେଳେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଛି। ଫଳରେ ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ ହରାଇ ୯୩ ରନ କରିଛି। ଘରୋଇ ଦଳ ପାଇଁ ରବୀନ୍ଦ୍ର ଜାଡେଜା ୪ ଓ କୁଲଦୀପ ଯାଦବ ୨ ଉଇକେଟ ଅକ୍ତିଆର କରିଛନ୍ତି। ଭ୍ରମଣକାରୀ ଦଳ ବର୍ତ୍ତମାନ ୬୩ ରନରେ ଆଗୁଆ ଥିବାବେଳେ ହାତରେ ୩ ଉଇକେଟ ସୁରକ୍ଷିତ ରଖିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେମ୍ବା ବଭୁମା ୨୯ ଓ କର୍ବିନ ବୋଶ୍ଚ ୧ ରନରେ ଅପରାଜିତ ରହିଛନ୍ତି।

ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭/୧ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ ଓ ୱାଶିଂଟନ ସୁନ୍ଦର ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଡ଼ିଥିଲେ। ରାହୁଲ ୩୯ (୪ ଚୌକା ଓ ୧ ଛକା) ଓ ସୁନ୍ଦର ୨୯ (୨ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଅଧିନାୟକ ଶୁବମନ ଗିଲ (୪) ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୧୩୨ ରନରେ ୩ ଉଇକେଟ ହରାଇଥିବା ଭାରତୀୟ ଦଳ ପରବର୍ତ୍ତୀ ୫୭ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇଥିଲା। ଫଳରେ ଭାରତୀୟ ଦଳ ୧୮୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଉପ ଅଧିନାୟକ ରିଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ୨୭ ଲେଖାଏ ରନ କରିଥିବା ବେଳେ ଧ୍ରୁବ ଜୁରେଲ ୧୪ ଓ ଅକ୍ଷର ପଟେଲ ୧୬ ରନ କରିଥିଲେ। ବୋଲିଂରେ ଭ୍ରମଣକାରୀ ଦଳ ପକ୍ଷରୁ ସିମନ ହାର୍ମର ୪ ଓ ମାର୍କୋ ଜାନସେନ ୩ ଉଇକେଟ ନେଇଥିବା ବେଳେ କେଶବ ମହାରାଜ ଓ କର୍ବିନ ବୋଶ୍ଚ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୧୮୯/ଅଲଆଉଟ୍ (ଲୋକେଶ ରାହୁଲ-୩୯, ୱାଶିଂଟନ ସୁନ୍ଦର-୨୯, ରିଷଭ ପନ୍ତ-୨୭, ସିମନ ହାର୍ମର-୪/୩୦, ମାର୍କୋ ଜାନସେନ-୩/୩୫)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୩୫ ଓଭରରେ ୯୩/୭ (ଟେମ୍ବା ବଭୁମା-୨୯*, ରବୀନ୍ଦ୍ର ଜାଡେଜା-୪/୨୯, କୁଲଦୀପ ଯାଦବ-୨/୧୨)।



ଇଡେନ ଗାର୍ଡେନ୍ସରେ ଶନିବାର ଶୁବମନ ଗିଲ୍ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡୁଛନ୍ତି।

# କିଟ୍ ଷ୍ଟାଡିୟମରେ ବଦଳିବ କି ଓଡ଼ିଶାର ଭାଗ୍ୟ

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ୫ମ ମ୍ୟାଚ କିଟ୍ କ୍ରିକେଟ ଷ୍ଟାଡିୟମରେ ନାଗାଲାଣ୍ଡ ସହିତ ଖେଳିବ। ଏଲିଟ ଗ୍ରୁପ୍ 'ଏ'ର ଏହି ମ୍ୟାଚ ରବିବାର ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ। ଚଳିତ ସିଜନରେ ଓଡ଼ିଶା ଦଳର ପ୍ରଦର୍ଶନ ଏପର୍ଯ୍ୟନ୍ତ ଅତି ଦୟନୀୟ ରହିଛି। ୪ଟି ମ୍ୟାଚ ଖେଳିସାରିଥିବା ଓଡ଼ିଶା ୩ ପରାଜୟ ଏବଂ ଗୋଟିଏ ଡ୍ର ସହ ମାତ୍ର ୧ ପଏଣ୍ଟ ପାଇଛି। ପଏଣ୍ଟ ଟେବୁଲର ନିମ୍ନ ୨ ସ୍ଥାନରେ ଓଡ଼ିଶା ଓ ନାଗାଲାଣ୍ଡ ଦଳ ରହିଛି। ଦୁଇଟି ଯାକ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଥିବାରୁ ଓଡ଼ିଶା ଲାଗି ଏହି ମ୍ୟାଚର ଗୁରୁତ୍ୱ ବଢ଼ିଛି। କାରଣ ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡକୁ ଯଦି ଓଡ଼ିଶା ଏଠାରେ ପରାସ୍ତ କରି ନ ପାରେ ତେବେ ଆସନ୍ତା ସିଜନରେ ପ୍ଲେଟ ଡିଭିଜନକୁ ଖସିବା ବିପଦ ସୃଷ୍ଟି ହେବ। ମ୍ୟାଚ ପରେ ମ୍ୟାଚକୁ ନେଇ ଦଳର ଯୋଜନା ଓ ରଣନୀତି ସବୁକିଛି ଅସ୍ପଷ୍ଟ ରହିଛି। ପ୍ରଥମ ୩ ମ୍ୟାଚ ପରେ ଚୟନକର୍ତ୍ତାମାନେ ଦଳରେ ଖେଳାଳି ପରିବର୍ତ୍ତନ କରିଥିଲେ, ମାତ୍ର ଯଥା ପୂର୍ବଂ ତଥା ପରମ୍। ଅର୍ଥାତ୍ ବିଦର୍ଭ ବିପକ୍ଷ ଚତୁର୍ଥ ମ୍ୟାଚରେ ମଧ୍ୟ ପରାଜୟ ମିଳିଲା। ୫ମ ମ୍ୟାଚ ପାଇଁ ପୁଣି ଦଳରେ ପରିବର୍ତ୍ତନ କରାଯାଇ ଅଭିଜ୍ଞ ବିପ୍ଲବ ସାମନ୍ତରାୟ ଓ ଉଇକେଟ କିପର ସାୱନ ପହାରିଆଙ୍କୁ ସାମିଲ କରାଯାଇଛି। ବ୍ୟାଟର ସନ୍ଦୀପ ପଟ୍ଟନାୟକ, ଉଇକେଟ କିପର ରାଜେଶ ଧୂପର ଓ ବାମହାତୀ ସ୍ପିନର ଜାମଲା ଭଞ୍ଜନ ମହାପାତ୍ରଙ୍କୁ



ବିପ୍ଲବ ସାମନ୍ତରାୟଙ୍କ ବୋଲିଂ ଅଭ୍ୟାସ।

ଦଳରୁ ବାଦ୍ ଦିଆଯାଇଛି। ତେଣୁ କିଟ୍ କ୍ରିକେଟ ଷ୍ଟାଡିୟମରେ ଦଳର ଭାଗ୍ୟ ପରିବର୍ତ୍ତନ ହେବା ଆଶାରେ ରହିଛନ୍ତି ଓଡ଼ିଶାର କ୍ରିକେଟପ୍ରେମୀ। କାରଣ ଆଗକୁ ଅବଶିଷ୍ଟ ୨ଟି ମ୍ୟାଚରେ ଓଡ଼ିଶା ଶକ୍ତିଶାଳୀ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବା କାର୍ଯ୍ୟସୂଚୀ ରହିଛି। ତେଣୁ ଘରୋଇ ପିଚ୍ ଓ ପରିବେଶରୁ ଫାଇଦା ଉଠାଇ ନାଗାଲାଣ୍ଡ ବିପକ୍ଷରେ ନିଜକୁ ପ୍ରମାଣିତ କରିବାକୁ ବଡ଼ ସୁଯୋଗ ଆସିଛି ଓଡ଼ିଶା ଖେଳାଳିଙ୍କ ପାଇଁ। ଉଭୟ ଦଳ ଶନିବାର କିଟ୍ ଷ୍ଟାଡିୟମରେ କଡ଼ା ଅଭ୍ୟାସ କରିଛନ୍ତି।

### ରେକର୍ଡ

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଏହା ପୂର୍ବରୁ ମାତ୍ର ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ୨୦୨୩ ଜାନୁଆରୀ ୬ରୁ ୯ ପର୍ଯ୍ୟନ୍ତ କଟକର ଡ୍ରିମ୍ସ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ ଡ୍ର ରହିଥିଲା। ଚେତନ ବିସ୍ତ (୧୩୩ ରନ)ଙ୍କ ଶତକ ସହାୟତାରେ ନାଗାଲାଣ୍ଡ ପ୍ରଥମ ଇନିଂସରେ ୪୩୩ ରନ ସ୍କୋର କରିଥିଲା। ମାତ୍ର ଶାନ୍ତନୁ ମିଶ୍ର(୨୦୦)ଙ୍କ ଦ୍ୱିଶତକ ଓ ପ୍ରୟାସ ସିଂ (୧୦୪)ଙ୍କ ଶତକ ସହାୟତାରେ ଓଡ଼ିଶା ୮ ଉଇକେଟ ବିନିମୟରେ ୫୩୫ ରନର ବିଶାଳ ସ୍କୋର କରି ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିବାରୁ ୩ ପଏଣ୍ଟ ପାଇଥିଲା। ଏଥର ନାଗାଲାଣ୍ଡର ପ୍ରଦର୍ଶନ ମଧ୍ୟ ଭଲ ରହିନାହିଁ। ବିଦର୍ଭ ନିକଟରୁ ଏକ ଇନିଂସ ୧୭୯, ଝାଡ଼ଖଣ୍ଡଠାରୁ ଏକ ଇନିଂସ ୧୯୬ ଏବଂ ଉତ୍ତର ପ୍ରଦେଶଠାରୁ ଏକ ଇନିଂସ ୨୬୫ ରନରେ ହାରିଥିବାବେଳେ ତାମିଲନାଡୁ ବିପକ୍ଷ ମ୍ୟାଚକୁ ଡ୍ର ରଖି ପ୍ରଥମ ଇନିଂସ ପଛୁଆ ରହିବା ଭିତ୍ତିରେ ମାତ୍ର ୧ ପଏଣ୍ଟ ପାଇଛି। ତାମିଲନାଡୁ ବିପକ୍ଷରେ ଡେଗା ନିଶ୍ଚଲ (୧୭୫) ଓ ଇମଲିୱାତି ଲେମଟୁର (୧୪୬) ବଡ଼ ଇନିଂସ ଖେଳିଥିଲେ ହେଁ ପରବର୍ତ୍ତୀ ୨ଟି ମ୍ୟାଚରେ ତାହାକୁ ପୁନରାବୃତ୍ତି କରିପାରି ନାହାନ୍ତି। ତେଣୁ ଓଡ଼ିଶା ଟିମ୍ ମ୍ୟାନେଜମେଣ୍ଟ ଯୋଜନାବଦ୍ଧ ଭାବେ ରଣନୀତି ପ୍ରସ୍ତୁତ କରି ଆଗାମୀ ମ୍ୟାଚଲାଗି ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ସେସନ ଭିତ୍ତିରେ ମ୍ୟାଚର ସ୍ଥିତିକୁ ଦୃଷ୍ଟିରେ ରଖି ରଣନୀତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ନ ହେଲେ ଦଳ ପାଇଁ ଏଲିଟ ଗ୍ରୁପ୍‌ରେ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ ଅଧିନାୟକ), ଗୌରବ ଚୌଧୁରୀ, ବିପ୍ଲବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ସାୱନ ପହାରିଆ, ସୌରଭ ଗୌଡ଼ା, ଅନିଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି, ତରନି ସା, ତାପସ ଦାସ ଓ ପ୍ରଶାନ୍ତ କୁମାର ରଣା।

**ନାଗାଲାଣ୍ଡ ଦଳ:** ରଙ୍ଗସେନ ଜୋନାଥନ (ଅଧିନାୟକ), ଚେତନ ବିସ୍ତ, ଦୀପ୍ ବୋରା, ହେମ ଚେତ୍ରି, ଓଡିଲେମ୍ଭୁ କିଚୁ, ସୌରଭ କୁମାର, ଇମଲିୱାତି ଲେମଟୁର, ରୋନିତ ମୋରେ, ନାଜାଙ୍ଗୁଙ୍ଗ ମୋଙ୍ଖଇ, ଡେଗା ନିଶ୍ଚଲ, ସେଦେଝାଲି ରୁପେରୋ, ତହମିଦ ରହମନ, ଯୁଗନ୍ଧର ସିଂ, ତୋହୁକା ଝିମୋ, ଭିନୋ ଝିମୋନି।

### ୨୦୨୫-୨୬ ରଣଜୀ ସିଜନ

(ଏପର୍ଯ୍ୟନ୍ତ ଖେଳିଛି ୪ ମ୍ୟାଚ)

- ବନାମ ବରୋଦା: ୭ ଉଇକେଟରେ ପରାସ୍ତ
- ବନାମ ଉତ୍ତର ପ୍ରଦେଶ: ମ୍ୟାଚ ଡ୍ର, ୧ ପଏଣ୍ଟ
- ବନାମ ଆନ୍ଧ୍ର ପ୍ରଦେଶ: ଏକ ଇନିଂସ ୫୦ ରନରେ ପରାସ୍ତ
- ବନାମ ବିଦର୍ଭ: ୧୦୦ ରନରେ ପରାସ୍ତ

## ଗିଲ୍ ଆହତ

**କୋଲକାତା, ୧୫।୧୧(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟର ଅବଶିଷ୍ଟାଂଶ ଖେଳ ଲାଗି ଭାରତୀୟ ଅଧିନାୟକ ଶୁବମନ ଗିଲ ଉପଲବ୍ଧ ହେବେ କି ନାହିଁ, ସେ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଶନିବାର ରିଟାୟର୍ଡ ହର୍ଟ ହୋଇଥିବା ଗିଲ ବେକରେ ସର୍ଭିକାଲ କଲାର ଲଗାଇଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଇନିଂସର ୩୫ତମ ଓଭରରେ ଦକ୍ଷିଣ ଆଫ୍ରିକୀୟ ସ୍ପିନର ସିମନ ହାର୍ମରଙ୍କ ଏକ ବଲ୍‌କୁ ସ୍ଲଗ-ସୁଇପ୍ ମାରିବାକୁ ଉଦ୍ୟମ କଲାବେଳେ ଗିଲ୍‌ଙ୍କ ବେକରେ ଆଘାତ ଲାଗିଥିଲା। ଫିଜିଓ ତାଙ୍କର ଚିକିତ୍ସା କରିବା ପରେ ସେ ପଡ଼ିଆ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସନ୍ଧ୍ୟାରେ ପରିସ୍ଥିତି ଅଧିକ ଜଟିଳ ହୋଇଯାଇଥିଲା। ଗିଲ୍ ବେକ୍‌ରେ ସର୍ଭିକାଲ କଲାର ଲଗାଇଥିବା ନଜର ଆସିଥିଲା। ଏ ସମ୍ପର୍କରେ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ମର୍ନି ମୋର୍କେଲ କହିଛନ୍ତି, ଆମକୁ ପ୍ରଥମେ ନିର୍ଣ୍ଣୟ କରିବାକୁ ପଡ଼ିବ ଯେ ତାଙ୍କ ବେକରେ ଆଘାତ କେଉଁ ଭଳି ଲାଗିଲା। ମୋ ମତରେ ସେ ଗତ ରାତିରେ ଠିକ୍ ଭାବେ ଶୋଇ ନାହାନ୍ତି। ସେ ଜଣେ ଖୁବ୍ ଫିଟ୍ ଖେଳାଳି। ସେ ନିଜର ଭଲ ଯତ୍ନ ନିଅନ୍ତି। ଦୁର୍ଭାଗ୍ୟର ବିଷୟ ଯେ, ଶନିବାର ସକାଳେ ଉଠିଲା ବେଳେ ସେ ବେକରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହି ସମସ୍ୟା ସହିତ ସେ ଖେଳିଥିଲେ। କାରଣ ଶନିବାର ମ୍ୟାଚ୍‌ଟି ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

## ମନ୍ଧାନାଙ୍କୁ ୫୦ ଲକ୍ଷ ପୁରସ୍କାର

**ମୁମ୍ବାଇ, ୧୫।୧୧(ପି.ଟି.)**

ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ଶନିବାର ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳର ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏମ୍‌ସିଏ ପକ୍ଷରୁ ମନ୍ଧାନାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭାରତୀୟ ମହିଳା ଦଳର ବିଶ୍ୱକପ୍ ବିଜୟରେ ମନ୍ଧାନାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୮ ମ୍ୟାଚ୍‌ରେ ୫୪.୩୫ ଆଭରେଜରେ ୪୩୪ ରନ କରିଥିଲେ।









Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 16/2025 Page 16 ₹ 7.00 RAYAGADA
୫୧ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 350 ମୂଲ୍ୟ ₹୭/-

# ରାଜନୈତିକ ପରିବର୍ତ୍ତନର ସମ୍ଭାବନା

**ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଫଳାଫଳ ଆସିବା ପରେ ଓଡ଼ିଶା ରାଜନୀତିରେ ଅନେକ ରାଜନୈତିକ ଅଙ୍କ ବଦଳିବା ନେଇ ଏବେଠାରୁ ଚର୍ଚ୍ଚା ହେଲାଣି। ଯଦିଓ ଏବେ ବିରୋଧୀ ଆସନରେ ବସୁଛି ତଥାପି ବିଜେଡିର ଭବିଷ୍ୟତ ଏବଂ ଆଭ୍ୟନ୍ତରୀଣ ରାଜନୀତି ବିଷୟରେ ଜାଣିବା ପାଇଁ ଅଧିକାଂଶ ଲୋକ ବିଶେଷ ରୁଚି ରଖୁଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଉପନିର୍ବାଚନରେ ବିଜେଡି ଫଳାଫଳ ଦେଖିବା ପରେ ଗାଁ ଗହଳିରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାର ଏକ ଗଭୀର ପ୍ରଭାବ ରାଜ୍ୟବ୍ୟାପୀ ବିଜେଡି ନେତା ଓ କର୍ମୀଙ୍କ ଉପରେ ପଡ଼ିଥିବା କୁହାଯାଉଛି। ଧରିତ୍ରୀ ପକ୍ଷରୁ ନୂଆପଡ଼ା ଉପନିର୍ବାଚନକୁ ନେଇ ଅନେକ ଖବର ପ୍ରକାଶ କରାଯାଇଥିଲା। ଜୟ ଢୋଲକିଆ ବିଜେଡିରୁ ପ୍ରାର୍ଥୀ ହେଉନାହାନ୍ତି, ଏପରି ଏକ ଖବର ଧରିତ୍ରୀରେ ଅକ୍ଟୋବର ୯ ରେ 'ଢୋଲକିଆ ଯିବେ କୁଆଡ଼େ' ଶୀର୍ଷକରେ ପ୍ରକାଶ ପାଇଥିଲା। ଏହାର ଗୋଟିଏ ଦିନ ପରେ ୧୧ ତାରିଖରେ ଢୋଲକିଆ ଭାଜପାରେ ସାମିଲ ହୋଇଥିଲେ। ସେହିପରି ଧରିତ୍ରୀ ପକ୍ଷରୁ ଅକ୍ଟୋବର ୧୮ରେ ଆଉ ଏକ ଖବର '୩ ନମ୍ବର ହେଲେ ସରିଲା' ଶୀର୍ଷକରେ ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା, ବିଜେଡି ଏହି ଉପନିର୍ବାଚନରେ ଯଦି ୩ ନମ୍ବର ସ୍ଥାନକୁ ଖସିଯାଏ ତେବେ ସାଧାରଣ ଲୋକମାନେ ଭବିଷ୍ୟତରେ ଯଦି କୌଣସି ନିର୍ବାଚନରେ ସରକାର ବିରୋଧରେ ଭୋଟ୍ ଦେବାକୁ ଚିନ୍ତା କରନ୍ତି ତେବେ ୨ ନମ୍ବର ଦଳ ପ୍ରତି ଅଧିକ ଆକୃଷ୍ଟ ହେବା ସମ୍ଭାବନା ବଢ଼ିଯାଇପାରେ।

ରାଜନୈତିକ ମହଲରେ ନୂଆପଡ଼ା ଫଳାଫଳକୁ ନେଇ ଚାଲିଥିବା ଚର୍ଚ୍ଚା ମୁତାବକ, ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ୧,୨୩,୮୬୯ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୪୦ ହଜାର ୧୨୧ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮,୪୦୮ ଖଣ୍ଡ ଭୋଟ୍ ପାଇ ୩ ନମ୍ବର ହୋଇଛନ୍ତି। ଅର୍ଥାତ୍ ଘାସିରାମ ୮୩ ହଜାର ୭୪୮ ଖଣ୍ଡ ଭୋଟ୍‌ରେ ଜୟଙ୍କଠାରୁ ପରାଜିତ ହୋଇଛନ୍ତି। ଯେଉଁଠି ସ୍ନେହାଙ୍ଗିନୀଙ୍କଠାରୁ ଘାସିରାମ ମାତ୍ର ୧୭୧୩ ଖଣ୍ଡ ଭୋଟ୍‌ରେ ଆଗେଇପାରିଛନ୍ତି। ବିଜେଡିକୁ ପଛରେ ପକାଇବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଏକମାତ୍ର ଖୁସିର ବିଷୟ ହୋଇପାରେ। ହେଲେ ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ଯେଉଁ ଭୋଟ୍ ପାଇଥିଲେ, ଏଥର କଂଗ୍ରେସକୁ ଯାଇ ୧୦ ହଜାର ୮୨୦ ଖଣ୍ଡ କମ୍ ଭୋଟ୍ ପାଇଲେ। ଭକ୍ତଙ୍କ ନେତୃତ୍ୱକୁ ଭରସା କରିଥିବା ଘାସିରମ ଗତଥର ତୁଳନାରେ ଲୋକଙ୍କ ପାଖରେ ଆହୁରି କମ୍ ଗ୍ରହଣୀୟ ହେଲେ। ଏପରି ସ୍ଥିତିରେ ବିଜେଡିଠାରୁ ଯଦି ତୃଣମୂଳସ୍ତରର କର୍ମୀମାନେ ମୁହଁ ଫେରାଇବା ପ୍ରକ୍ରିୟା ବୃଦ୍ଧି ପାଇପାରେ ବୋଲି ଯେଉଁ ଆକଳନ କରାଯାଉଛି ତା'ର ଫାଇଦା ସିଧାସଳଖ ଶାସକ ଦଳ ପାଖକୁ ଯାଇପାରେ। କାରଣ ଭାଜପା ଓଡ଼ିଶାରେ ସରକାରକୁ ଆସିସାରିଥିଲେ ମଧ୍ୟ ପଞ୍ଚାୟତ, ଜୋନ୍ ଏବଂ ବ୍ଲକ୍‌ସ୍ତରରେ ନିଜର ସଙ୍ଗଠନକୁ ସେତିକି ମଜଭୁତ କରିପାରିନାହିଁ। ଆଗକୁ ଏଥିରେ ଭାଜପା ସୁଧାର ଆଣିପାରେ ବୋଲି ରାଜନୈତିକ ବିଶାରଦମାନେ ନୂଆପଡ଼ା ଫଳାଫଳକୁ ଦେଖି ବିଚାର କରୁଛନ୍ତି।

ଅନ୍ୟପକ୍ଷରେ ନୂଆପଡ଼ାର ଫଳ ବିଜେଡିର ଆଗଧାଡ଼ିର ନେତାମାନଙ୍କ ଭିତରେ ଏକ ଅଜଣା ଭୟ ସୃଷ୍ଟି କରିଥିବା ଶୁଣିବାକୁ ମିଳୁଛି। ବିଜେଡିର କେତେଜଣ ନେତାଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନୂଆପଡ଼ା ଫଳାଫଳ ଯାହା ହେଲା ଏହାପରେ ଗଣମାଧ୍ୟମ ଆଗକୁ ଆସି କିଛି କହିବାକୁ କାହା ପାଖରେ ସାହସ ହେଲା ନାହିଁ। ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ବାଚନ ଏମିତି ଆସିବ ଓ ଯିବ ବୋଲି କହିବା ସତ୍ତ୍ୱେ ଶନିବାର ସୁଦ୍ଧା ବିଜେଡିର ଅନ୍ୟ କୌଣସି ନେତା ଉପନିର୍ବାଚନ ବାବଦରେ ପଦୁଟିଏ ମୁହଁ ଖୋଲିପାରୁନାହାନ୍ତି। ପ୍ରଥମେ ନିର୍ବାଚନରେ ୩ ନମ୍ବର ସ୍ଥାନ ପାଇବା ଯୋଗୁ ରାଜ୍ୟବ୍ୟାପୀ କର୍ମୀମାନଙ୍କ ଭିତରେ ନାକାରାତ୍ମକ ଚିନ୍ତା ସୃଷ୍ଟି ହୋଇସାରିଛି, ଏହାପରେ ଯଦି ଦଳର କେଉଁ ନେତା ଗଣମାଧ୍ୟମ ଆଗକୁ ଯାଇ ମୁହଁ ନ ଖୋଲି ଘରେ ରହିବେ, ତେବେ ବିଜେଡି ସମର୍ଥକ କାହିଁକି ଆଉ ସେମାନଙ୍କ ସାଙ୍ଗରେ ରହିବେ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପଟେ ନୂଆପଡ଼ା ଫଳାଫଳ ପରେ ଦଳର ଆଗାମୀ ରଣନୀତି କ'ଣ ହେବ ଏବଂ ନବୀନଙ୍କ ନେତୃତ୍ୱକୁ ଭରସାକରି ସେମାନେ କେତେଦୂର ଆଗକୁ ବଢ଼ିପାରିବେ, ଏପରି ଅନେକ ପ୍ରଶ୍ନ ସେମାନଙ୍କ ଭିତରେ ଉଠିଲାଣି। ଅର୍ଥାତ୍ ଦଳର ମୁଖ୍ୟ ନେତୃତ୍ୱ ଉପରେ ଆଗଧାଡ଼ିର ନେତାମାନେ ପ୍ରଶ୍ନ ଉଠାଇବା ଆରମ୍ଭ କଲେଣି ବୋଲି ଶୁଣାଯାଉଛି, ଯାହା ରାଜନୀତିର ଏକ ବିରାଟ ସମସ୍ୟା ବୋଲି କୁହାଯାଇପାରେ। କାରଣ ଗାଁ ଗହଳିର ରାଜନୀତି କରୁଥିବା ଅନେକ ଲୋକ ରାଜନୈତିକ ଦଳ ସହ ରହି କେବଳ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ପତିଆରା ବଢ଼ାଇବା ସେମାନଙ୍କ ମୂଳ ଲକ୍ଷ୍ୟ ରହିଥାଏ। ବିଜେଡି ପ୍ରଥମେ ସରକାରରୁ ଯିବା ସହ ଏବେ ଯେତେବେଳେ ଉପନିର୍ବାଚନରେ ଆହୁରି ଖରାପ ପ୍ରଦର୍ଶନ କରୁଛି, ଏହାର କୁପ୍ରଭାବ ମଧ୍ୟ ଦଳର ଗ୍ରାମାଞ୍ଚଳ ନେତାଙ୍କ ଉପରେ ପଡ଼ିବା ସମ୍ଭାବନା ରହିଛି। ଅନ୍ୟପଟେ ଉପନିର୍ବାଚନ ଲଢ଼ିବା ଲାଗି ଯେତିକି ଅର୍ଥ ଦେବା ପାଇଁ ଦଳ ପକ୍ଷରୁ କୁହାଯାଇଥିଲା ସେତିକି ମଧ୍ୟ ମିଳି ନ ଥିବା ନୂଆପଡ଼ାର ବିଜେଡି ମହଲରେ ଆଲୋଚନା ହେଉଛି। ୨ଥର ଗସ୍ତ କରିବା ପରେ ନବୀନଙ୍କ ଲୋପ୍ରିୟତା ଆଉ ପୂର୍ବଭଳି ନ ଥିବାର ଏକ ବାର୍ତ୍ତା ମଧ୍ୟ ଏହି ଫଳାଫଳ ପରେ ତୃଣମୂଳସ୍ତରକୁ ଯାଇସାରିଛି।

ଭକ୍ତଚରଣ ଦାସ ପୂର୍ବରୁ ଲଢ଼ିଥିବା କଳାହାଣ୍ଡି ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ। ଓଡ଼ିଶା ପିସିସି ସଭାପତି ଭାବେ ଭକ୍ତଙ୍କୁ ଦାୟିତ୍ୱ ମିଳିବା ପରେ ତାଙ୍କ ନେତୃତ୍ୱରେ କଂଗ୍ରେସ ପ୍ରଥମ ଉପନିର୍ବାଚନର ସାମ୍ନାକଲା। ହେଲେ ନିଜ ଲୋକ ସଭା କ୍ଷେତ୍ରରେ ନେତୃତ୍ୱ ନେଇ ଭକ୍ତ ଏତେ ନୈରାଶ୍ୟଜନକ ଫଳ ଆଣିବା ଯୋଗୁ ରାଜ୍ୟବ୍ୟାପୀ କଂଗ୍ରେସ ନେତାମାନେ ପିସିସି ସଭାପତିଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଉଥିବା ଚର୍ଚ୍ଚା ହେଉଛି। ଯିଏ ନିଜ ନିର୍ବାଚନମଣ୍ଡଳୀରେ ଲୋକପ୍ରିୟ ହୋଇପାରୁନାହାନ୍ତି ସେ ରାଜ୍ୟରେ ଦଳକୁ କେତେ ଆଗକୁ ନେବେ ତାକୁ ରାଜନୈତିକ ମହଲରେ କୁହାକୁହି ହେଲେଣି। ଏସବୁ ସ୍ଥିତିରେ ବିଜେଡିର ପରବର୍ତ୍ତୀ ଆଭିମୁଖ୍ୟ କ'ଣ ହେବ ଏବଂ ରାଜ୍ୟରେ ଭାଜପା ବିରୋଧରେ କଂଗ୍ରେସ କିପ୍ରକାର ରଣନୀତି କରିବ ଏହା ଉପରେ ବିଶେଷ ଦୃଷ୍ଟି ରହିବ। ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ ୨୦୧୯ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକ ଉଭୟ ହିଞ୍ଜିଳି ଏବଂ ବିଜେପୁର ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ଏହାପରେ ସେ ବିଜେପୁର ଆସନରୁ ଇସ୍ତଫା ଦେବାପରେ ସେଠାରେ ଉପନିର୍ବାଚନ ହୋଇଥିଲା। ସେଥିରେ ରୀତା ସାହୁ ବିଜେଡି ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ସନତ ଗଡତିଆଙ୍କଠାରୁ ୯୭ ହଜାର ୯୯୦ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିଲେ। ସେଥର ଭାଜପା ପ୍ରାର୍ଥୀ ୩୭,୯୬୭ ଖଣ୍ଡ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ମାତ୍ର ୫,୮୭୬ ଖଣ୍ଡ ଭୋଟ୍ ପାଇଥିଲେ।



## ୩ ନମ୍ବର ହେଲେ ସରିଲା

■ ନାମାଙ୍କନ କଲେ ଜୟ, ଘାସିରାମ
■ ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥୀପତ୍ର ଦାଖଲ

ଜୟ ଢୋଲକିଆ | ଘାସିରାମ ମାଝୀ | ସ୍ନେହାଙ୍ଗିନୀ ଛୁରିଆ

**ନୂଆପଡ଼ା ଉପନିର୍ବାଚନ**

ଭୁବନେଶ୍ୱର, ୧୮।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରମୁଖ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ☞ପୃଷ୍ଠା–୨

ଅକ୍ଟୋବର ୧୯ରେ ଧରିତ୍ରୀରେ ପ୍ରକାଶିତ ଖବରର ଫଟୋଚିତ୍ର।

# କାର୍ଯ୍ୟକାରୀ ହେଲା ଡେଟା ସୁରକ୍ଷା ଆଇନ

**ନୂଆଦିଲ୍ଲୀ,୧୫।୧୧**

ଡେଟା ସୁରକ୍ଷା ବିଲ୍ ଆଇନରେ ପରିଣତ ହେବାର ୨ ବର୍ଷ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ସରକାର ଶୁକ୍ରବାର ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ (ଡିପିଡିପି) ଆଇନ, ୨୦୨୩ ପୂର୍ଣ୍ଣ କାର୍ଯ୍ୟକାରିତା ନେଇ ଡିପିଡିପି ନିୟମାବଳୀ, ୨୦୨୫ ବିଜ୍ଞପିତ କରିଛନ୍ତି। ଏଥିସହିତ ୪ ସଦସ୍ୟ ବିଶିଷ୍ଟ ଏକ ଡେଟା ସୁରକ୍ଷା ବୋର୍ଡ ଗଠନ କରାଯାଇଛି। ବ୍ୟକ୍ତିଗତ ଡିଜିଟାଲ ଡେଟାର ଦାୟିତ୍ୱସମ୍ପନ୍ନ ବ୍ୟବହାର ପାଇଁ ଉକ୍ତ ଆଇନ ଓ ନିୟମାବଳୀ ଏକ ସରଳ, ନାଗରିକ କୈନ୍ଦ୍ରିକ ଓ ନବାଚାର ଅନୁକୂଳ ଢାଞ୍ଚା ପ୍ରସ୍ତୁତ କରିବ। ୨୦୨୩ ଅଗଷ୍ଟ ୧୧ରେ ପାର୍ଲାମେଣ୍ଟରେ ଡେଟା ସୁରକ୍ଷା ବିଲ୍ ଗୃହୀତ ହୋଇଥିଲା।

ବିଜ୍ଞପିତ ନୟମାବଳୀ ଅନୁଯାୟୀ କମ୍ପାନୀଗୁଡ଼ିକୁ ୧୨ରୁ ୧୮ ମାସ ମଧ୍ୟରେ ଆଇନର ବ୍ୟବସ୍ଥାଗୁଡ଼ିକୁ ଅନୁପାଳନ କରିବାକୁ ହେବ। ଏଥିପାଇଁ ସେମାନେ କନ୍‌ସେଣ୍ଟ ମ୍ୟାନେଜର, ଡେଟା ପ୍ରୋଟେକ୍ସନ ଅଫିସର ନିଯୁକ୍ତ କରିବା ସହ ୟୁଜର ଅନୁମତି ଦର୍ଶାଇବା ପାଇଁ ବ୍ୟବସ୍ଥା କରିବେ ଏବଂ ଡେଟା ପ୍ରିଭେସି ଉଲ୍ଲଂଘନ ହେଲେ ୭୨ ଘଣ୍ଟା ମଧ୍ୟରେ ଏହାର ରିପୋର୍ଟ କରିବେ। ୧୮ ବର୍ଷରୁ କମ୍ ବୟସର ୟୁଜରଙ୍କ ପାଇଁ ପ୍ଲାଟ୍‌ଫର୍ମଗୁଡ଼ିକ ସେମାନଙ୍କ ମାତାପିତାଙ୍କୁ ଅନୁମତି ନିଶ୍ଚୟ ନେବେ। ପ୍ଲାଟ୍‌ଫର୍ମ ବିଜ୍ଞାପନ ପାଇଁ ନିର୍ଦ୍ଦିଷ୍ଟ ଡେଟାକୁ ବ୍ୟବହାର କରିପାରିବ ନାହିଁ।

DSPL - 356
International Year of Cooperatives 2025
Cooperatives Build a Better World
ରାଜ୍ୟ ସମବାୟ ନୀତି-୨୦୨୫ ଚୂଡ଼ାନ୍ତ ପ୍ରକ୍ରିୟା

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଚିଠା ସମବାୟ ନୀତି-୨୦୨୫ ଉପରେ
ଆଲୋଚନା ଚକ୍ର ଓ ମତାମତ ଗ୍ରହଣ
ମୁଖ୍ୟ ଅତିଥି
ଶ୍ରୀ ପ୍ରଦିପ ବଳ ସାମନ୍ତ
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ
ଅଂଶ ଗ୍ରହଣ କରିବେ ରାଜ୍ୟର ବିଶିଷ୍ଟ ସମବାୟବିତ୍, ଶିକ୍ଷାବିତ୍, ସମବାୟ କର୍ମକର୍ତ୍ତା ଓ ବରିଷ୍ଠ ଅଧିକାରୀ
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ | ୧୭ ନଭେମ୍ବର ୨୦୨୫ | ସକାଳ ୧୦ ଘଟିକା


ସମବାୟ ବିଭାଗ, ଓଡ଼ିଶା ସରକାର
OIPR:

# ଦୁଇ ଆନ୍ତଃରାଜ୍ୟ ବିହାରୀ ବନ୍ଧୁକ ବେପାରୀ ଗିରଫ

## ଗୋଟିଏ କାର୍ବାଇନ୍ ସହ ୫ ବନ୍ଧୁକ,୯ ଗୁଳି ଜବତ

- ମୁଙ୍ଗେର୍‌ରୁ ବନ୍ଧୁକ ଆଣି ୫ ଜିଲାକୁ ଚାଲାଣ କରିଛନ୍ତି
- ଖଣି, ବାଲି ମାଫିଆ ଓ ହାର୍ଡକୋର ଅପରାଧୀ କିଣିଛନ୍ତି ବନ୍ଧୁକ




ଗିରଫ ହୋଇଥିବା ଦୁଇ ବନ୍ଧୁକ ବେପାରୀ। ଜବତ କାର୍ବାଇନ ସହ ଅନ୍ୟ ବନ୍ଧୁକ, ଗୁଳି ଓ ମୋବାଇଲ।

ଭୁବନେଶ୍ୱର, ୧୫।୧୧ (ତ୍ରିନାଥ ମହାନ୍ତି)

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାକୁ ବନ୍ଧୁକ ଚାଲାଣ କରୁଥିବା ଦୁଇଜଣ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ସେମାନଙ୍କ ନିକଟରୁ ଗୋଟିଏ କାର୍ବାଇନ୍ (ରାଇଫଲ ବର୍ଗର ବନ୍ଧୁକ), ୫ଟି ସେମି ଅଟୋମେଟିକ୍ ପିସ୍ତଲ, ୯ଟି ଗୁଳି ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିହାର ଖଗରିଆ ଜିଲାର ଦିବ୍ୟାଂଶୁ କୁମାର ଏବଂ ଚନ୍ଦନ କୁମାର। ସେମାନଙ୍କୁ ଶୁକ୍ରବାର ରାତିରେ ଖାରବେଳନଗର ଥାନା ୟୁନିଟ୍-୩ ମାଳିସାହି ନିକଟରୁ ପୋଲିସ ଗିରଫ କରିଛି ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ କିଛି ମାସ ହେବ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ କଟକକୁ ବେଆଇନ ଭାବେ ବନ୍ଧୁକ ଚାଲାଣ କରାଯାଉଥିବା ନେଇ ପୋଲିସ ଖବର ପାଇଥିଲା। ପୋଲିସ ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଏହି ବନ୍ଧୁକ ଚାଲାଣ ର୍‍ୟାକେଟ ନିକଟରେ ପହଞ୍ଚିଥିଲା। ଗିରଫ ଦୁଇ ଅଭିଯୁକ୍ତ ଭୁବନେଶ୍ୱର,ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, କେନ୍ଦ୍ରପଡ଼ା ଆଦି ୫ଟି ଜିଲାକୁ ବନ୍ଧୁକ ଚାଲାଣ କରୁଥିଲେ। ସେମାନେ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ଏଠାରେ ୬୦ରୁ ୮୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ବନ୍ଧୁକ ପାଇଁ ସେମାନେ ସପ୍ତାହେ ପୂର୍ବରୁ ଅଗ୍ରୀମ ଟଙ୍କା ନେଉଥିଲେ। ତେବେ ଏନେଇ ସୂଚନା ପାଇବା ପରେ ପୋଲିସ ସେମାନଙ୍କୁ ଧରିବାକୁ ଯୋଜନା କରିଥିଲା। ଏଥିପାଇଁ ଦୁଇ ଅଭିଯୁକ୍ତଙ୍କ ସହ ପୂର୍ବରୁ ପରିଚିତ ଥିବା ଜଣେ ବ୍ୟକ୍ତିଙ୍କୁ ମାଧ୍ୟମ କରିଥିଲେ। ବ୍ୟକ୍ତି ଜଣକ ଚନ୍ଦନ ଏବଂ ଦିବ୍ୟାଂଶୁଙ୍କୁ ବନ୍ଧୁକ ଡିଲ୍ ଅର୍ଡର ଆସିଥିବା କହିଥିଲେ। ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ୩ଜଣ ବ୍ୟକ୍ତି ଗ୍ରାହକ ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ଅଗ୍ରୀମ ଆକାରରେ ୨ଲକ୍ଷରୁ ଅଧିକ ଟଙ୍କା ଦେଇଥିଲେ। ବନ୍ଧୁକ ଦେବା ପରେ ବାକି ୪ଲକ୍ଷ ନେବ ବୋଲି କହିଥିଲେ। ଟଙ୍କା ନେଇ ଦୁଇ ଅଭିଯୁକ୍ତ ଯିବା ପରେ ପୋଲିସ ସେମାନଙ୍କୁ ଟ୍ରାକ୍ କରିଥିଲା। ଗୋଟିଏ ସପ୍ତାହ ପରେ ଦୁଇ ଅଭିଯୁକ୍ତ ଗତକାଲି ଟ୍ରେନ୍‌ରେ ବନ୍ଧୁକ ଆଣି ମାଳିସାହି ନିକଟରେ ଅପେକ୍ଷା କରିଥିଲେ। ଗ୍ରାହକ ଭାବେ ସ୍ପେଶାଲ କ୍ରାଇମ୍‌ବ୍ରାଞ୍ଚ ୟୁନିଟ୍ ଟିମ୍‌ର ୩ଜଣ କର୍ମଚାରୀ ସେଠାରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କ ସହ ଡିଲ୍ କରୁଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପୋଲିସ ଟିମ୍ ଚଢ଼ାଉ କରି ଉଭୟଙ୍କୁ କାବୁ କରିବା ସହ ସେମାନେ କାନ୍ଧରେ ଝୁଲାଇଥିବା ଏୟାର ବ୍ୟାଗ୍‌କୁ ଯାଞ୍ଚ କରିଥିଲେ। ସେଥିରୁ ଗୋଟିଏ କାର୍ବାଇନ୍, ୫ ବନ୍ଧୁକ ଏବଂ ୯ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ସ୍ପେଶାଲ କ୍ରାଇମ୍ ୟୁନିଟ୍ ତଦନ୍ତରୁ ଜାଣିବାକୁ ପାଇଛି ଯେ, ସେମାନେ ପୂର୍ବରୁ ଓଡ଼ିଶାରେ ଏକାଧିକ ବନ୍ଧୁକ ବିକ୍ରି କରିଛନ୍ତି। ବିଶେଷକରି ଖଣି ମାଫିଆ, ବାଲି ମାଫିଆ ଏବଂ ହାର୍ଡକୋର ଅପରାଧୀଙ୍କୁ ବନ୍ଧୁକ ଚାଲାଣ କରିଛନ୍ତି। ତେଣୁ ପୋଲିସ ଏହି ରାକେଟ୍‌ର ଶେଷ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ତାର ତଦନ୍ତକୁ ଜୋରଦାର କରିଥିବା ସୂଚନା ଦିଆଯାଇଛି।

### ଦେଢ଼ ଲକ୍ଷ ଟଙ୍କାରେ ବିକିଥାନ୍ତେ କାର୍ବାଇନ ବନ୍ଧୁକ

ଗିରଫ ବିହାରୀ ବନ୍ଧୁକ ବେପାରୀ ଆତଙ୍କବାଦୀ ଏବଂ ଏସ୍‌ପିଜି ଧରୁଥିବା କାର୍ବାଇନ୍ ବନ୍ଧୁକ କେଉଁଠୁ ଆଣିଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। ପୂର୍ବରୁ ମଧ ଏହି କାର୍ବାଇନ୍ ବନ୍ଧୁକ ସେମାନେ ଓଡ଼ିଶାରେ ବିକ୍ରି କରିଛନ୍ତି। କାର୍ବାଇନ୍‌କୁ ସେମାନେ ଦେଢ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲେ। ୩ରୁ ଅଧିକ ବନ୍ଧୁକ କିଣିଲେ, ଡିସ୍‌କାଉଣ୍ଟ କରୁଥିଲେ। ତେବେ ସେମାନେ କାହାକୁ ବନ୍ଧୁକ ବିକ୍ରି କରିଛନ୍ତି ତାହାର ଖୋଳତାଡ଼ କରିବା ପାଇଁ ଉଭୟଙ୍କୁ ରିମାଣ୍ଡରେ ଅଣାଯିବ। ଦେଇଛନ୍ତି। ଅନ୍ୟପକ୍ଷରେ ଉଭୟଙ୍କ ଆର୍ଥିକ କାରବାର ଓ ଆପରାଧିକ ରେକର୍ଡ, ସପ୍ଲାଏ ଚେନ୍ ଏବଂ ଆପରାଧିକ ନେଟ୍‌ୱାର୍କ ସମ୍ପର୍କରେ ପୋଲିସ ତଦନ୍ତ କରିବ। ତେବେ ଏହାକୁ ମିଶାଇ ୨ ମାସ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୧୯ ବନ୍ଧୁକ ଏବଂ ଗୋଟିଏ କାର୍ବାଇନ୍ ଜବତ କରିଛି ବୋଲି ପୋଲିସ କମିଶନର ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

# ଜେଲରେ ୮ ଅଭିଯୁକ୍ତଙ୍କ ହେଲା ଟିଆଇ ପରେଡ

## ପୀତବାସ ହତ୍ୟା ମାମଲା

ବ୍ରହ୍ମପୁର, ୧୫।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାର ତଦନ୍ତ କରୁଥିବା ବ୍ରହ୍ମପୁର ପୋଲିସ ପକ୍ଷରୁ ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୮ ଜଣ ଅଭିଯୁକ୍ତଙ୍କ ଟିଆଇ ପରେଡ କରାଯାଇଛି। ମାଜିଷ୍ଟ୍ରେଟ, ପୋଲିସ ସହ ୨ ଜଣ ପ୍ରତ୍ୟକ୍ଷଦର୍ଶୀ ଜେଲ ଭିତରକୁ ଯାଇ ଏହି ୮ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଟିଆଇ ପରେଡରେ ସାମିଲ ହୋଇଥିବା ଅଭିଯୁକ୍ତମାନେ ହେଲେ ଶାର୍ପଶୁଟର କୁରୁପତି ଭୂୟାଁ ଓ ବିଷ୍ଣୁ ପ୍ରଧାନ, ବିହାରର ଶିଶୁପାଳ ପାଶ୍ୱନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁ।

ଶନିବାର ଅପରାହ୍ନରେ ମାଜିଷ୍ଟ୍ରେଟ ଭାବେ ଜେଏମ୍‌ଏଫ୍‌ସି ଦୀପିକା ବଡମାଳି ଓ ମାମଲାର ତଦନ୍ତ ଅଧିକାରୀ ଟାଉନ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଏହି ହତ୍ୟା ମାମଲାର ୨ ଜଣ ପ୍ରତ୍ୟକ୍ଷ ଦର୍ଶୀଙ୍କୁ ଧରି ଜେଲ ଭିତରେ ପହଞ୍ଚିଥିଲେ। ପୂର୍ବରୁ ଜେଲ କର୍ତ୍ତୃପକ୍ଷ ଉପରୋକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଆଣି ଧାଡିରେ ଛିଡା କରାଇଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୁକ୍ତମାନଙ୍କୁ ଦେଖି ଅଧିକାରୀଙ୍କ ସମ୍ମୁଖରେ ନିଜ ମତ ରଖିଥିଲେ। ଏହି ହତ୍ୟା ମାମଲାରେ ମୋଟ ୧୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରି ମଣ୍ଡଳ କାରାଗାରକୁ ପଠାଇଥିଲା। ସୁରକ୍ଷା ଦୃଷ୍ଟିରୁ ଉକ୍ତ ଜେଲରେ ଥିବା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବ୍ରହ୍ମପୁର କାରାଗାରରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇଙ୍କ ସମେତ ୧୫ ଜଣ ରହୁଛନ୍ତି।

# ଅଳିଆଗଦାରୁ କନ୍‌ଷ୍ଟେବଲଙ୍କ ମୃତଦେହ ଉଦ୍ଧାର



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

## ପଥରରେ ଛେଚି ହତ୍ୟା, ଅଭିଯୁକ୍ତ ଗିରଫ

ହରଭଙ୍ଗା, ୧୫।୧୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅଧୀନ ଯାଜପୁର ବାଲିସାହି ଗ୍ରାମରେ ଜଣେ କନଷ୍ଟେବଲଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ମୃତକ ହେଲେ ପୋଲିସ କନଷ୍ଟେବଲ ଉଦୟ ରଞ୍ଜନ ପଟ୍ଟନାୟକ (୫୪)। ସେ କନ୍ଧମାଳ ଜିଲା ବାଲିଗୁଡା ଥାନାରେ କାର୍ଯ୍ୟରତ ଥିଲେ। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସଞ୍ଜୟ ନାଏକ। ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ.୧୯୪/୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, କିଛିଦିନ ତଳେ ମୃତ କନଷ୍ଟେବଲ ଉଦୟ ରଞ୍ଜନ ନିଜ ଗ୍ରାମ ଯାଜପୁର ବାଲିସାହିକୁ ଆସିଥିଲେ। ଏହି ସମୟରେ ସେ ସଞ୍ଜୟଙ୍କ ସହିତ ମିଳାମିଶା କରୁଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସଞ୍ଜୟ ତାଙ୍କୁ ଏକ ପଥରରେ ଛେଚି ହତ୍ୟା କରିବା ପରେ ଘର ପଛପଟ ଏକ ଅଳିଆ ଗଦାରେ ପୋତିଦେଇଥିଲେ। ମୃତଦେହ ପଚି ଗନ୍ଧ ହେବାରୁ ଶନିବାର ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସାହାଯ୍ୟରେ ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ସଞ୍ଜୟଙ୍କୁ ଗିରଫ କରିଛି। ଗତ ୪ଦିନ ତଳେ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂ ସୂଚନା ଦେଇଛନ୍ତି।

# ପ୍ରେମିକାଙ୍କୁ ଆଇଫୋନ୍ ଗିଫ୍ଟ ଦେବାକୁ ଗଞ୍ଜେଇ ଚାଲାଣ: ୨ ଗିରଫ

ଏମ୍‌ଭି ୭୯, ୧୫।୧୧ (ଭିକି ବାରିକ)



ଜବତ ଗଞ୍ଜେଇ ସହ ୨ ଅଭିଯୁକ୍ତ।

ପ୍ରେମିକାଙ୍କୁ ଜନ୍ମଦିନରେ ଆଇଫୋନ୍ ଉପହାର ଦେବାକୁ ଟଙ୍କା ଯୋଗାଡ଼କରିବା ଆଶାରେ ଗଞ୍ଜେଇ ଚାଲାଣ କରୁଥିବା ୨ ଯୁବକ ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ପୋଲିସ ହାତରେ ଶନିବାର ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ ତେଲଙ୍ଗାନା ଖମ୍ମାମ ଜିଲାର ଟି.ତ୍ରିନାଥ କୁମାର ଓ ବି. ଯୁବାଚାରଣ ଆଦିତ୍ୟ।

ସୂଚନାନୁଯାୟୀ, ଶନିବାର ଏମ୍‌ଭି ୭୯ ଥାନା ପୋଲିସ ଲଛିପେଟା ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟି ଦ୍ରୁତଗତିରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଏକ ବସ୍ତାରେ ମୋଟ ୨୨ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମଧ୍ୟରାତିରେ ସେମାନେ ଗଞ୍ଜେଇକୁ ଅନ୍ୟ ଅଞ୍ଚଳକୁ ନେଇ ଉଚ୍ଚ ମୂଲ୍ୟରେ ବିକ୍ରିକରି ଟଙ୍କା ଯୋଗାଡ଼କରିବାକୁ ଚେଷ୍ଟା କରୁଥିବା ସୂଚନା ରହିଛି। ପୋଲିସ ସ୍କୁଟି ସହ ଗଞ୍ଜେଇ ଜବତକରି ୨ ଯୁବକଙ୍କୁ ଥାନାକୁ ନେଇଥିଲା। ଏ ନେଇ ଏମ୍‌ଭି ଥାନାରେ କେସ୍ ନଂ.୧୬୮/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ଉଭୟଙ୍କୁ ପଚରାଉଚରା କରିବାରୁ ସେମାନଙ୍କ ପ୍ରେମିକାମାନଙ୍କୁ ଜନ୍ମଦିନରେ ଆଇଫୋନ୍ ଉପହାର ଦେବା ପାଇଁ ଗଞ୍ଜେଇ ଚୋରାଚାଲାଣ କରୁଥିବା କହିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫୦ ହଜାର ହେବା ସୂଚନା ରହିଛି। ଶନିବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ପ୍ରକାଶ କରିଛନ୍ତି।

# ମରଣାନ୍ତକ ଆକ୍ରମଣ: ୪ ଜଣଙ୍କୁ ୭ବର୍ଷର କାରାଦଣ୍ଡ

ଯାଜପୁର, ୧୫।୧୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମରେ ୨୦୧୯ ଅଗଷ୍ଟ ୮ ସନ୍ଧ୍ୟାରେ ଜମିବାଡିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘଟିଥିଲା। ଏହି ମାମଲାରେ ୪ ଜଣଙ୍କୁ ଯାଜପୁର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ କମ୍ ଆସିଷ୍ଟାଣ୍ଟ ସେସନ୍ ଜଜ୍ ସର୍ବେଶ୍ୱର ଦାସ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଦୋଷୀମାନେ ହେଲେ ସେହି ଗ୍ରାମର ସୁଦର୍ଶନ ମଲ୍ଲିକ, ଲମ୍ବୋଦର ମଲ୍ଲିକ, ନନ୍ଦୀ ମଲ୍ଲିକ(କବିତା) ଓ ଦାମୋଦର ମଲ୍ଲିକ। ପ୍ରତ୍ୟେକ ଦୋଷୀଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦାୟ କ୍ଷେତ୍ରରେ ସମସ୍ତଙ୍କୁ ଅତିରିକ୍ତ ଏକ ବର୍ଷ କାରାଦଣ୍ଡ ଦେବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସବିତା ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ଜମିବାଡିକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ ଲମ୍ବୋଦର ମଲ୍ଲିକଙ୍କୁ ଉପରୋକ୍ତ ୪ ଜଣ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଲମ୍ବୋଦରଙ୍କ ମୁଣ୍ଡରେ ଗୁରୁତର ଆଘାତ ହୋଇଥିଲା। ଏନେଇ ବିଞ୍ଝାରପୁର ଥାନାରେ ଆଇପିସି ଦଫା ୩୪୧/୨୯୪/୩୨୩/୩୦୭/୫୦୬/୩୪ ଅନୁଯାୟୀ ୧୯୧/୨୦୧୯ ନମ୍ବରରେ ମାମଲା ରୁଜୁ ହୋଇଥିଲା। ବିଚାରପତି ୧୧ ଜଣ ସାକ୍ଷ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଆଧାର କରି କାରାଦଣ୍ଡାଦେଶ ଶୁଣାଇଛନ୍ତି। ସମସ୍ତ ଦୋଷୀ ଏକା ସାଙ୍ଗରେ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏହି ମାମଲାକୁ ଅଦାଲତରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବିରଜା ପରିଡ଼ା ପରିଚାଳନା କରୁଥିଲେ।

## ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ, ସାମଗ୍ରୀ ଜବତ

ବନ୍ତଲା, ୧୫।୧୧ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୁରୁଣାକୋଟ ଓ ଗଞ୍ଜରା ସାହିରେ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ, ବ୍ୟାପକ ମହୁଲ ପୋଚ ନଷ୍ଟ ସହ ଅନେକ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏଥିସହ ସନ୍ତୋଷ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉବେଳେ ଅବକାରୀ ଅଧିକାରୀ ନୀଳାଦ୍ରି ନାୟକ, ଗାୟତ୍ରୀ ମାଝୀ, ଯୋଗେଶ୍ୱର ସାହୁ, ରଞ୍ଜନ ସାହୁ ସମୀର ମହାଳିକ ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଥିଲେ।

**BOARD OF SECONDARY EDUCATION, ODISHA, CUTTACK**
No.6889 (TBP) Dt.13.11.25
**TENDER CALL NOTICE FOR PREPARATION OF SLC BOOKS OF B.S.E., ODISHA**
No.N-196: Sealed Tenders are invited in plain paper/ letterhead from quality printers having valid GST clearance certificate and PAN Card (copies to be enclosed with the Tender) for printing, binding and supply of S.L.C. books published by the Board of Secondary Education, Odisha, Cuttack for the session 2025-26. The Tenderer shall deposit Rs.4000/- and GST @18%, total Rs.4720/- only towards the cost of Tender Paper in shape of D.D. in favour of "The Secretary, B.S.E., Odisha, Cuttack," payable at Cuttack. Tender papers will be accepted upto 12.00 noon on dt.05.12.2025 and will be opened on dt.06.12.2025 in the office of the undersigned. For details about the Specifications, Terms & Conditions of SLC Books please visit our website www.bseodisha.ac.in.
OIPR- Sd./- Secretary, B.S.E., Odisha, Cuttack

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
(WALK-IN-INTERVIEW) FOR IN-HOUSE TRANSFER
Advt. No.6163/DPMU Dt:14.11.2025
No.E-513: Interested candidates may attend the in-House transfer Walk-in-Interview of the following positions under in-House transfer of NHM contractual employees.

| Sl. No. | Name of the Post | Vacancy | Walk-in-Interview |
|---|---|---|---|
| 1 | AYUSH MO SEBC-2: (Ayurvedic-1 & Homeopathic-1) | 02 | 29.11.2025 (10.00 AM) |
| 2 | Physiotherapist-IPU | 03 | |
| 3 | Dental Technician-DEIC | 01 | |
| 4 | RMNCH/FP Counsellor | 15 | |
| 5 | Accountant cum DEO/ BAM | 01 | |

The application format and details are available in the website https://puri.odisha.gov.in.
OIPR- Sd./-Chief District Medical & Public Health Officer, Puri

**OFFICE OF THE REGULATED MARKET COMMITEE, BHADRAK**
Salandi By-Pass Road, Bhadrak, PIN - 756100
Letter No. 39 Date: 12.11.2025
**SHORT TENDER CALL NOTICE**
No. H-39: The Sub-Collector, Bhadrak-cum-Chairman, RMC, Bhadrak invites rate quoted sealed tender vide Short Tender Call Notice No.23 Dt.12.11.2025 from eligible authenticated suppliers/manufacturers for purchase of grading equipments (Dry Fan) to be required for paddy procurement purposes during KMS 2025-26. All detail information & specification are available in district website **https://bhadrak.gov.in**.
Sd./- Sub-Collector-cum-Chairman RMC, Bhadrak
OIPR-

**ROURKELA SMART CITY LIMITED, Rourkela**
Udit Nagar, Rourkela-769012, Email: rourkelascl@gmail.com
BID ID : RSCL/1589/2025 DATE : 12/11/2025
**NOTICE INVITING TENDER NATIONAL COMPETITIVE BIDDING**
**No.C-1452** : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Balance civil work in Big recreational Parkat Koel Nagar on Percentage Rate Basis | 78.39 Lakhs |

The Tender Fees of Rs.11,800/- to be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 14.11.2025 to 28.11.2025 (up to 17:00 Hrs. IST). Pre- Bid Meeting will be held on 17.11.2025 at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No. 8984353513 and Email Id: rourkelascl@gmail.com.
OIPR- Sd./- Chief Executive Officer Rourkela Smart City Limited

**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in
No. 7088 Date : 11.11.2025
**2nd Corrigendum Notice**
No.O-1456 : Under unavoidable circumstances, the availability of tender online for Annual Maintenance Plan of Rural Roads under Administrative Expenditure of the tender invited vide e-Procurement Notice No.09 Dtd. 27.10.2025/Bid Identification No. NCB-Online 09/EE/RW/AND/2025-26 and 1st corrigendum No.6901 Dtd.04.11.2025 of Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-On line 09/EE/RW/AND/2025-26 | 15.11.2025 at 10.00 A.M. | 21.11.2025 up to 5.00 P.M. | 20.11.2025 up to 5.00 P.M. | 24.11.2025 at 11.30 A.M. |

All other contents remain unchanged
OIPR- Sd./- Executive Engineer R.W. Division, Anandapur

**OFFICE OF THE NOTIFIED AREA COUNCIL, KODALA**
Odisha, Pin-761032, e-Mail : nackodala@gmail.com
Lt. No.3159/Dev/2025 Dated : 14.11.2025
**CORRIGENDUM**
**No.C-1468** : With reference to the e-Procurement notice no.3051/NAC, dated 31/10/2025 and BID IDENTIFICATION No-KOD-NAC-11/2025-26 that appeared on website www.tenderodisha.gov.in on 04/11/2025 and published in the newspaper on 02/11/2025 is hereby cancelled due to some technical issue.
**Further details can be seen from the Procurement Portal : www.tendersorissa.gov.in**
Sd./- Executive Officer, Kodala NAC
OIPR-

**OFFICE OF SUPERINTENDING ENGINEER MINOR IRRIGATION DIVISION, JAJPUR**
Letter No.3271/Date 12.11.2025
Bid Identification No. online SEMIDJAJ-05/2025-26
eemijajpur@gmail.com
No.A-896: The Superintending Engineer, Minor Irrigation Division Jajpur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work : | Construction of RCC Lining & Check Dam under M.I. Division, Jajpur |
| No. of Works: | 02 (Two) Only |
| Estimated Cost: | Varies from 25.42 lakh to 47.48 lakh (Approximately) |
| Cost of Tender Paper: | 6000/- |
| Period of Completion: | 03 (Three) & 06 (Six) Calendar Months |
| Availability of bid documents for sale and receipt through on-line | From dt.16.11.2025, 10.00 A.M. to dt.23.11.2025, upto 5.00 P.M. |
| Last date/time of receipt of bids in the portal | 23.11.2025 (5.00 PM) |
| Date of Opening through online | On dt.24.11.2025 at 11.00 AM in the Office of the S.E., M.I. Division, Jajpur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) |
| Date of lottery if required | 02.12.2025 (11.30 AM) |
| The detail tender call notice can also be seen in the DOWR website http://dowrorissa.gov.in | |
| **Name & Address of the OIT:** | Superintending Engineer, Minor Irrigation Division,Jajpur, At-Bhabaniganj, P.O/ District- Jajpur, Pin No.755001, Email ID: eemijajpur@gmail.com |
| Further details can be seen from the e-Procurement http://tendersorissa.gov.in. | |

OIPR- Sd./- Superintending Engineer, M.I.Division, Jajpur

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.4891/Date. 25.10.2025
No.O-1380
**"e" Procurement Notice For Road Works**

| | | | |
|---|---|---|---|
| 1. | Name of the Work | : | Road works under MMSY-Impvt. to Existing RD road |
| 2. | Total No. of works | : | 20 Nos. of Road Works for the year 2025-26 |
| 3. | Estimated Cost of the work | : | Varies from Rs.94.92 lakh to Rs.757.92 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakh up to Rs.3.00 Crores | | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore up to Rs.50.00 Crores | | Special Class (of Odisha PWD) or relevant class of other licensing authorities |
| | d) Estimated cost more than Rs.20.00 Crores | | Super Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.30 of 2025 | 14.11.2025 at 11.00 A.M. | 01.12.2025 up to 5.00 P.M. | 02.12.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
OIPR- Sd./- Chief Construction Engineer Central Rural Works Circle, Bhubaneswar

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764051
Phones : 06861-232581 (O)/232641 (R), FAX : 06861-232541, E-Mail : unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED (A Govt. of Odisha Undertaking)
BHOI NAGAR, JANPATH, BHUBANESWAR-751022
Tel : 91-0674-2542983, 2542802, 2545526, Fax : 2542102, GRAM HYDROPOWER, E-Mail : ohpc.co@gmail.com/md@ohpcltd.com, Web : www.ohpcltd.com
CIN:U40101OR1995SGC003963, GSTIN-21AAACO2575P1Z9
**TENDER CALL NOTICE No. BHEP/TECH/40/2025-26 Dtd.10.11.2025**
**No.CAD-2289** : The Sealed tenders are invited in single part bid basis from the Manufacturer / Reputed Suppliers / Authorised Dealers for supply of materials as detailed below.

| Sl No. | Description of Items | Cost of tender paper (In Rs.) |
|---|---|---|
| 1 | Supply of 02 Nos. of Pressure reducer valve with installation & commissioning for BHEP, Balimela | Rs.4720/- Inclusive of GST @ 18% |

The Sale of Tender Paper will be from : **15.11.2025 to 01.12.2025 (up to 11:00 hrs)**
The last date & time of receipt of Tenders : **Up to 12:00 hrs of 01.12.2025**
Date and time of opening of the Bid : **01.12.2025 at 12:30 hrs**
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com
OIPR- Sd./- C & P Head BHEP, Balimela

**ଡିସେମ୍ବର ୨, ୩ରେ ନନ୍ଦପୁର ବ୍ଲକସ୍ତରୀୟ ପରବ**

ନନ୍ଦପୁର,(ତୁଷାର କାନ୍ତ ମହାନ୍ତି)- କୋରାପୁଟ ଜିଲାର ଲୋକ ମହୋତ୍ସବ ପରବ ପାଳନ ପାଇଁ ନନ୍ଦପୁର ବ୍ଲକ୍ ଶହୀଦ ଲକ୍ଷ୍ମଣ ନାୟକ ସଭାଗୃହରେ ବ୍ଲକ୍‌ସ୍ତରୀୟ ଚୂଡ଼ାନ୍ତ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ନନ୍ଦପୁର ବ୍ଲକ୍‌ସ୍ତରୀୟ ପରବ ଡିସେମ୍ବର ୨ ଓ ୩ ତାରିଖରେ କରିବାକୁ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ପଞ୍ଚାୟତ ସ୍ତରରେ ପରବ ପାଳନ ନ କରି କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗୀ ସିଧାସଳଖ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ସରପଞ୍ଚମାନେ ମତ ରଖିଥିଲେ। ବୈଠକରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ଜିପିଡିଓ ବେଦାନ୍ତ ମାଝୀ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ନାଗରାଜୁ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ବୋଲେରୋ-ଭ୍ୟାନ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଗୁରୁତର

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଲକ୍ଷ୍ମୀପୁର,୧୫।୧୧(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ୩୨୬ ନଂ ଜାତୀୟ ରାଜପଥ କାକିରିଗୁମ୍ମା ଥାନା ଅଧୀନ ପଞ୍ଚଡ଼ା ବ୍ରିଜ୍ ନିକଟରେ ଏକ ବୋଲେରୋ ଓ ଭ୍ୟାନ୍ ଶନିବାର ମୁହାଁମୁହିଁ ଧକ୍କା ହୋଇ ଜଣଙ୍କ ମୃତ୍ୟୁ ହୋଇଥିବା ୨ ନାବାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ବୋଲେରୋ ଡ୍ରାଇଭର ପଞ୍ଚଡ଼ା ଗ୍ରାମର ଶିବାନନ୍ଦ ନାୟକ(୨୮)। ୨ ଗୁରୁତର ହେଲେ ମିଥୁନ ନାୟକ(୧୩) ଓ ଘନ ଜାନୀ(୧୫)।

ସୂଚନାନୁଯାୟୀ, ଶନିବାର ଅପରାହ୍ନରେ ପଞ୍ଚଡ଼ା ଗ୍ରାମର ଶିବାନନ୍ଦ, ମିଥୁନ ଓ ଘନ କୌଣସି କାମରେ ବୋଲେରୋ ଯୋଗେ କାକିରିଗୁମା ଯାଇ ଫେରୁଥିଲେ। କୋରାପୁଟରୁ ରାୟଗଡ଼ା ଅଭିମୁଖେ ଯାଉଥିବା ଏକ ତସୁ ବୋଝେଇ ଭ୍ୟାନ୍ ପଞ୍ଚଡ଼ା ବ୍ରିଜ ନିକଟରେ ବୋଲେରୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବୋଲେରୋ ଡ୍ରାଇଭର ଶିବାନନ୍ଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ୨ ଆହତଙ୍କୁ ସ୍ଥାନୀୟ ଲୋକେ କୋରାପୁଟ ଏସଏଲଏନ ମେଡିକାଲ କଲେଜକୁ ନେଇଥିଲେ। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଚାପ ଉତ୍ତେଜନା ସୃଷ୍ଟି ହୋଇଛି। ଖବରପାଇ କାକିରିଗୁମା ଥାନାଧିକାରୀ ସୁନିଲ କୁମାର ସ୍ୱାଇଁ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ବୋଲେରୋ ଓ ଭ୍ୟାନକୁ ଜବତ କରି ଏକ ମାମଲା ରୁଜୁ କରିଛି। ସ୍ଥାନୀୟ ବିଡିଓ ସବ୍ୟସାଚୀ ବେହେରା ଓ ତହସିଲଦାର ନୈବେଦ୍ୟ ଭୋଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଲୋକେ ଅଡ଼ି ବସିଥିଲେ। ଖବର ଲେଖାଯିବା ସୁଦ୍ଧା ରାସ୍ତା ଅବରୋଧ ହଟି ନ ଥିବା ସୂଚନା ରହିଛି।

# ‘ବିଶ୍ୱ ଦରବାରରେ ଜିଲା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ’



କାର୍ଯ୍ୟକ୍ରମରେ ଉପସ୍ଥିତ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

## ପୁଟସିଲରେ ଖୋଲିଲା ଇକୋ ରିଟ୍ରିଟ୍

ସୁନାବେଡ଼ା/ସେମିଳିଗୁଡ଼ା/କୋରାପୁଟ, ୧୫।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼/ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଅଧୀନ ଦୁଧାରୀ ପଞ୍ଚାୟତସ୍ଥିତ ପୁଟସିଲରେ ଇକୋ ରିଟ୍ରିଟ୍ ୨୦୨୫ର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସି ମାଧ୍ୟମରେ ଆନୁଷ୍ଠାନିକ ଭାବେ ଶନିବାର ଉଦ୍‌ଘାଟନ କରିଛନ୍ତି। ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଯୋଗଦେଇଥିଲେ। ଚଳିତବର୍ଷ ଦିଲ୍ଲୀର ସଂସ୍ଥା ପକ୍ଷରୁ ଇକୋ ରିଟ୍ରିଟ୍‌ର ସାଜସଜ୍ଜା ମନଲୋଭା ହୋଇଛି। ଏହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ବିଧାୟକ କହିଥିଲେ। ଏହି ଇକୋ ରିଟ୍ରିଟ୍ ବିଶ୍ୱ ଦରବାରରେ ଜିଲା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ସମସ୍ତ ପର୍ଯ୍ୟଟକଙ୍କୁ ଠିକ୍ ଆତିଥ୍ୟ ଦେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ଉତ୍ସବରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବେଣୁଧର ଶବର ଯୋଗଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ଯୁବପିଢ଼ି କର୍ମନିଯୁକ୍ତିର ସୁଯୋଗ ପାଇ ରୋଜଗାରକ୍ଷମ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ବ୍ଲକ୍ ବିଡିଓ ଯଶ୍ୱିନ ପ୍ରଧାନ, ଜୋନ୍-୨ ଜିଲା ପରିଷଦ ସଦସ୍ୟ ମୋହନ ଜାନୀ,ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଦୁଧାରୀ ସରପଞ୍ଚ ମାଧବ ନନ୍ଦିବାଲି, ସମିତି ସୁଷମା ପାଙ୍ଗୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଏହି ଇକୋ ରିଟ୍ରିଟ ମାଧ୍ୟମରେ କୋରାପୁଟିଆ ଖାଦ୍ୟର ପ୍ରଚାରପ୍ରସାର ହୋଇପାରିବ ବୋଲି ଅତିଥି ମତ ରଖିଥିଲେ। ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ସୟଦ ସବୀର ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯେ, ଚଳିତ ବର୍ଷ ପୁଟସିଲରେ ଖୋଲାଯାଇଥିବା ଇକୋ ରିଟ୍ରିଟ୍ ଦିଲ୍ଲୀର ଏକ ସଂସ୍ଥାକୁ ମିଳିଛି। ଏଥିରେ ମୋଟ ୨୫ କଟେଜ ରହିଛି। ସେଥିରୁ ୫ ପ୍ରିମିୟମ କଟେଜ ଥିବା ବେଳେ ୨୦ ଡିଲକ୍ସ କଟେଜ ରହିଛି। ଏଥିରେ ପର୍ଯ୍ୟଟକଙ୍କୁ ୫ ତାରକା ହୋଟେଲର ସମସ୍ତ ସୁବିଧା ମିଳିବା ସହ ଖେଳକୁଦ ପାଇଁ ଆଚେରୀ,ରାଇଫଲ ସୁଟିଂ,ସାଇକେଲିଂ, କ୍ୟାରମ, ଭଲିବଲ,ବ୍ୟାଡ୍‌ମିଣ୍ଟନ ଓ ଏଟିଭି ବାଇକ୍ ରାଇଡିଂ ମଧ୍ୟ ରହିଛି। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ କୋରାପୁଟିଆ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ମଧ୍ୟ ଉପଲବ୍ଧ ରହିଛି। ପର୍ଯ୍ୟଟକଙ୍କୁ ୨୪ ଘଣ୍ଟିଆ ଜରୁରୀ ସେବା ଯୋଗାଇବା ଦେବାକୁ ପୋଲିସ, ଅଗ୍ନିଶମ ଓ ମେଡିକାଲ ବିଭାଗ ପାଇଁ ୩ ସ୍ୱତନ୍ତ୍ର ଷ୍ଟଲ ବ୍ୟବସ୍ଥା କରାଯାଇଛି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ବୈପାରୀଗୁଡ଼ା,୧୫।୧୧(କଳ୍ପତରୁ ମହାନ୍ତି)



ଅତିଥି ଜଣେ ଚାଷୀଙ୍କୁ ସମ୍ମାନିତ କରୁଛନ୍ତି ।

କୋରାପୁଟ ଜିଲା ବୈପାରୀଗୁଡ଼ା ପ୍ରାଣି ଚିକିତ୍ସାଳୟରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମେଳା ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ମତ୍ସ୍ୟ, ପ୍ରାଣି ସମ୍ପଦ ଓ ଅନ୍ୟ ବିଭାଗୀୟ ପ୍ରଦର୍ଶନୀ, ଚାଷୀ ବିଶେଷଜ୍ଞ ଆଲୋଚନା ଚକ୍ର ଓ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ମେଳାରେ ୪ ଶହରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ମତ୍ସ୍ୟ ବିଭାଗ, ପଶୁସମ୍ପଦ ବିଭାଗ, ହର୍ଷ ଟ୍ରଷ୍ଟ, ମିଶନଶକ୍ତି, ଉଦ୍ୟାନ ବିଭାଗ ଅଂଶଗ୍ରହଣ କରିଥିଲେ। ୧୨ ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା। ମେଳାରେ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ,କୋଟପାଡ଼ ବିଧାୟକ ରୁପୁ ଭତ୍ରା, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲା ପରିଷଦ ସଭ୍ୟାମଣି ଜାନି ଓ ରାଜେଶ ମହୁରିଆ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ପ୍ରାଣି ଚିକିତ୍ସାଧିକାରୀ ଡ.ଲକ୍ଷ୍ମୀଧର ବେହେରା,ଜିଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ ଏବଂ ବିଡିଓ ଶକ୍ତି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରାଣିସମ୍ପଦ ବିଭାଗ ପକ୍ଷରୁ ୪ ଚାଷୀ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୩ ଚାଷୀ ଓ ୧ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ୟାସି ପରଜା,ଟିପୁ ଧଳ, ପର୍ଶୁରାମ ପ୍ରଧାନୀ,ଶର୍ମିଳା ରଥ,ଲକ୍ଷ୍ମଣ ନାୟକ,ରାମଚନ୍ଦ୍ର ବାରିକ, ମା’ଶିବାନୀ ସ୍ୱୟଂ ସହାୟିକା ଗୋଷ୍ଠୀ ଓ କମଳ ଲୋଚନ ଗୌଡ଼ ସମ୍ମାନିତ ହୋଇଥିଲେ।

# ୫୭ ହିତାଧିକାରୀଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ

ନନ୍ଦପୁର/ପାଡୁଆ,୧୫।୧୧ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ତହସିଲ ପକ୍ଷରୁ ପାଡୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ବସୁନ୍ଧରା ଯୋଜନା ଅଧୀନ ଘରଡ଼ିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଦେବବ୍ରତ ମହାରଣା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ ଓ ସୁପରଭାଇଜର ସୋମନାଥ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ପାଡୁଆ ରାଜସ୍ୱ କ୍ଷେତ୍ର ଗାଲଗାଣ୍ଡା ରାଜସ୍ୱ ଗ୍ରାମ ଅଧୀନ ସିରିଶଗୁଡା ଓ ଦାର୍ଲିପୁଟ ଗ୍ରାମର ମୋଟ ୫୭ ହିତାଧିକାରୀଙ୍କୁ ଘରଡ଼ିହ ଜମିପଟ୍ଟା ବଣ୍ଟନ କରିଥିଲେ। ସିରିଶଗୁଡ଼ାର ୪୨ ଓ ଦାର୍ଲିପୁଟ ଗ୍ରାମର ୧୫ ହିତାଧିକାରୀ ଘରଡ଼ିହ ପଟ୍ଟା ପାଇଛନ୍ତି। ତହସିଲଦାର ମହାରଣା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଘରଡ଼ିହ ପଟ୍ଟାର ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। ପଟ୍ଟାରେ ଉଲ୍ଲେଖ ଜମି ବିକ୍ରୟଯୋଗ୍ୟ ନୁହେଁ। ଏହା ପଟ୍ଟାଧାରୀଙ୍କ ସମେତ ଉତ୍ତରାଧିକାରୀଙ୍କ ଜାତି ଓ ଆବାସିକ ପ୍ରମାଣପତ୍ର ପାଇଁ ଏକ ଜରୁରୀ ନଥି ଭାବେ ଗଣିତ ବୋଲି କହିଥିଲେ। ରାଜସ୍ୱ ନିରୀକ୍ଷକ ବ୍ରହ୍ମାନନ୍ଦ ସେଠୀ, ରିନା ପୂଜାରୀ ଓ ନନ୍ଦିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଜଣେ ଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

ଦଶମନ୍ତପୁର,୧୫।୧୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ସରକାରୀ(ଏସ୍ଏସ୍‌ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାଛପୁଟରେ ଜନଜାତି ଗୌରବ ଦିବସ ଉପଲକ୍ଷେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନରେନ୍ଦ୍ର ଖସ୍‌ଲାଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ କୃଷ୍ଣ ଶୀସା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ସମିତି ସଭ୍ୟା ମଧୁସ୍ମିତା ବାଘ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସୁନାଧର ସଗର, ବିଜ୍ଞାନ କଲେଜ ଭାରପ୍ରାପ୍ତ ଅଧିକାରୀ ହୃଷୀକେଶ ବିଡ଼ିକା,ସାମାଜିକ କର୍ମୀ ପ୍ରତାପ ଖସ୍‌ଲା, ସ୍କୁଲ ସଭାପତି ଗୋପାଳ ଜାନି, ରାସାୟନିକ ବିଜ୍ଞାନ ଅଧ୍ୟାପକ ମହେଶ୍ୱର ହନ୍ତାଳ ସେବାଶ୍ରମର ମୋଟ ୪୪୨ ଓ ବିଜ୍ଞାନ କଲେଜର ମୋଟ ୨୦୨ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ନେଇ ଅତିଥିମାନେ ଆଲୋକପାତ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଥମ ସ୍ଥାନରେ ଥିବା ପ୍ରତିଯୋଗୀ ଜିଲା ସ୍ତରୀୟ ସର୍ଗିଫୁଲରେ ଭାଗନେବେ।

# ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ

ଜୟପୁର,୧୫।୧୧(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଜିଲା ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇ ସରକାର, ମଦନମୋହନ ନାୟକ, ହସନ ମଦାନି, ବ୍ରଜ ନାଗ, ଦୁର୍ଗା ଶର୍ମା ଓ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜବାହରଲାଲ ନେହେରୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅଧିକାରୀମାନେ ଆହ୍ୱାନ ଦେଇଥିଲେ।

# ହାଲ୍ ମୁଖ୍ୟ ଫାଟକ ଆଗରେ ଠିକା କର୍ମଚାରୀ ସଂଘର ଆନ୍ଦୋଳନ

ସୁନାବେଡା,୧୫।୧୧(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ହାଲ୍ ଠିକା କର୍ମଚାରୀ ସଂଘର ଶତାଧିକ କର୍ମଚାରୀ କାର୍ଯ୍ୟ ବନ୍ଦ ଡାକରା ଦେଇ ଟ୍ରାଫିକ ଛକ ନିକଟ ଟାଉନଶିପ ମୁଖ୍ୟ ଫାଟକ ଆଗରେ ଶନିବାର ଆନ୍ଦୋଳନ କରିଛନ୍ତି। ଗତ ମାର୍ଚ୍ଚରେ ସଂଘ ନେତୃତ୍ୱରେ ୧୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ହାଲ୍ ପ୍ରଶାସନିକ ଅଧିକାରୀଙ୍କୁ ଦେଇଥିଲେ। ଏଯାଏ କୌଣସି ସୁଫଳ ମିଳି ନ ଥିବାରୁ ପୁଣି ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ସଭାପତି ହେମନ୍ତରାମ ତୁରୁକ କହିଛନ୍ତି। ୧୬ ଦଫା ଦାବିର ହାଲ କର୍ତ୍ତୃପକ୍ଷ ନିର୍ଣ୍ଣୟ କାହିଁକି କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ସ୍ଥାୟୀ ସମାଧାନ କରାନଗଲେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ସମ୍ପାଦକ ସନ୍ୟାସୀ ଖରା, କୋଷାଧ୍ୟକ୍ଷ ସୁଜିତ ସିଂ ଚେତାବନୀ ଦେଇଛନ୍ତି। ଦାବିମୁତାବକ, ହାଲ୍‌ରେ ପ୍ରାୟ ୨୪୦୦ ଶହରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀ ଥିବା ବେଳେ ପ୍ରତିମାସ ଇଏସଆଇ ବାବଦକୁ ଟଙ୍କା କଟାଯାଉଛି। କିନ୍ତୁ ସେମାନେ ଇଏସ୍‌ଆଇ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଆଖପାଖ ଅଞ୍ଚଳରେ ଇଏସଆଇ ଡାକ୍ତରଖାନା ନ ଥିବାରୁ ହାଲ୍ ଡାକ୍ତରଖାନାରେ ଏକ ଅସ୍ଥାୟୀ ଇଏସ୍‌ଆଇ ଡାକ୍ତରଖାନା ଖୋଲିବା, ୧୮ରୁ ୨୦ ଦିନ ପରିବର୍ତ୍ତେ ୨୬ ଦିନ କାର୍ଯ୍ୟ ଦିବସ, ପ୍ରତି ମାସ ୧ ତାରିଖରେ ଦରମା ପ୍ରଦାନ, ମେଡିକାଲ କେସରେ ସପ୍ତାହରେ ଥରେ ଗେଟ ପାସ ଦେବା, ପ୍ରତିମାସ ଇଏସଆଇ ଓ ପିଏଫ ବାବଦ ଟଙ୍କା ଠିକାଦାର ଠିକ୍ ସମୟରେ ନ ବାନ୍ଧିବା,ବାଧ୍ୟତାମୂଳକ ଦରମା ସ୍ଲିପ ଦେବା,ହାଲ ପରିସରରେ ୟୁନିୟନ ପାଇଁ କାର୍ଯ୍ୟାଳୟ ଦେବା,ବହୁକର୍ମଚାରୀ ଆଇଟିଆଇ, ଡିପ୍ଲୋମା ଭଳି ଡିଗ୍ରୀ ହାସଲ କରି ୧୦ରୁ ୧୫ ବର୍ଷ କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ସେମାନଙ୍କୁ ଅଣକୁଶଳୀରୁ କୁଶଳୀ ସେମି ସ୍କିଲରୁ ସ୍କିଲ କରାନ ଯିବା,ସେଣ୍ଟ୍ରାଲ କମିଶନରଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ସର୍ଟ ବୋନସ ନ ମିଳିବା, ବର୍ଷରେ ୩ ଜାତୀୟ ଛୁଟି ଦିବସ ସହ ଆଉ ୯ ଛୁଟି ଏବଂ ସମସ୍ତ କର୍ମଚାରୀ ପାଇଁ ଗୋଟିଏ ୟୁନିଫର୍ମ ଦେବା ଆଦି ଦାବି ରହିଛି। ଦାବିପତ୍ରର ନକଲ ହାଲ ବିଭାଗ ଡିଜିଏମ(ଏଚଆର), ବିଭାଗୀୟ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, କୋରାପୁଟ ଜିଲାପାଳ, ଜଏଣ୍ଟ ଲେବର କମିଶନର ଜୟପୁର ଓ ରିଜୋନାଲ ଲେବର କମିଶନର ଭୁବନେଶ୍ୱରକୁ ପ୍ରେରଣ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସୁନାବେଡା ଥାନା ପୋଲିସ ଆନ୍ଦୋଳନସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ହାଲ ପ୍ରଶାସନ ଆଇଆର ବିଭାଗ ବରିଷ୍ଠ ଅଧିକାରୀ ଅମିତ ରାୟ ପ୍ରତିଶ୍ରୁତି ଦେବା ପରେ ଠିକା କର୍ମଚାରୀ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

# ୨୨ ଏକର ଜମିରୁ ୨୬୪୦୦ ଗଞ୍ଜେଇ ଗଛ ନଷ୍ଟ

ନନ୍ଦପୁର,୧୫।୧୧(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ଅବକାରୀ ବିଭାଗ, ମାଛକୁଣ୍ଡ ଥାନା ପୋଲିସ, ରାଜସ୍ୱ ବିଭାଗର ମାଜିଷ୍ଟ୍ରେଟ ଓ ବନ ବିଭାଗ ମିଳିତ ଭାବେ ଅପରେଶନ ଗ୍ରୀନ କ୍ଲିନ୍ ଜରିଆରେ ବିଲାପୁଟ ପଞ୍ଚାୟତର ହରଗଣ୍ଡା ଓ ଖିଲପୁଟ ଗ୍ରାମ ପାର୍ଶ୍ୱ ଜଙ୍ଗଲରେ ଚଢ଼ାଉକରି ବେଆଇନ ଚାଷ ହୋଇଥିବା ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି। ୨ ଗ୍ରାମର ମୋଟ ୨୨ ଏକର ଜମିରେ ଚାଷ ହୋଇଥିବା ୨୬୪୦୦ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଥିବା ନନ୍ଦପୁର ଅବକାରୀ ଥାନା ଓଆଇସି ଅଭୟ କୁମାର ନାୟକ, ମାଛକୁଣ୍ଡ ଥାନାଧିକାରୀ ମଧୁସୁଦନ ଭୋଇ ସୂଚନା ଦେଇଛନ୍ତି। ଟିମ୍‌ରେ ୨ ଅଧିକାରୀଙ୍କ ସମେତ ମାଛକୁଣ୍ଡ ଥାନା ଇନ୍ସପେକ୍ଟର ସୁକ୍ରା ମାଡ଼ି, ଅବକାରୀ ମୋବାଇଲ ଟିମ୍ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଡ଼ିହାରି, ସବ ଇନ୍ସପେକ୍ଟର ରାଜୁ ଖିତି, ମାଛକୁଣ୍ଡ ଆଇଆରବି ଦଳ, ଲମତାପୁଟ ବନ ବିଭାଗ ଓ ମାଜିଷ୍ଟ୍ରେଟ ନନ୍ଦପୁର ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି ସାମିଲ ଥିଲେ। ନନ୍ଦପୁର ଅବକାରୀ ଥାନାରେ ନଂ୧୬୩/୨୫ରେ ମାମଲା ରୁଜୁ କରାଯାଇଛି। ମାଛକୁଣ୍ଡ ଥାନାରେ କେସ ନଂ ୮୩/୨୫ରେ ମାମଲା ରୁଜୁ ହୋଇଛି।

# ବିର୍ସା ମୁଣ୍ଡାଙ୍କ ନାମରେ ନାମିତହେଲା ପାଠାଗାର


## ଜନଜାତୀୟ ଗୌରବ ଦିବସ, ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଉତ୍ସବ

କୋରାପୁଟ,୧୫।୧୧ (ଅମିତାଭ ବେହେରା)

କୋରାପୁଟ ସଦର ମହକୁମାସ୍ଥିତ ପୋଲିସ ପରେଡ ପଡିଆରେ ଜନଜାତୀୟ ଗୌରବ ଦିବସ ଓ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଜିଲାସ୍ତରୀୟ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ସ୍କୁଲ ଓ ଗଣଶିକ୍ଷା, ଏସ୍‌ସି, ଏସ୍‌ଟି ବିକାଶ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ପୋଲିସ ବ୍ୟାରେକଠାରୁ ଖଣ୍ଡିୟ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟ ଡିନକେ କଲୋନୀସ୍ଥିତ ପାଠାଗାରକୁ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରାଗଲା ବୋଲି ମନ୍ତ୍ରୀ ଘୋଷଣା କରିଥିଲେ। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଲାର କୁନ୍ଦୁରା ବ୍ଲକସ୍ଥିତ ରାଣୀଗୁଡା ଓ ବନ୍ଧୁଗାଁସ୍ଥିତ ଆଲମଣ୍ଡାରେ ଏକଲବ୍ୟ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ ଉପସ୍ଥିତ ଥିଲେ। ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଗଣଶିକ୍ଷା ମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ।



# ଯୁବପିଢ଼ି ପାଠ ସହିତ ଫିଟ୍‌ନେସ୍ ରଖିବା ଜରୁରୀ: ମନ୍ତ୍ରୀ ସୂର୍ଯ୍ୟବଂଶୀ

**ରାୟଗଡ଼ା,୧୫ା୧୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଶନିବାର ପାଳିତ ହୋଇଛି। ଏଥିରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଭାଜପା ବରିଷ୍ଠ ନେତା କାଳୀରାମ ମାଝି, ବସନ୍ତ ଉଲାକା ଓ ଅନ୍ୟମାନେ ଯୋଗଦେଇଥିଲେ। ସେହିଭଳି ଅପରାହ୍ନରେ ସ୍ଥାନୀୟ ଜିସିଡ଼ି ପଡ଼ିଆରେ ଆୟୋଜିତ ସାଂସଦ ଖେଳ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ଭାଜପା ବରିଷ୍ଠ ନେତା କାଳୀରାମ ମାଝି, ବସନ୍ତ ଉଲାକା, ଶିବଶଙ୍କର ଉଲାକା, ଭାଜପା ଯୁବମୋର୍ଚ୍ଚା ସଭାପତି ଉମେଶ ଖୋସଲା, ନଗର ସଭାପତି ରାଜେଶ ପାଣିଗ୍ରାହୀ, ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ଉମେଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ବସନ୍ତ ଉଲାକା ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଚଳର ଯୁବଗୋଷ୍ଠୀଙ୍କ କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି ସାଂସଦ ଖେଳ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଏମ୍‌ପି ସୁଜିତ ନିଜ ଅଭିଭାଷଣ କହିଥିଲେ। ସେହିଭଳି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ରାୟଗଡ଼ା ଜିଲାର ଯୁବ କ୍ରୀଡ଼ାବିତ୍‌ଙ୍କ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।

ରାୟଗଡ଼ା ଜିଲାରେ ଥିବା ଗ୍ରାମାଂଚଳ ଓ ସହରାଂଚଳରୁ ଲୁକ୍କାୟିତ କ୍ରୀଡାବିତଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ କୋରାପୁଟ ଲୋକସଭା କ୍ଷେତ୍ରର ରାୟଗଡ଼ାରେ ସାଂସଦ ଖେଳ ମହୋତ୍ସବ -୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ବର୍ଷ ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବବର୍ଗ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆ ଏବଂ ଖେଲୋ ଇଣ୍ଡିଆ ଅଭିଯାନକୁ ଆଗକୁ ବଢାଇବା ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଥିଲେ। ଖୋଖୋ ବିଶ୍ୱକପ ବିଜେତା ଦଳ ଖେଳାଳୀ ତଥା ରାୟଗଡ଼ା ଜିଲାର ମଗେଇ ମାଝି, ସ୍ୱିଟି ପ୍ରଧାନ ଭଳି ବ୍ୟାଡ୍‌ମିଣ୍ଟନ ଖେଳାଳୀଙ୍କ ସହ ଅନେକ ଯୁବ ପ୍ରତିଭାଙ୍କ ଅଭାବ ନ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ବ୍ଲକରେ ୧୪କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକସ୍ତରୀୟ ବହୁମୁଖୀ ଷ୍ଟାଡିୟମ ନିର୍ମାଣ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ଡିସେମ୍ବର ୨୫ତାରିଖରେ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତିରେ ଖେଳ ମହୋତ୍ସବ ସମାପ୍ତ ହେବାକୁ ଥିବା ବେଳେ ହାତରେ ୪୦ଦିନ ରହିଛି। ଏଥିପାଇଁ ୮ଟି ଖେଳ ଶୃଙ୍ଖଳିତରେ ଆୟୋଜିତ ହେବ । ଏଥି ନିମନ୍ତେ ସାଂସଦ ଖେଳ ମହୋତ୍ସବ ପୋର୍ଟାଲରେ ଇଚ୍ଛୁକ ମାନେ ଆବେଦନ କରନ୍ତୁ ବୋଲି କହିଥିଲେ। ରାଜ୍ୟସଭା ଏମପି ସୁଜିତ କୁମାରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଗର ଭାଜପା ସଭାପତି ରାଜେଶ ପାଣିଗ୍ରାହୀ, ଅଜୟ ବୁଲେଟ, ମହେଶ୍ୱର ମନ୍ତ୍ରୀ, ମଞ୍ଜୁଳା ମିଣିଆକା ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ।



ଜନାଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# କ୍ଲାସରେ ଶିକ୍ଷକଙ୍କୁ ଚୌକି, ମୋବାଇଲ ବାରଣ କଲେ ବିଡିଓ


ଶ୍ରେଣୀ ଗୃହରେ ବିଡ଼ିଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ।

**ଗୁଡାରି, ୧୫ା୧୧ (ପ୍ରମୋଦ କୁମାର ପତି )**

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ ବିଡିଓ ଶୁଚିସ୍ମିତା ବେହେରା ଶନିବାର ଅଚାନକ କଦମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ ପ୍ରଶେ କରି ଶ୍ରେଣୀ ଗୃହକୁ ଯାଇ ପାଠପଢ଼ା ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ ପଚାରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟର ଜଣେ ଶିକ୍ଷକ ଶ୍ରେଣୀ ଗୃହ ବାହାରେ ବିନା ୟୁନିଫର୍ମରେ ମୋବାଇଲ ଦେଖୁଥିବା ନେଇ ବିଡିଓଙ୍କ ନଜରରେ ଆସିବାରୁ ସମ୍ପୃକ୍ତ ଶିକ୍ଷକଙ୍କୁ ଡ୍ୟୁଟିବେଳେ ମୋବାଇଲ ବ୍ୟବହାର ନେଇ ବାରଣ କରାଯାଇଥିଲା। ୟୁନିଫର୍ମ ପିନ୍ଧିବାକୁ ବିଡିଓ ତାଗିଦ କରିଥିଲେ। ଏହାଛଡ଼ା ଶ୍ରେଣୀ ଗୃହରେ ଶିକ୍ଷକଙ୍କ ନିମନ୍ତେ ଚୌକି ରହିବ ନାହିଁ ବୋଲି ପ୍ରଧାନ ଶିକ୍ଷକ ରାମପ୍ରସାଦ ରଥଙ୍କୁ କହିଥିଲେ। ସ୍କୁଲରେ ପାଠପଢ଼ା ଯାଞ୍ଚ ସହ ଡ୍ୟୁଟିବେଳେ କେହି ଯେପରି ମାବାଇଲ ବ୍ୟବହାର ନ କରିବେ ସେ ଦିଗରେ ଦୃଷ୍ଟି ଦେବାକୁ ପ୍ରଧାନଶିକ୍ଷକ ରାମପ୍ରସାଦ ରଥଙ୍କୁ ବିଡିଓ କହିଥିଲେ। ଏଥିରେ ଖିଲାପ ହେଲେ ସମ୍ପୃକ୍ତ ଶିକ୍ଷକ ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ନିମନ୍ତେ ନୂତନ ଗୃହ ନିର୍ମାଣ ଏବଂ ଡ୍ରେନ ଉପରେ ଘୋଡଣି ପକେଇବାକୁ ପ୍ରଧାନଶିକ୍ଷକ ଜଣାଇଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କହଛନ୍ତି ବିନା ୟୁନିଫର୍ମରେ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲକୁ ଆସିଲେ ସରକାରୀ ଭାବେ ବିଡିଓଙ୍କୁ ଚିଠି କରାଯିବ। ବିଦ୍ୟାଳୟ ସମୟରେ ମୋବାଇଲ ବ୍ୟବହାରକୁ ମଧ୍ୟ ବାରଣ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିବା ପ୍ରଧାନଶିକ୍ଷକ କହିଛନ୍ତି। ଏହାପରେ ବିଡିଓ ସ୍କୁଲ ହଷ୍ଟେଲ ପରିଦର୍ଶନ କରିଥିଲେ।

# ଗୁଣପୁରରେ ମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ

**ଗୁଣପୁର,୧୫ା୧୧(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁରଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମଜୟନ୍ତୀ କାର୍ଯ୍ୟକ୍ରମ ପରେ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗୁଣପୁର ଇନଡୋର ଷ୍ଟାଡିୟମ, ମିନି ଷାଡିୟମ ପରିଦର୍ଶନ କରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ପରେ ବିକ୍ରମପୁର ଛକସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଆରମ୍ଭ ହୋଇଥିବା ମିଶନ ଶକ୍ତି କାଫେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଶେକ ଅଲିନୁର୍, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ବିଡିଓ ସ୍ୱସ୍ତିକ ଜମାଦାର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଆଇଟିଡିଏପିଏ ଅଜୟ ପ୍ରଧାନ, ଭାରପ୍ରାପ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଗୁଣପୁର ମହାବିଦ୍ୟାଳୟ ଅଧ୍ୟକ୍ଷ, ପୂର୍ବତନ ଅଧ୍ୟକ୍ଷ ଶଶୀଭୂଷଣ ମହାନ୍ତି, ଆୟାରାମ୍ମା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁସ୍ମିତା ବାଉରୀ, ସରୋଜ ସିୟା, ଭାଜପା ନେତା ଏବଂ କର୍ମୀଙ୍କ ସମେତ ସହରର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହର ଏବଂ ଶିକ୍ଷା କ୍ଷେତ୍ରରେ ବିକାଶ ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ଜିଲା ସଭାପତି ଗୋପୀ ଆନନ୍ଦ, ଭାଜପା ନେତା ଶିବ ଉଲକା, କାଳୀ ରାମ ମାଝୀ, ୱାଇ.ଗଣପତି , ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ ରବି ଗମାଙ୍ଗ, ସାମାଜିକ କର୍ମୀ ଅକ୍ଷୟ ଦାଶ, ତ୍ରିପତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କାଠ ପୋଲ ତିଆରି କଲେ ଗ୍ରାମବାସୀ

**କଲ୍ୟାଣସିଂହପୁର, ୧୫ା୧୧ (ଦୀପକ୍ କୁମାର ପରିଡ଼ା)**

**ବାରମ୍ବାର ଦାବି ପରେ ଶୁଣିଲାନି ପ୍ରଶାସନ**

ବାରମ୍ବାର ଦାବି ପରେ ଶୁଣିଲାନି ପ୍ରଶାସନ। ଗ୍ରାମବାସୀ ତିଆରି କଲେ କାଠପୋଲ। ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ପଞ୍ଚାୟତ ତଳସାଜା ଉପରସାଜା ଗାଁ ରେ।

ଗାଁକୁ ଯିବାକୁ ହେଲେ ନାଗାବଳି ନଦୀ ପାର୍ କରିବାକୁ ପଡ଼େ। ବର୍ଷା ଦିନ ଗାଁ ଲୋକେ ଯାତାୟତରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଉପର ସାଜା ଗ୍ରାମରେ ୧୫ରୁ ଉର୍ଦ୍ଧ୍ୱ ପରିବାର ସହିତ ତଳ ସାଜା ଗ୍ରାମର ପ୍ରାୟ ୪୪ ପରିବାର ଉକ୍ତ ରାସ୍ତା ଉପରେ ବର୍ଷ ବର୍ଷ ଧରି ନିର୍ଭର କରିଥାନ୍ତି। ପ୍ରତିଦିନ ବିଭିନ୍ନ କାମରେ ପଞ୍ଚାୟତ ସଦର ମହକୁମାକୁ ନଦୀ ଭିତର ଦେଇ ଗ୍ରାମବାସୀଙ୍କୁ ଯିବାକୁ ପଡୁଥିଲା। କେହି ରୋଗରେ ପଡିଲେ କିମ୍ବା ପିଲାମାନେ ସ୍କୁଲ ଯିବାକୁ ହେଲେ ସେହି ଉପରେ ନିର୍ଭର କରିଥାନ୍ତି। ଗ୍ରାମବାସୀ ବହୁବାର ବ୍ଲକ ଏପରିକି ଜିଲା ପ୍ରଶାସନକୁ ପୋଲ ନିର୍ମାଣ ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉନ ଥିଲା। ତେଣୁ ବାଧ ହୋଇ ସୋମବାର ପୁଣିଥରେ ଗ୍ରାମବାସୀ ଓ ଯୁବଗୋଷ୍ଠୀ କାଠ ପୋଲ ତିଆରି କରିଛନ୍ତି ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ କଲ୍ୟାଣସିଂହପୁର ବିଡିଓ ମନିଷା ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଆର୍‌ଡି ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଟେଣ୍ଡର ସରିଛି। ପାଣି ଥିବା କାରଣରୁ କାମ ହେଇ ପାରୁନି। ପାଣି ଶୁଖିଲା ପରେ କାମ ଆରମ୍ଭ କରାଯିବ।


ଗ୍ରାମବାସୀ କାଠ ପୋଲ ତିଆରି କରୁଛନ୍ତି।

# ପରମ୍ପରା ବିକାଶ ଯାତ୍ରା, ବିର୍ସା ମୁଣ୍ଡା ଜୟନ୍ତୀ


କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

**ଚନ୍ଦ୍ରପୁର, ୧୫ା୧୧(ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲି ପଞ୍ଚାୟତ ଅଧୀନ ଗିରିଲାଙ୍ଗ, କୁପୁଡ଼ା ଗ୍ରାମର କମ୍ୟୁନିଟି ଗୃହ ପରିସରରେ ଶନିବାର ଜନ ଜାଗରଣ ମଞ୍ଚ ରାୟଗଡ଼ା ପକ୍ଷରୁ ପରମ୍ପରା ବିକାଶ ଯାତ୍ରା ସହ, ବିର୍ସାମୁଣ୍ଡାଙ୍କ ୧୫୦ ଜୟନ୍ତୀ ପାଳିତ ହୋଇଛି। ବୁଡ଼ିବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥିଭାବେ ୱାର୍ଡ ସଭ୍ୟ ମିଲିଙ୍ଗା ପ୍ରତିକା, ଜିଲା ସଭ୍ୟ ବିଦ୍ୟାଧର ବିଦିକା, ସୂର୍ଯ୍ୟମଣି, ପ୍ରତୀକା, ଜିଆର୍‌ଏସ୍ ପ୍ରବୀର୍ ପାତ୍ର, ସାମାଜିକ କର୍ମୀ ବିଜୟ ଉଲାକା, ହଡ଼ିପା ଗୌଡ଼, ଶିକ୍ଷକ ଲକ୍ଷ୍ମଣ ପ୍ରତିକା ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ପରମ୍ପରା ର ବାଦ୍ୟ ବଜାଇ ନୃତ୍ୟ ପରିବେଷଣ କରିଥଲେ। କାର୍ଯ୍ୟକ୍ରମକୁ ଦିବାକର ସବର ପରିଚାଳନା କରିଥଲେ। ଅଙ୍ଗନୱାଡି କର୍ମୀଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି, ନିକଟସ୍ଥ ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟ ପରିସରରେ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳନ ସହ ବିଦ୍ୟାଳୟରେ ଅଭିଭାବକ ଏବଂ ଶିକ୍ଷକ ସମ୍ମିଳନୀ କରାଯାଇଛି। ଏଥିରେ ଛାତ୍ରୀଛାତ୍ର ମାନଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ପ୍ରଧାନ ଶିକ୍ଷକ ରାଜୁ ପାଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଭୀମ ଗୋଗେରେଙ୍ଗା ମୁଖ୍ୟ ଅତିଥି, ଶିକ୍ଷା ବିଭାଗର ଏଇଓ ଉମାକାନ୍ତ ମିସାଲ ମୁଖ୍ୟ ବକ୍ତା, ସମ୍ମାନୀତ ଅତିଥିଭାବେ ସିଆର୍‌ସିସି ଅଶୋକ ଘଡ଼େଇ, ସ୍କୁଲ ସବାପତି ବିଶ୍ୱନାଥ ପ୍ରତିକା, ୱାର୍ଡ ସଭ୍ୟ ମହେନ୍ଦ୍ର ପ୍ରତିକା, ସଙ୍ଗୀତା ପ୍ରତିକା, ସହକାରୀ ଶିକ୍ଷକ ଜଗନ୍ନାଥବାଗ, ଶ୍ରୀପତି ହାଦ୍ରାଙ୍ଗା, ବିଜୟ ଉଲକା, ହାଡ଼ିପା ଗୌଡଙ୍କୁ ପ୍ରଧାନ ଶିକ୍ଷକ ରାଜୁ ପାଲ ସମ୍ମାନୀତ କରିଥଲେ।

# ୯ଚୋରା ମୋବାଇଲ ଜବତ କଲା ରେଲୱେ ପୋଲିସ

**ରାୟଗଡ଼ା,୧୫ା୧୧(ଆଶିଷ ରଞ୍ଜନ ପଣ୍ଡା)**

**ଛତିଶଗଡ଼ରୁ ଆସି ରାୟଗଡ଼ା-ବିଶାଖାପାଟଣା ଟ୍ରେନରେ ମୋବାଇଲ ଚୋରି**

୯ଟି ମୋବାଇଲ ଚୋରି ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ ଓ ୫ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି ରାୟଗଡ଼ା ଏସ୍‌ଡିଜେମ ଜଜ୍ ବର୍ଷା ଦାସ। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ଜଣକ ହେଲେ ଛତିଶଗଡ଼ ରାଜ୍ୟର ଅଜମିନି ସାହୁ ଓରଫ ବେକି।

ଘଟଣାରୁ ପ୍ରକାଶ ଯେ, ଜୁନ ୮ରେ ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକସ୍ଥିତ ରେଳ ଷ୍ଟେସନରେ ଜିଆରପି ଓ ଆର୍‌ପିଏଫ ପୋଲିସ ପାଟୋଲିଂ କରିବା ସମୟରେ ଅଜମିନିଙ୍କୁ କେଉଁଆଡ଼େ ଯାଉଥିବା ନେଇ ପଚାରିବା ସହିତ ଟିକେଟ ଦେଖାଇବାକୁ କହିଥିଲେ। ଅଜମିନିଙ୍କ ଉତ୍ତରରେ ସନ୍ଦେହ ସୃଷ୍ଟି ହେବାରୁ ତାଙ୍କର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ତାଙ୍କ ନିକଟରୁ ୯ଟି ମୋବାଇଲ ମିଳିଥିଲା। ଯାହା ଚୋରି ମୋବାଇଲ ବୋଲି ଜଣାପଡ଼ିଥିଲା। ଅଜମିନିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପଚରାଉଚୁରା ବେଳେ ଅଜମିନି ରାୟଗଡ଼ାଠାରୁ ବିଶାଖାପାଟଣା ମଧ୍ୟରେ ଟ୍ରେନରେ ଯାତ୍ରୀଙ୍କ ଫୋନ୍ ଚୋରି କରୁଥିଲେ ବୋଲି ଜଣାପଡ଼ିଥିଲା। ଏନେଇ ଜିଆର୍‌ପି ପୋଲିସ କେସ ନଂ ୨୬/୨୫ରେ ମାମଲା ରୁଜୁ କରି ଅଜମିନିଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ବାହାର ରାଜ୍ୟରୁ ଆସି ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ରହି ଏହିଭଳି ମୋବାଇଲ ଚୋରି ସହିତ ଘରେ କେହି ନ ଥିବା ବେଳେ କଳାକନା ବୁଲାଉଥିବା ଦୁର୍ବୃତ୍ତଙ୍କ ଉପରେ ରୋକ୍ ଲଗାଇବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି।

# ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ବିଷମକଟକ, ୧୫ା୧୧ (ପ୍ରସନ୍ନ କୁମାର ପଣ୍ଡା)**

ଜନଜାତୀୟ ଗୌରବ ଦିବସ ତଥା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ରାୟଗଡା ଜିଲା ବିଷମକଟକ ବ୍ଲକ କାଙ୍କୁବାଡ଼ି ପଞ୍ଚାୟତ ଅଧୀରେ ଥିବା ବୋରିଖାଲାରେ ଏକଲବ୍ୟ ମେଡଲ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭର୍ଚୁଆଲ୍ ମୋଡ୍‌ରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଷମକଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଦକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, କାଙ୍କୁବାଡ଼ି ସରପଞ୍ଚ ଦୟା କୁଲୁସିକା ଯୋଗ ଦେଇଥିଲେ। ଏହି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ୧୫ ଏକର ପରିସୀମା ରେ ନିର୍ମାଣ ହେବାକୁ ଯାଉଛି। ଏଥିପାଇଁ କେନ୍ଦ୍ର ସରକାର ୪୦ କୋଟି ଟଙ୍କା ଅନୁଦାନ ରାଶି ମଞ୍ଜୁରୀ କରିଛନ୍ତି। ଏହି ବିଦ୍ୟାଳୟରେ ମୋଟ ୫୦୦ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ଉନ୍ନତ ମାନର ପାଠ ପଢିବାର ସୁଯଗ ପାଇବେ। ଏହି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରେ ବିଷମକଟକ ଅଞ୍ଚଳର ଅନେକ ଅଞ୍ଚଳ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଷମକଟକ ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ, ସିପିଡବ୍ଲୁଡି ବିଭାଗର ସହକାରୀ ଯନ୍ତ୍ରୀ ଲୋପାମୁଦ୍ରା ମହାପାତ୍ର, ମିଶନ ଶକ୍ତିର ବିପିଏମ୍ ମାନଶୀ ଟାକ୍ରି ଓ ଏମ୍‌ବିକେ ଓ ସିଆର୍‌ପିମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଭାଷୀ କାର୍ଯ୍ୟକ୍ରମକୁ ବ୍ଲକ ମଙ୍ଗଳ ଅଧିକାରୀ ଶୁଭପ୍ରଦା ସସାମଲ ପରିଚାଳନା କକରିଥିଲେ।


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅତିଥିମାନେ।

# ସାପ୍ତାହିକ ଯୋଗ ଶିବିର ଅନୁଷ୍ଠିତ

**ପଦ୍ମପୁର,୧୫ା୧୧(ପ୍ରଶାନ୍ତ କର)**

ରାୟଗଡ଼ା ଜିଲା ପଦ୍ମପୁର ଶାରଦା ବିହାରରେ ସରସ୍ୱତୀ ଶିଶୁ ମନ୍ଦିର ରଜତ ଜୟନ୍ତୀ ବର୍ଷ ପାଇଁ ସାପ୍ତାହିକ ଯୋଗ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଥମ ବ୍ରହ୍ମଚାରୀ ରାଜେଶ ଜୀ ଓ ଗୀତା ସାର ଧର୍ମପ୍ରଚାକର ସ୍ୱାମୀ ତନ୍ମୟା ନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ। ସମସ୍ତ ଶିଶୁ ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହେବ। ଯୋଗ ଶିକ୍ଷୟିତ୍ରୀ ଟୁନି ମହାଙ୍କୁଡ଼ ପତଞ୍ଜଳୀ ମହିଳା ଜିଲା ପ୍ରବାରୀ ଉପସ୍ଥିତ ଥିଲେ। ଯୋଗ ପ୍ରଶିକ୍ଷକ ଇତି ମଧ୍ୟର ମହିଳାମାନଙ୍କୁ ନେଇ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ସେ ମହିଳା ବିଭିନ୍ନ ରୋଗର ନିରାକରଣ ଯୋଗ କରିବା ଦ୍ୱାରା ଦୂର ହୋଇପାରିବ ବୋଲି ଅତିଥି କହିଥିଲେ। ଅଭିଭାବକ ଓ ଗ୍ରାମବାସୀ ଶିବିରରେ ଅଂଶ ଗ୍ରହଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ଟିକିରି,୧୫ା୧୧ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡା ଜିଲା କାଶୀପୁର ବ୍ଲକ ସଦର ମୋହକୁମାସ୍ଥିତ ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଶନିବାର ଅନୁଷ୍ଠିତ ହୋଇଛି। କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସୋଏଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରାୟଗଡା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ, ଉପାଧ୍ୟକ୍ଷ କୁନି କୁମାରୀ ନାଏକ,ରାୟଗଡ଼ା ବିଧାୟକଙ୍କ ପ୍ରତିନିଧି ଝିଙ୍ଗୁରୁ ମାଝୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ପ୍ରାଣି ଚିକିତ୍ସାଅଧିକାରୀ ଡା. ମୃନ୍ମୟ କୁମାର ପଣ୍ଡା ଯୋଗଦେଇ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସଚେତନତା ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ଏବଂ ଅନ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଏବଂ ବିଭାଗୀୟ ଅଧିକାରୀମାନେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାଣି ପାଳନ ଓ ମତ୍ସ୍ୟଚାଷୀଙ୍କ ସଫଳ କାହାଣୀ ସହ ବିଶେଷଜ୍ଞମାନେ ଉପଯୋଗୀ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କାଶୀପୁର କୃଷି ଅଧିକାରୀ ନିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗୀୟ କର୍ମଚାରି ସହଯୋଗ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

# ଏକତା ସୂତ୍ରରେ ବାନ୍ଧିହେବାକୁ ପରାମର୍ଶ

**ଗୁଣପୁର,୧୫ା୧୧ (ପ୍ରଦୀପ କୁମାର ପାଢ଼ୀ)**

**ଏକତା ପଦଯାତ୍ରା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ**

ରାୟଗଡ଼ା ଜିଲା ଗୁଣପୁରଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମଜୟନ୍ତୀ ଶନିବାର ପାଳିତ ହୋଇଛି। ଛାତ୍ରୀଛାତ୍ର ବିଶାଳ ତ୍ରିରଙ୍ଗା ଧରି ଏକତା ଯାତ୍ରାରେ ବାହାରିଥିଲେ। ଗୁଣପୁର ମହାବିଦ୍ୟାୟଠାରୁ ଏକତା ଯାତ୍ରା ଆରମ୍ଭ ହୋଇ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶେଷ ହୋଇଥିଲା। ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକତା ଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଗୁଣପୁର ମହାବିଦ୍ୟାଳୟରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ମରାଠିଗୁଡା ଉନ୍ନିତ ଉଚ୍ଚ ବିଦ୍ୟାଳୟ, ବାଇ ପାସ୍‌ଛକ, ହଳଦିଆ ନାଳଛକ, ପୌର ପରିଷଦ କାର୍ଯ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛକରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା । ବନ୍ଦେ ମାତରଂ, ଭାରତ ମାତା କି ଜୟ ଧ୍ୱନି ରେ ଗୁଣପୁର ସହର ଦୁଲୁକିଥିଲା। ଶେଷରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରେରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି, ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦୀଲିପ, ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ଗୁଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶବର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅଖଣ୍ଡ ଭାରତ ଗଠନ କରିବାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନକୁ ମନେ ପକେଇବା ସହ ଆଜିକାର ଯୁବପିଢି ପଟେଲଜୀଙ୍କ ପରି ହେବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। କିଛିଦିନ ତଳେ ଲାଲ କିଲ୍ଲା ସମ୍ମୁଖରେ ହୋଇଥିବା ବିସ୍ଫୋରଣକୁ ମୁଖ୍ୟ ଅତିଥି ନିନ୍ଦା କରିବା ସହ ଏକତା ରଜ୍ଜୁରେ ବନ୍ଧା ହେଲେ ଏମିତି ଆତଙ୍କି କାର୍ଯ୍ୟକୁ ପରିହିତ କରିପାରିବା ବୋଲି କହିଥିଲେ। ମୁଖ୍ୟ ଅତିଥିଙ୍କୁ ରାୟଗଡା ଜିଲାର ସ୍ମାରକି କାପଡ଼ାକୁନ୍ଦା ଓ ଇଡିତାଲ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଗୁଣପୁର ପୌରାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।


ଏକତା ପଦଯାତ୍ରାରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

## ସଂକ୍ଷେପରେ

### ବନ ବିଭାଗର ଚଢ଼ାଉ, ୨ ଗିରଫ

ପାପଡ଼ାହାଣ୍ଡି, ୧୫।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଡାବୁଗାଁ ରେଞ୍ଜ ମୈଦଲପୁର ବନବିଭାଗ ପକ୍ଷରୁ ଚଢ଼ାଉ କରି ବେଆଇନଭାବେ କାଠ ଚାଲାଣରେ ଲାଗିଥିବା ଜେସିବି ଓ ଟ୍ରକ୍ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ଅମରଜିତ ସେନ ଓ ଦେବେନ୍ଦ୍ର ହରିଜନ। ସୂଚନା ପ୍ରକାରେ ଶୁକ୍ରବାର ରାତ୍ର ୧୦ଟାରେ ମୈଦଲପୁର ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ବଟକରି ଗାଁ ନିକଟରେ ପହଞ୍ଚିଥିଲା। ସେଠାରେ ଏକ ଜେସିବି (ଓଡି-୨୪ଏମ୍-୩୩୮୯) ଓ ଟ୍ରକ (ସିଜି-୦୮ଏଏନ୍-୯୯୯୭) ଶିମିଳି ଗଛର ୬ ଗୋଟି ଗଣ୍ଡିକୁ ଟ୍ରକରେ ଜେସିବି ସହାର୍ଯ୍ୟରେ ରଖୁଥିଲେ। ସେହି ସମୟରେ ବନବିଭାଗ ଚଢ଼ାଉ କରି ଜେସିବି ଓ ଟ୍ରକ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ୧୬୯/୨୫ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବନପାଳ ମଧୁସୂଦନ ପାତ୍ର କହିଛନ୍ତି ।

### ଗଞ୍ଜେଇ ଗଛ ନଷ୍ଟ କରିବା ସହ ଜଣେ ଗିରଫ

ତେନ୍ତୁଳିଖୁଣ୍ଟି, ୧୫।୧୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ତହସିଲ ଅଧୀନ ମଞ୍ଚା ଗାଁ ରାଜସ୍ୱ ସର୍କଲର ଜଳ ବନ୍ଦୀ ଅଞ୍ଚଳ ବାଗ୍ରାଠାରେ ଗଞ୍ଜେଇ ଚାଷ କରାଯାଇଥିବା ଖବରପାଇ ଖାତିଗୁଡ଼ା ଆଇଆଇସି ହରିଶ୍ ଗୋଲାରିଙ୍କ ନେତୃତ୍ୱରେ ଏକ ଟିମ୍ ତଲାସୀ ଅଭିଯାନ କରି ବିପୁଳ ପରିମାଣରେ ଗଞ୍ଜେଇ ଗଛ ଜବତ କରିବା ସହ ପୋଡ଼ିଥିଲା। ଏହିସମୟରେ ତେନ୍ତୁଳିଖୁଣ୍ଟି ତହସିଲର ଅତିରିକ୍ତ ତହସିଲଦାର ସିମାଞ୍ଚଳ ପାତ୍ର , ମଞ୍ଚାଗାଁ ରାଜସ୍ୱ ନିରୀକ୍ଷକ ବଳରାମ ହରିଜନ ବେଜୁଗୁଡ଼ା ରାଜସ୍ୱ ସର୍କଲ ଏଆର୍ଆଇ ମେରି କନ୍ଧପାନ ଉପସ୍ଥିତ ଥିଲେ। ସନିଆ ଜାନିଙ୍କୁ ଗଞ୍ଜେଇ ଚାଷ ଅଭିଯୋଗରେ ଗିରଫ କରାଯାଇଛି। କେସ୍ ନମ୍ବର ୧୩୦ ରେ ମାମଲା ରୁଜୁ ହୋଇଛି।

### ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ଚନ୍ଦାହାଣ୍ଡି, ୧୫।୧୧ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦର କଲ୍ୟାଣ ମଣ୍ଡପରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ସନ୍ତୋଷ ଖମାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶୋଭା ସିଂ ପୋଡ଼, ପ୍ରେମେଶ୍ୱର୍ ନାୟକ, ହେମଧର ନାୟକ, ଘାସିରାମ ଗୌଡ଼, ଯୋଗେନ୍ଦ୍ର ବେଶ୍ରା, ଡିଙ୍ଗର ସିଂ ଜଗତ, ଅଭୟ ନାୟକ, ସୌରୀ ରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। କ୍ରମାଗତ ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକ ମନୋହର ଜଗତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘକୁ ମଜଭୂତ କରିବାକୁ କିଛି ଆନୁଷଙ୍ଗିକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାପତି କହିଛନ୍ତି। କାର୍ଯ୍ୟକ୍ରମକୁ ସମ୍ପାଦକ ରଜେଶ୍ୱର୍ ଦଣ୍ଡସେନା ପରିଚାଳନା କରିଥିଲେ। ହରେକୃଷ୍ଣ ସାହୁ, ତୁଳସୀ ପାତ୍ର, ପଙ୍କଜ ସ୍ୱାଇଁ, ଯୁଗଜ୍ୟୋତି ବହ୍ରିଆ, ଲକ୍ଷ୍ମୀଧର ସୁନା, ଜ୍ୟୋତିରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଗୌଡ଼ ତଥା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# ଆଦିବାସୀ ପାତରଅନ୍ତରର ଶିକାର ହେଉଥିବା ଅଭିଯୋଗ

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନବରଙ୍ଗପୁର, ୧୫।୧୧ (ସଦାଶିବ ପ୍ରହରାଜ)




ଦାବି ଜଣାଇବାକୁ ଯାଇଥିବା ଆଦିବାସୀ ଓ ପାରମ୍ପରିକ ବନବାସୀମାନେ।

ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଆମ ଓଡିଶାରେ ବସବାସ କରୁଥିବା ପ୍ରାୟ ପଚିଶ ଭାଗ ଆଦିବାସୀଙ୍କ ଦୁର୍ଦ୍ଦଶା ବଢିବଢି ଚାଲିଛି। ରାଜ୍ୟରେ ଚାଲିଥିବା ପୁଞ୍ଜିବାଦୀ ବିକାଶ ଧାରାରେ ଆଦିବାସୀ ମାନେ ବିସ୍ଥାପନ, ଶୋଷଣ, ଅତ୍ୟାଚାର ଏବଂ ଲାଞ୍ଛନାର ଶୀକାର ହୋଇଆସୁଅଛନ୍ତି। ସାମ୍ବିଧାନିକ ଏବଂ ଆଇନଗତ ଅଧିକାର ସଙ୍କୁଚିତ ହେବା ସହିତ ପାତରଅନ୍ତରର ଶୀକାର ହେଉଥିବା ଅଭିଯୋଗ ଆଣି ଶନିବାର ନବରଙ୍ଗପୁର ଜିଲା ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଓ ଓଡ଼ିଶା କୃଷକ ସଭା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦଖଲ ମୁତାବକ ବ୍ୟକ୍ତିଗତ, ଗୋଷ୍ଠଗତ ଓ ଗୋଷ୍ଠି ସମ୍ବଳ ଅଧିକାର ପ୍ରଦାନ ଶେଷ ନହେବା ପର୍ଯ୍ୟନ୍ତ ଜଙ୍ଗଲ ଜମିରୁ କୌଣସି ସଦସ୍ୟଙ୍କୁ ସ୍ଥାନାନ୍ତର କିମ୍ବା ବିସ୍ଥାପିତ ବନ୍ଦ, ଜଙ୍ଗଲ ସଂରକ୍ଷଣ ନିୟମାବଳୀ ୨୦୨୩କୁ ବାତିଲ, ଜଙ୍ଗଲ ଅଧିବାସୀଙ୍କ ଉପରେ ଜୁଲୁମ କରୁଥିବା ବନସୁରକ୍ଷା ସମିତିକୁ ରଦ୍ଦ, ସେଞ୍ଚୁରୀ, ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ସମ୍ପ୍ରସାରଣ ଏବଂ ବିସ୍ଥାପନ ଓ ଉଚ୍ଛେଦକୁ ବନ୍ଦ କରି ଜଙ୍ଗଲ ଅଧିକାର ପ୍ରଦାନ ନେଇ ଦାବି ହୋଇଛି। ଭୂମୀହୀନ, ଗୃହହୀନ ପରିବାରଙ୍କୁ ଏକ ଷ୍ଟାଣ୍ଡାର୍ଡ ଏକର ଚାଷ ଜମି ଏବଂ ୧୦ ଡିସିମିଲ ଘରଡିହ ପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୦ଦିନର କାମ ଏବଂ ୬୦୦ଟଙ୍କା ମଜୁରୀ ପ୍ରଦାନ, ପ୍ରଥମରୁ ଯୁକ୍ତ ୩ ତଥା ବୈଷୟିକ ଶିକ୍ଷା ଶେଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ ନେଇ ଦାବି ହୋଇଛି। ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ, ସରକାରୀ ତଥା ବେସରକାରୀ କ୍ଷେତ୍ରରେ ସ୍ଥାୟୀ ନିଯୁକ୍ତି ଦାବି କରାଯାଇଛି। ସମ୍ବିଧାନର ଅଷ୍ଟମ ଅନୁସୁଚୀରେ ସାମିଲ ସାନ୍ତାଳୀ ଭାଷାରେ ବିଧିବଦ୍ଧ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହିତ ହୋ, ସୌରା ମୁଣ୍ଡା, କୁଇ, ପରଜା, ଗୋଣ୍ଡ ଓ ଦେଶିଆ ଭାଷାର ସାମ୍ବିଧାନିକ ମାନ୍ୟତା ପ୍ରଦାନ ଦାବି ହୋଇଛି। ଚଳିତ ଜନଗଣନାରେ ଆଦିବସୀଙ୍କ ଅସ୍ମିତାର ସୁରକ୍ଷା ଧର୍ମ କଲମରେ ଆଦି ଧର୍ମ/ସାର୍ନା/ପ୍ରକୃତି ପୂଜକ/ସତନ୍ତ୍ର ପରିଚୟ ପାଇଁ କଲମକୋଡର ବ୍ୟବସ୍ଥା କରାଯାଉ। ପଞ୍ଚମ ଅନୁସୂଚିତ ଜିଲା ମଧ୍ୟର ସମସ୍ତ ନିଯୁକ୍ତିକୁ ଜିଲାଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଦ୍ୱାରା ଚୟନ କରାଯାଉ ବୋଲି ଦାବି ଜଣାଇଛନ୍ତି। ଓଡିଶା ଆଦିବାସୀ ଅଧିକାର ମଞ୍ଚର ଓ ଓଡ଼ିଶା କୃଷକ ସଭାର ଜିଲା ସମ୍ପାଦକ ରାଜେଶ ଜାନି , ଜିଲା ସଭାପତି ନୁଆଖାଉ ଭତରା, ଜିଲା ସହ ସମ୍ପାଦକ ସାଲିମଧର୍ ଜାନି, ଯୁବ ସାମାଜିକ କର୍ମୀ ଦୟାନିଧି ସୁନା, ମହନ ସାନ୍ତା, ଅଦୁ ଶାନ୍ତା, ରେଣ୍ଟୁ ଗୋଣ୍ଡ, ଅଲେଖ କୁଲଦୀପ, ମନ୍ତ୍ରୀ ସାନ୍ତା, ଅର୍ଜୁନ ସାନ୍ତା, ଶୁକ୍ରୁ ହରିଜନ, ଗୁରୁନାଥ ସାନ୍ତା, ବିଡ଼ିଅ ସାନ୍ତା ଓ ପ୍ରାୟ ୫୦୦ ଆଦିବାସୀ ଓ ପାରମ୍ପରିକ ବନବାସୀ ଯୋଗ ଦେଇଥିଲେ।

# ପାହାଡ଼ ଚଢ଼ି ଗାଁରେ ପହଞ୍ଚି ବୁଝିଲେ ସମସ୍ୟା

ନନ୍ଦାହାଣ୍ଡି, ୧୫।୧୧, (ପ୍ରତୀପ କୁମାର ଦାଶ)

ପାହାଡ଼ ଚଢ଼ି ଅପହଞ୍ଚ ଇଲାକାକୁ ଯାଇ ଲୋକଙ୍କୁ ସରକାରୀ ଯୋଜନାର ଲାଭ ମିଳୁଛି ନ ନାହିଁ ସେ ସମ୍ପର୍କରେ ଶନିବାର ନବରଙ୍ଗପୁର ନନ୍ଦାହାଣ୍ଡି ବିଡିଓ ବୁଝିଛନ୍ତି। ଏଥିସହ ସେଠାରେ ଥିବା ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ବ୍ଲକ ଅଧୀନ ଝାଡ଼ବନ୍ଧ ଗୁଡା ପଞ୍ଚାୟତର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଫୁଟଘର ଗାଁକୁ ଯାଇଥିଲେ। ଏଠାରେ ୫ଟି ପରିବାର ବସବାସ କରୁଥିବା ବେଳେ ତିନୋଟି ପାହାଡ଼ ଚଢି ଗାଁ ରେ ପହଞ୍ଚିବାକୁ ହୋଇଥାଏ। ବିଡିଓ ସାହୁ ୨୦୨୩ରେ କାର୍ଯ୍ୟଭାର ଗ୍ରହଣ କରିବାର ଅଳ୍ପ ଦିନ ପରେ ଫୁଟଘର ଗାଁ ଯାଇ ଲୋକଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ। ପାନୀୟ ଜଳ, ସୋଲାର ବିଦ୍ୟୁତ୍ ସଂଯୋଗୀକରଣ, ପେନସନ ଭଳି ସମସ୍ୟା ସମଧାନ କରିଥିଲେ। ତେବେ ଅନ୍ୟ କିଛି ନୂତନ ସମସ୍ୟା ରହିଯାଇଛି କି ତାହା ଜାଣିବା ପାଇଁ ବ୍ଲକ ର ସମସ୍ତ ବିଭାଗ ର ଅଧିକାରୀଙ୍କୁ ନେଇ ଶନିବାର ଫୁଟଘର ଗାଁରେ ପହଞ୍ଚିଥିଲେ। ତେବେ ବର୍ତ୍ତମାନ ସମସ୍ତ ବ୍ୟକ୍ତିଗତ ସମସ୍ୟା ସହ ମୌଳିକ ସମସ୍ୟାର ସମାଧାନ ହୋଇଥିବା ଜାଣି ଖୁସି ବ୍ୟକ୍ତ କରିଥିଲେ। କେବଳ ଜଣେ ଲୋକଙ୍କ ବାର୍ଦ୍ଧକ୍ୟ ଭତ୍ତା ରହିଯାଇଥିବା ଜାଣି ତାହା ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ଗାଁକୁ ପାହାଡ଼ିଆ ରାସ୍ତାଥିବାରୁ କିଛି ରାସ୍ତା ନିର୍ମାଣ ହୋଇଛି। ବାକି ରାସ୍ତା କାର୍ଯ୍ୟ ପାଇଁ ଅନୁଦାନ ଆସିଛି। ସେ ସମସ୍ୟା ମଧ୍ୟ ସମାଧାନ ହୋଇଯିବ ବୋଲି ଗାଁ ଲୋକଙ୍କୁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।



ବିଡିଓ ଗ୍ରାମବାସଙ୍କ ସହ ଆଲୋଚନା କରୁଛନ୍ତି।

# ଫାଇନାଲରେ ପରସ୍ପରକୁ ଭେଟିବେ ଏଚ୍ ଦି ବୁଲ୍, ଝାରସୁଗୁଡ଼ା ଲିଟିଲ ଷ୍ଟାର

ଉମରକୋଟ, ୧୫।୧୧ (ସନ୍ତୋଷ ଶତପଥୀ)

ଉମରକୋଟ ପ୍ରୀମୀୟର ଲିଗ୍ (ୟୁପିଏଲ୍)ର ଅଷ୍ଟମ ସଂସ୍କରଣର ଫାଇନାଲ ମ୍ୟାଚ ରବିବାର ଏଚ୍ ଦ ବୁଲ ଓ ଝାରସୁଗୁଡ଼ା ଲିଟିଲ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହେବ। ଉଦଯାପନୀ ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସିନେ ତାରକା ଓ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେବେ। ବିଜୟୀ ଦଳକୁ ୨ ଲକ୍ଷ ଏକ ହଜାର ଓ ରନର୍ସ ଅପ୍ ଦଳକୁ ୧ ଲକ୍ଷ ୫୧ ହଜାର ଟଙ୍କା ଓ ମ୍ୟାନ ଅଫ ଦି ସିରିଜ ଖେଳାଳିଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ୟୁପିଏଲ୍ ଅଧକ୍ଷ ସୁଧାଂଶୁ ଦାସ ସୂଚନା ଦେଇଛନ୍ତି।

ପ୍ରଥମ ସେମି ଫାଇନାଲରେରେ ସାନି ଏକାଦଶ ବଲାଙ୍ଗୀରକୁ ଏଚ୍ ଦି ବୁଲ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଦ୍ୱିତୀୟ ସେମିଫାଇନାଲ ଶନିବାର କୋଣ୍ଡାଗାଁ ଇଲେଭେନ ଓ ଝାରସୁଗୁଡା ଲିଟିଲ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଝାରସୁଗୁଡ଼ା ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। କୋଣ୍ଡାଗାଁ ଇଲେଭେନ ୧୬.୪ ଓଭରରେ ୧୦ ଉଇକେଟ ହରାଇ ୧୦୩ ରନ କରିଥିଲା। ଏହି ଲକ୍ଷ୍ୟକୁ ପିଛାକରୀ ଝାରସୁଗୁଡା ଲିଟଲ ଷ୍ଟାର ୭.୧ ଓଭର ରେ ୧୦୪ ରନ କରି ୮ ଉଇକେଟ ରେ ମ୍ୟାଚ ଜିତି ଫାଇନାଲରେ ପ୍ରବେଶ କରିଛି। ରାଜେଶ୍ୱର ସିଂ ମ୍ୟାନ ଅଫଦି ମ୍ୟାଚ୍ ହୋଇଥିଲେ। ଅନ୍ୟପଟେ ରୁଷିଆନ ଚିୟର ଗାର୍ଲ ମାନେ ନୃତ୍ୟ ପ୍ରଦର୍ଶନ କରି ଦର୍ଶକ ଓ ଖେଳାଳିଙ୍କ ମନୋରଞ୍ଜନ କରୁଛନ୍ତି। ଆଜିର ମ୍ୟାଚରେ କାବୁଲ ସାନ୍ତ୍ରା ଓ ବବଲୁ ଅମ୍ପାୟାରିଙ୍ଗ କରିଥିଲେ।

## ଜାତୀୟସ୍ତର ଜୁଡୋରେ ଯୋଗଦେବେ ୨ ଆଦିବାସୀ ଛାତ୍ର

ମାଲକାନଗିରି, ୧୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟି ମୁଦୁଲିପଡା ପଞ୍ଚାୟତ ଅଧୀନ ବଡପଡା ଗ୍ରାମର ବଣ୍ଡା ଜନଜାତିର ଛାତ୍ର ବିନୋଦ ଚଲାଣ ଓ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ସୋମାକୁଣ୍ଡ ଗ୍ରାମର ଆଦିବାସୀ ଛାତ୍ର ମହେଶ ହନ୍ତାଳ ଜାତୀୟ ସବ ଜୁନିୟର ଜୁଡୋ ଚାମ୍ପିୟନଶିପରେ ଯୋଗଦେବେ। ୧୬ରୁ ୨୦ ଯାଏ ତେଲେଙ୍ଗାନାର ହାଇଦ୍ରାବାଦର ଲାଲବାହାଦୁର ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଚାମ୍ପିୟନଶିପ ପାଇଁ ଏହି ୨ ଛାତ୍ର ମନୋନୀତ ହୋଇଛନ୍ତି। ୨ ଛାତ୍ର ମାଲକାନଗିରି ସଦର ମହକୁମା କୁମୁଟିଗୁଡା ବିଦ୍ୟାଳୟରେ ୮ମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଅଲ ଇଣ୍ଡିୟା ମାର୍ସାଲ ଆର୍ଟସ ଗୁରୁକୁଳରେ ରହି ଜୁଡୋ ଅଭ୍ୟାସ କରିଥିଲେ। ବିନୋଦ ଓ ମହେଶ ରାଜ୍ୟସ୍ତରୀୟ ସବ୍ ଜୁନିୟର ଜୁଡୋ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



ବିନୋଦ ଓ ମହେଶ।

ଜାତୀୟ ସ୍ତର ଜୁଡୋ ଚାମ୍ପିୟନଶିପ୍‌ରେ ସୁଯୋଗ ମିଳିଥିବାରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ବିଭିନ୍ନ ବିଭାଗର ପଦାଧିକାରୀ ପ୍ରଶଂସା କରିଛନ୍ତି।

# ରାଜ୍ୟସ୍ତରୀୟ ପାରା ଆଥ୍‌ଲେଟ୍‌ରେ ସନ୍ତରଣରେ ସ୍ୱର୍ଣ୍ଣ

## ଦୃଷ୍ଟିବାଧିତ ଜଗନ୍ନାଥ ଜିଲା ପାଇଁ ଗୌରବ ଆଣିଲେ

ନବରଙ୍ଗପୁର, ୧୫।୧୧ (ସଦାଶିବ ପ୍ରହରାଜ)



ଜଗନ୍ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନବରଙ୍ଗପୁରର ୧୦୦ ପ୍ରତିଶତ ଦୃଷ୍ଟିବାଧିତ ଜଗନ୍ନାଥ ସାନ୍ତା ଚଳିତବର୍ଷ ରାଜ୍ୟସ୍ତରୀୟ ପାରା ଆଥ୍‌ଲେଟ୍‌ରେ ସିନିୟର ସନ୍ତରଣ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ନବରଙ୍ଗପୁର ଆସିବା ପରେ ଜିଲା ସକ୍ଷମ ସଭାପତି ସୁଜିତ୍ ରଥ ଏବଂ ସଚିବ ଏ.ସୁରେଶ ଶାସ୍ତ୍ରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ତାଙ୍କର ଏହି ଉଦ୍ୟମ ଜାରି ରଖିବା ଓ ଅନ୍ୟ ପାଇଁ ପ୍ରେରଣା ସାଜିଥିବାରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଡିସେମ୍ବରରେ ପରବର୍ତ୍ତୀ ରାଜ୍ୟସ୍ତରୀୟ ଆଥ୍‌ଲେଟ୍‌ରେ ଭାଗ ନେଇ ପଦକ ପାଇବାକୁ କସରତ ଜାରି ରଖିଥିବା ସେ କହିଛନ୍ତି।

ଝରିଗାଁ ବ୍ଲକ୍ ରତାଖଣ୍ଡିଗୁଡ଼ା ପଞ୍ଚାୟତ ଉପାନ୍ତ ପତିଆଗୁଡ଼ା ଗ୍ରାମରେ ଜଗନ୍ନାଥ ରୁହନ୍ତି। ମା' ଚଞ୍ଚଳା ସାନ୍ତା ଓ ବାପା ଉଧ୍ରାନ ସାନ୍ତା ଚାଷୀ । ଜଗନ୍ନାଥ ଏଥିପୂର୍ବରୁ କୋରାପୁଟ କ୍ରିକେଟ ଦଳରେ ବି ୱାନ୍ ଅଲରାଉଣ୍ଡର ଭାବେ ଖେଳି ଦଳକୁ ୯ ଥର ପାଇଁ ଚାମ୍ପିୟନ କରିଛନ୍ତି। ଏହାଛଡ଼ା ରାଜ୍ୟସ୍ତରୀୟ ପାରା ଆଥ୍‌ଲେଟ୍‌ର ୨୦୨୪-୨୫ ବର୍ଷରେ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ଜୟପୁର ବିକ୍ରମଦେବ କଲେଜର ଯୁକ୍ତ ୩ ବର୍ଷର କଳା ଛାତ୍ର ଓ ଓଡ଼ିଆ ଅନର୍ସରେ ପାଠପଢ଼ା ଜାରି ରଖିଛନ୍ତି। ତାଙ୍କ ପ୍ରେରଣାରେ ପରିବାରରେ ମିଶି ରହୁଥିବା ୨ଜଣ ଗ୍ରାଜୁଏସନ ପଢୁଥିବା ବେଳେ ଭଉଣୀ ଯୁକ୍ତ ୨ରେ ପଢୁଥିବା ଜଗନ୍ନାଥ କହିଛନ୍ତି।

# ଏକଲବ୍ୟ ଆଦର୍ଶ ଆବାସିକ ସ୍କୁଲ ଉଦ୍‌ଘାଟନ



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିମାନେ।

କୁନ୍ଦୁରା, ୧୫।୧୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସୀମାନ୍ତ ରାଣୀଗୁଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ରୂପୁ ଭତ୍ରା ଯୋଗଦେଇଥିଲେ। ଏଥିରେ ଜୟପୁର ପିଏଆଇଟିଡିଏ ତୃପ୍ତି ବୋରାଇ, ସରପଞ୍ଚ ଶିବ ପ୍ରଧାନୀ, ଏମ୍‌ପି ପ୍ରତିନିଧି ଅମ୍ପୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ବରିଷ୍ଠ ଶିକ୍ଷାବିତ ପଞ୍ଚାନନ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ଛାତ୍ରୀଛାତ୍ର ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଂଲିଶ ଶିକ୍ଷକ ପ୍ରଳୟ ପଣ୍ଡା, ଶିକ୍ଷୟିତ୍ରୀ ବିନୋଦିନୀ ଗୌଡ଼ ଓ ନିରଞ୍ଜନ ଗୋନ୍ଦ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧକ୍ଷ ନିରଞ୍ଜନ କୁମାର ନିରୋଲା ଧନ୍ୟବାଦ ଦେଇଥିଲେ।

# ପ୍ରଦର୍ଶନ ହେଲା ଛାତ୍ରୀଛାତ୍ରଙ୍କ ଚିତ୍ରକଳା



ଅତିଥିମାନେ ଚିତ୍ର ଦେଖୁଛନ୍ତି।

ଝରିଗାଁ, ୧୫।୧୧ (କିଶୋର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଆର୍ଟ ଗ୍ୟାଲେରିରେ ଏକ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏବିଇଓ ଦଶରଥ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ବୁଲୁ ସାହୁ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଦର୍ଶନୀରେ ବିଦ୍ୟାଳୟର ଚିତ୍ର ଶିକ୍ଷକ କାହ୍ନୁଚରଣ ମହାରଣା ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସମସାମୟିକ ସୃଜନଶୀଳ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଶିଳ୍ପୀଙ୍କ ନିଜସ୍ୱ ଶୈଳୀର ଚିତ୍ର ବେଶ୍ ଭାବପୂର୍ଣ୍ଣ ହୋଇଥିବା ଅତିଥିମାନେ କହିଥିଲେ। ଭିଏମ୍‌ଡିସି ସଦସ୍ୟ ସୀମାଞ୍ଚଳ ତ୍ରିପାଠୀ, ବିନୋଦିନୀ ରଥ, ସିଆର୍‌ସିସି ସତ୍ୟବ୍ରତ ସ୍ୱାଇଁଙ୍କ ସମେତ ଆଦର୍ଶ ବିଦ୍ୟାଳୟର ନରେଶ କୁମାର ବାରିକ, ନିଶାମଣି ଦାଶ, ଅମରେନ୍ଦ୍ରନାଥ ପ୍ରସାଦ ସାହୁ, ଉଦିତ କୁମାର ନାଗ, କ୍ରିଷ୍ଟିନା ବାରିକ, ମାନିନି ସାହୁ, ରୋଜାଲିନ ସାହୁ, ଛନ୍ଦାଚରଣ ସେଠ, ପି.ବି. ଅନୁରାଗ ସ୍ୱାଇଁ, ଆକାଶ ସାହାଣୀ, ରିତୁ ମେହେର, ସରୋଜ କୁମାର ଦଣ୍ଡପତ, ପ୍ରଭାତ ବିଶି, କାହ୍ନୁଚରଣ ମହାରଣା, ସୁବାସ ଦୁର୍ଗା, ଆଶୁତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ ଗିରଫ

ନବରଙ୍ଗପୁର, ୧୫।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଡିଓଙ୍କ ସରକାରୀ ବାସ ଭବନରେ ଚୋରି ଓ ଅନ୍ୟ ୩ଟି ଚୋରି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ନବରଙ୍ଗପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ନବରଙ୍ଗପୁର ସହର ତୋଟସାହିର ରମିୟା କର୍କରା (୩୫) ଓ ଶ୍ରୀକାନ୍ତ ଗିରି (୧୯), କୋରାପୁଟ ସୁନାବେଡ଼ାର ବାବୁରାଜ ଖରା (୨୪)। ବାବୁରାଜ ବର୍ତ୍ତମାନ ତୋଟା ସାହିରେ ରହୁଥିବା ଶନିବାର ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ୧୯ହଜାର ଟଙ୍କା, ଗୋଟିଏ ଲାପଟପ, ଗୋଟିଏ କାନଫୁଲ, ୨ଟି ସୁନା ଚୁଡ଼ି, ଗୋଟିଏ ଘଡି, ରୁପା ମୁଦି ଓ ଝୁଣ୍ଟିଆ ଜବତ କରାଯାଇଛି। ୩ଟି ଘଟଣାରେ ଟଙ୍କା ଓ ସୁନା ଅଳଙ୍କାର ସମେତ ୧ଲକ୍ଷ ୨ହଜାର ଟଙ୍କା ମୂଲ୍ୟର ସାମଗ୍ରୀକୁ ପୋଲିସ ଜବତ କରିଛି।



ପୋଲସ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।

ନବରଙ୍ଗପୁର ବିଡିଓ ସୁନୀଲ ଖରା ଛୁଟିରେ ଘରକୁ ଯାଇଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ସ୍କାଇଲାଇଟ୍ ଭାଙ୍ଗି ନଗଦ ୨୦ହଜାର ଟଙ୍କା ଚୋରି କରିଥିଲେ। ସେଭଳି ସେନାପତି ସାହିର ବିଧବା ମହିଳା ଶାନ୍ତିଲତା ପଟ୍ଟନାୟକ ଘରେ ନ ଥିବା ସୁଯୋଗ ନେଇ ୩୦ହଜାର ଟଙ୍କା ସହ ସୁନାଗହଣ ଚୋରି କରିନେଇଥିଲେ। ସେହିଭଳି ବିନାୟକନଗରର ଭରତ ସୌରାଙ୍କ ଇଜିଆଇଏସ୍ ଅଫିସର ତାଲା ଭାଙ୍ଗି ଲାପଟପ୍ ଚୋରି ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଥାନାଧିକାରୀ ସମ୍ବିତ ବେହେରା, ନବରଙ୍ଗପୁର ବିଡିଓ ସୁନୀଲ କୁମାର ଖରା, ଏସ୍‌ଆଇ ସବୀର ଅହମ୍ମଦ, ଏଏସ୍‌ଆଇ ତୁଲସୀରାମ ପୂଜାରୀ, ଗଣେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିର୍ସା ମୁଣ୍ଡା ଜୟନ୍ତୀରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

## ଡାବୁଗାଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ

ଡାବୁଗାଁ, ୧୫।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)



ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଘୋଡ଼ାଖୁଣ୍ଟା ପଞ୍ଚାୟତ ଅଧୀନ କୁରୁପାଠାରେ ନବ ନିର୍ମିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମବାର୍ଷିକ ଉପଲକ୍ଷେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଶନିବାର ପାଳିତ ହୋଇଯାଇଛି। ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍, ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝୀ, ଡାବୁଗାଁ ଜୋନ୍-୧ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଘୋଡ଼ାଖୁଣ୍ଟା ପଞ୍ଚାୟତ ସମିତି ସଭ୍ୟ ପର୍ଶୁରାମ ଶବର, ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପଣ୍ଡା, ଆଇଟିଡିଏ ପିଏ ରାଜୀବ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିଷାନ, ଜିଲା ମୁଖ୍ୟ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ଡିଇଓ ଛତ୍ରପତି ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଡାବୁଗାଁ ତହସିଲଦାର ଗୀତା ମୁର୍ମୁ, ବିଡିଓ ଶରତ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକକୁ ଆଦିବାସୀଙ୍କ ଗୌରବ ଦିବସ ରୂପେ ପାଳନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଆଦିବାସୀ ପିଲାମାନଙ୍କ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକ ପରେ ରକ୍ତଦାନ ଶିବିର କରାଯାଇଥିଲା। ଏଥିରେ ମୋଟ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅପରାହ୍ନରେ ଭିଡିଓ କନ୍‌ଫରେନ୍ସ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡାବୁଗାଁରେ ନବନିର୍ମିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ

ମାଲକାନଗିରି,୧୫।୧୧ (ସୁଚିତ୍ରା ଦାସ)


ଅତିଥି ଜଣେ ଯୁବ ଉଦ୍ୟୋଗୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ମାଲ୍ୟବନ୍ତ ହଷ୍ଟେଲ ପରିସରରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ସଭାକୁ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଓ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ବିର୍ସା ମୁଣ୍ଡାଙ୍କ ବିରତ୍ୱ ଗାଥା ମନେ ପକାଇଥିଲେ। ଟଙ୍ଗଗୁଡା, ନିଲିମାରୀ, ଡୁମୁସାପାଲୀ ଓ କୋଡାମାଟେରୁଗୁଡ଼ା ଆଶ୍ରମ ସ୍କୁଲ ପାଇଁ ୪ ପ୍ରକଳ୍ପ ଉଦ୍ଘାଟନ କରାଯାଇଥିଲା। ଜନଜାତି ଯୁବ ଉଦ୍ୟୋଗୀମାନଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଓ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଆଦିବାସୀ ମହାସଂଘ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜନଜାତି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକଙ୍କ ତତ୍ତ୍ୱାବଧାନରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ଜନଜାତି ଉନ୍ନୟନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସାଇବର କ୍ରାଇମ ସୁରକ୍ଷା ସଚେତନତା ଶିବିର

କାଳିମେଲା,୧୫।୧୧ (ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଲା ଥାନା ପୋଲିସ ପକ୍ଷରୁ ସାଇବର କ୍ରାଇମ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଦୁର୍ଗା ପୂଜା ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଛି। ମାଲକାନଗିରି ଏସପିଙ୍କ ନିର୍ଦ୍ଦେଶ କ୍ରମେ ଓ କାଳିମେଲା ଥାନାଧିକାରୀ ମୁକୁନ୍ଦ ମେଲକାଙ୍କ ଆହ୍ୱାନରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବାସିନୀ ସୋଡ଼ି, ମାଲକାନଗିରି ଏସଡିପିଓ ଦିବ୍ୟ ରଞ୍ଜନ ଦଲେଇ ଯୋଗଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି, ବଜାର କମିଟି ସମ୍ପାଦକ ପ୍ରଦୀପ ମଣ୍ଡଳ, ପୂଜା କମିଟି ସଭାପତି ବିଜୟ ଦ୍ୱିବେଦୀ, ଗୁମୁକା ପଞ୍ଚାୟତ ସରପଞ୍ଚ ଉର୍ଭି ମାଡକାମି, ମାନ୍ଦାପାଲ୍ଲୀ ସରପଞ୍ଚ ଇନ୍ଦ୍ରଜିତ ପଡ଼ିଆମି ଉପସ୍ଥିତ ଥିଲେ। ଦେଶରେ ସାଇବର କ୍ରାଇମ ଦ୍ୱାରା ହଜାର ହଜାର ଲୋକେ ଠକେଇର ଶିକାର ହେଉଛନ୍ତି। ସାଇବର ଠକ ବିଭିନ୍ନ ପ୍ରକାର ପଦ୍ଧତି ଅବଲମ୍ବନ କରି ଲୋକଙ୍କଠାରୁ ଟଙ୍କା ଠକେଇ କରି ନେଉଛନ୍ତି। ସାଇବର ଠକଙ୍କଠାରୁ ରକ୍ଷା କରିବା ନେଇ ଏସଡିପିଓ ବୁଝାଇଥିଲେ। ଏ ନେଇ ସାଇବର କ୍ରାଇମ ସୁରକ୍ଷା ସଚେତନତା ରଥକୁ କାଳିମେଲାରେ ସ୍ୱାଗତ କରାଯାଇଥିଲା। ଅଭିଭାବକ ଛାତ୍ରୀଛାତ୍ର ସାଇବର ଠକେଇର ଶିକାର ନ ହେବା ନେଇ ବିଭିନ୍ନ ପ୍ରକାରର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଅବଗତ କରାଇଥିଲେ। ସାଇବର କ୍ରାଇମ ଟୋଲ ଫ୍ରି ୧୯୩୦ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସାଇବର କ୍ରାଇମ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ମଞ୍ଚ ପରିଚାଳନା କରିଥିଲେ।

# ସୀମାନ୍ତରେ ମାଓବାଦୀ ସ୍ତୂପ ଧ୍ୱଂସ, ନୂତନ କ୍ୟାମ୍ପ ପ୍ରତିଷ୍ଠା

ମାଲକାନଗିରି,୧୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ନାରାୟଣପୁର ଜିଲାରେ ଡିଆର୍ଜି ବାହିନୀ ପକ୍ଷରୁ ନୂତନ କ୍ୟାମ୍ପ ପ୍ରତିଷ୍ଠା ହେବା ସହ ନିକଟରେ ଥିବା ଏକ ମାଓବାଦୀ ସ୍ତୂପକୁ ଧ୍ୱଂସ କରାଯାଇଛି। ସୂଚନାନୁଯାୟୀ, ଛତିଶଗଡରେ ମାଓ ମୁକ୍ତ ଅଞ୍ଚଳ କରିବା ପାଇଁ ସୁରକ୍ଷା ବାହିନୀମାନଙ୍କ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ହେଉଥିବା ବେଳେ ୧ ବର୍ଷ ମଧ୍ୟରେ ୧୬ ନୂତନ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ଆବୁଝମାଡ ଅଞ୍ଚଳର ଜାଟଲୁରରେ ବହୁବର୍ଷ ଧରି ମାଓବାଦୀଙ୍କ ଗତିବିଧି ଚାଲିଥିବା ବେଳେ ଏକ ମାଓବାଦୀ ସ୍ତୂପ ମଧ୍ୟ ବହୁବର୍ଷ ଧରି ରହିଥିଲା। ଏହି ମାଓବାଦୀସ୍ତୂପକୁ ସୁରକ୍ଷାକର୍ମୀ ଧ୍ୱଂସ କରି ସେଠାରେ ଏକ ନୂତନ ସୁରକ୍ଷା କ୍ୟାମ୍ପ ପ୍ରତିଷ୍ଠା କରିଛନ୍ତି। ବର୍ତ୍ତମାନ ସେହି ଅଞ୍ଚଳର ଉନ୍ନତି ଦିଗରେ ବିଶେଷ ଦୃଷ୍ଟି ଦେବା ସହ ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖି ଅଞ୍ଚଳକୁ ସମ୍ପୂର୍ଣ୍ଣ ମାଓମୁକ୍ତ କରାଯିବ ବୋଲି ନାରାୟଣପୁର ପୋଲିସ ପକ୍ଷରୁ ସୂଚନା ରହିଛି।


ସୁରକ୍ଷାକର୍ମୀ ମାଓବାଦୀ ସ୍ତୂପ ଧ୍ୱଂସ କରୁଛନ୍ତି।

# ମଦରେ ବିଷ ମିଶାଇ ବୃଦ୍ଧଙ୍କୁ ହତ୍ୟା ଘଟଣା: ୨ କୋର୍ଟ ଚାଲାଣ

କୋରୁକୋଣ୍ଡା,୧୫।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଡୁମସାପାଲ୍ଲୀ ପଞ୍ଚାୟତ ଅଧୀନ ଏମ୍‌ଭି ୧୨ ଗ୍ରାମ ନିକଟ କେନ୍ଦୁଗୁଡା ଗ୍ରାମରେ ଦେବା ମାଡ଼କାମୀ(୬୧)ଙ୍କୁ କେହି ବ୍ୟକ୍ତି ମଦରେ ବିଷ ମିଶାଇ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଘଟଣାରେ ପୋଲିସ ଉକ୍ତ ଗ୍ରାମର ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ସୋମା ମାଡକାମୀଙ୍କ ସ୍ତ୍ରୀ ମୁକେ ଓ ଅନ୍ୟ ଜଣେ ବ୍ୟକ୍ତି ମୁକା କବାସୀ। ଘଟଣାରେ ସୋମା ଫେରାର ରହିଛନ୍ତି। ସୂଚନାନୁଯାୟୀ, ଦେବାଙ୍କୁ ମଦରେ ବିଷ ଦେଇ ହତ୍ୟା କରାଯାଇଥିବା ତାଙ୍କ ପୁଅ ଭୀମା ୩୦ ତାରିଖରେ କୋରୁକୋଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନାଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଉକ୍ତ କେନ୍ଦୁଗୁଡା ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। କୋରାପୁଟରୁ ଏକ ୩ ଜଣିଆ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ଯାଞ୍ଚ କରିଥିଲେ। ଗୁଣି ଗାରେଡି ସନ୍ଦେହରେ ହତ୍ୟା କରାଯାଇଥିବା ସୂଚନା ରହିଛି। ପ୍ରକାଶ ଯେ, କେନ୍ଦୁଗୁଡା ଗ୍ରାମରେ ରହୁଥିବା ସୋମା ଓ ସ୍ତ୍ରୀ ମୁକେଙ୍କ ପୁଅ ପ୍ରାୟ ୨ ମାସ ପୂର୍ବେ କୌଣସି ଏକ ରୋଗରେ ପୀଡିତ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଦେବା ପୁଅଙ୍କୁ ଗୁଣି ଗାରେଡ଼ି କରି ମାରି ଦେଇଥିବା ସୋମା ଓ ତାଙ୍କ ସ୍ତ୍ରୀ ସନ୍ଦେହ କରିଥିଲେ। ଉଭୟ ଏ ନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। କିଛିଦିନ ତଳେ ଗ୍ରାମରେ ଏକ ମିଟିଂ ହୋଇ ଘଟଣାର ସମାଧାନ ହୋଇଥିଲା। ଏହାର କିଛି ଦିନ ପରେ ସୋମା ଗ୍ରାମର ମୁକାଙ୍କୁ ନିଜ ଘରକୁ ଡାକି ତାଙ୍କ ହାତରେ ଏକ ମଦ ବୋତଲ ଦେଇ ଦେବାଙ୍କୁ ପିଇବାକୁ ଦେବୁ ବୋଲି କହି ପଠାଇଥିଲେ। ମୁକା ବୁଧବାର ରାତିରେ ଦେବାଙ୍କୁ ବିଷ ମିଶିଥିବା ମଦ ପିଇବାକୁ ଦେଇଥିଲେ। ଏହି ସମସ୍ତ ଘଟଣାରେ ସୋମାଙ୍କ ସ୍ତ୍ରୀ ସହଯୋଗ କରିଥିବା ପୋଲିସ ପଚରାଉଚୁରା କରିବାରୁ ସ୍ୱୀକାର କରିଥିଲେ। ଘଟଣାରେ ମୁଖ୍ୟ ଅଭିଯୁକ୍ତ ସୋମାଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

# ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା



ଅତିଥିମାନେ ଜଣେ ଚାଷୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

କାଳିମେଲା,୧୫।୧୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଲା ବ୍ଲକ ଏମ୍‌ଭି ୯୦ ଗ୍ରାମସ୍ଥିତ ଖେଳ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ ପଞ୍ଚାୟତରୁ ୬୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଓ ପ୍ରାଣି ପାଳକ, ଏସ୍‌ଏଚଜି ସଦସ୍ୟା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତସମିତି ଅଧ୍ୟକ୍ଷା ସୁବାସିନୀ ସୋଡୀ ଉଦ୍‌ଘାଟନ କରିଥିଲେ। ବିଡିଓ ପ୍ରଦୀପ କୁମାର କରଙ୍କ ସଭାପତିତ୍ୱ ଓ ଗୋଷ୍ଠୀ ପ୍ରାଣି ଚିକିତ୍ସାଧିକାରୀ ବିଜନ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡା.ଦେବୀପ୍ରସାଦ ଦାସ ଯୋଗଦେଇଥିଲେ। ମୁଖ୍ୟ ଜିଲା ପ୍ରାଣି ଚିକିତ୍ସାଧିକାରୀ ଗଗନଚରଣ ନାୟକ, ବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ବୈଦ୍ୟ, ଜିଲା ମତ୍ସ୍ୟାଧିକାରୀ ସୁଧାଂଶୁ କୁମାର ମଲ୍ଲିକ, ଅତିରିକ୍ତ ପ୍ରାଣି ଚିକିତ୍ସାଧିକାରୀ ଡା. ଚକ୍ରଧର ନାଗ ପ୍ରମୁଖ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ପ୍ରାଣି ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରିଥିଲେ। ଛେଳି ପାଳକ ସନ୍ଧ୍ୟା ରାୟ, ଘୁଷୁରିପାଳକ ଖୋକନ ବିଶ୍ୱାସ, କୁକୁଡା ପାଳକ ଜୟ ମା' କାଳି ମହିଳା ଗୋଷ୍ଠୀ, ସଫଳ ମତ୍ସ୍ୟ ଚାଷୀ ଦେବେନ୍ଦ୍ର ମାଡ଼ି,କୃତିମ ପୋଖରିରେ ମତ୍ସ୍ୟ ଚାଷ କରିମଣ୍ଟୁ ସନା ସଫଳତା ପାଇଛନ୍ତି। ମତ୍ସ୍ୟ ପୋଖରି ଯୋଜନା ଇରା ମାଡକାମି, ମତ୍ସ୍ୟ ଚାଷୀ ଭାବେ ମା' ଜଗତଜନନୀ ଗ୍ରୁପ, ଗୋପାଳକ ଭାବେ ଏମ୍‌ପିଭି ୪୩ ଗ୍ରାମର ଅସିତ ଶର୍କରାଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ମନୋଜ କୁମାର ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ। ମାଲକାନଗିରି ସହକାରୀ ପ୍ରାଣୀ ଚିକିତ୍ସକ ସୁଭ୍ରାଂଶୁ ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ବିର୍ସା ମୁଣ୍ଡାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ମାଲକାନଗିରି,୧୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଅନ୍ୱେଷା ଛାତ୍ରୀ ନିବାସରେ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଜନଜାତୀୟ ଗୌରବ ଦିବସ ତଥା ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମାଲକାନଗିରି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମାଝୀ, ସଭାପତି ରବିନ୍ଦ୍ର କୁମାର ମହାରଣା, ସାମାଜିକକର୍ମୀ ଦୁର୍ଯ୍ୟୋଧନ ପାତ୍ର, ମଡେର୍ଣ୍ଣ ଇଂଲିଶ ବିଦ୍ୟାଳୟର ଚିତରଞ୍ଜନ ବେହେରା, ଚିତ୍ରକୋଣ୍ଡା ବିଧାୟକଙ୍କ ଖଇରପୁଟ ପ୍ରତିନିଧି ଧନୁର୍ଜୟ ହନ୍ତାଳ ପ୍ରମୁଖ ଯୋଗଦେଇଥିଲେ। ବିର୍ସାମୁଣ୍ଡାଙ୍କ ଯୋଗଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ମତ ରହିଥିଲା। ଶିକ୍ଷକ ତୁଷାର ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

# ଜନଜାତି ଗୌରବ ଦିବସ ପାଳିତ

ଗୋବିନ୍ଦପାଲ୍ଲୀ,୧୫।୧୧ (କାର୍ତ୍ତିକ ରଥ)

ମାଲାକାନଗିରି ଜିଲା ଖଇରପୁଟ ବ୍ଲକ୍‌ର ସମସ୍ତ ଶିକ୍ଷାନୁଷ୍ଠାନରେ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ତାଙ୍କ ବଳିଦାନକୁ ଜୀବିତ ରଖି ଅନୁପ୍ରାଣିତ ହେବାକୁ ଅତିଥି ଆହ୍ୱାନ ଦେଇଥିଲେ। ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ୍‌ର ୧୧ ପଞ୍ଚାୟତର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରାର୍ଥନା ସଭାରେ ବିର୍ସାମୁଣ୍ଡାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବିର୍ସାମୁଣ୍ଡାଙ୍କ ଜୀବନୀ ଓ ତ୍ୟାଗ ସମ୍ପର୍କରେ ଅବଗତ କରିଥିଲେ।

# ଓର୍କେଲ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

## ୧୧୨ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

କୋରୁକୋଣ୍ଡା,୧୫।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ପକ୍ଷରୁ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଦୋଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ବାଲିମେଳା ସହରରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓର୍କେଲ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡି, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସହରର ବହୁ ବରିଷ୍ଠ ନାଗରିକ , ବାଲିମେଳା କଲେଜ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହା ପରେ ସ୍ଥାନୀୟ ଲୋକବାଦ୍ୟ ସହ ସମସ୍ତେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହିତ ସାଇବର ଠକେଇରୁ କିପରି ବର୍ତ୍ତିବା ସେ ନେଇ ବିଭିନ୍ନ ସ୍ଲୋଗାନ ସହିତ ଏଲ୍‌ଇଡି ଟିଭି ମାଧ୍ୟମରେ ସଚେତନ କରାଯାଇଥିଲା। ପରେ ଟାଉନ ହଲ୍ ପରିସରରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୋଷ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲିମେଳା ନଗରପାଳ ପ୍ରଦୀପ କୁମାର ନୟକ, ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଓର୍କେଲ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ମାନସ ରଞ୍ଜନ ବାଘ, ଆକ୍ସିସ ବ୍ୟାଙ୍କ ମ୍ୟାନେଜର ସୌମ୍ୟ ପଟ୍ଟନାୟକ, ବାଲିମେଳା ବରିଷ୍ଠ ନାଗରିକ ସଂଘର ସଭାପତି ରାଜେନ୍ଦ୍ର କୁଲଦୀପ, ସାମାଜିକ କର୍ମୀ ରାମଚନ୍ଦ୍ର ପଣ୍ଡା, ଖବରଦାତା ଶିବଦତ୍ତ ସାହୁ, ଏସ୍‌ଆଇ ମିଳନ ବରିହା, ଏସ୍‌ଆଇ ହରପ୍ରିୟା ଶବର, କୁଡୁମୁଲୁଗୁମ୍ମାର ବରିଷ୍ଠ ନାଗରିକ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସାଇବର ଠକେଇରୁ ଜନସାଧାରଣ କିପରି ଭାବେ ସୁରକ୍ଷିତ ରହିପାରିବେ ସେ ନେଇ ମଞ୍ଚାସୀନ ଅତିଥି ଉପସ୍ଥିତ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ଅଜଣା ବ୍ୟକ୍ତିଙ୍କ ନମ୍ବରରୁ କଲ ଆସିଲେ ତୁରନ୍ତ ପ୍ରଥମେ ଅଭିଭାବକ ଏବଂ ଆବଶ୍ୟକ ପଡିଲେ ତତ୍‌କ୍ଷଣାତ ପୋଲିସକୁ ଅବଗତ କରିବାକୁ କୁହାଯାଇଥିଲା। ସୂଚନା ପାଇବା ମାତ୍ରେ ପୋଲିସ ଏହା ଉପରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସ୍‌ଡିପିଓ ପ୍ରଧାନ କହିଥିଲେ। ଯଦି କୌଣସି ବ୍ୟକ୍ତି ସାଇବର ଠକାମିର ଶିକାର ହେଉଛନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାରେ ଅବଗତ କରାଇବା ସହ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଟୋଲ୍ ଫ୍ରି ନମ୍ବର ୧୯୩୦ରେ ଫୋନକରି ଘଟଣା ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା। ଏଥିସହ ଓଟିପି କିମ୍ବା ନିଜର କୌଣସି ବ୍ୟକ୍ତଗତ ତଥ୍ୟ କାହାରିକୁ ନ ଦେବାକୁ ସଚେତନ କରାଯାଇଥିଲା। ଏହି ଅବସରରେ ସକାଳେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୋଲିସ ପ୍ରଶାସନ ପକ୍ଷରୁ ବାଲିମେଳା ସହରର ୬୮ ଜଣ ବରିଷ୍ଠ ନାଗରିକ ଏବଂ କୁଡୁମୁଲୁଗୁମ୍ମା ଅଞ୍ଚଳର ୪୪ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ କୁଡୁମୁଲୁଗୁମ୍ମାର ଏକ ସ୍ୱତନ୍ତ୍ର ଦଳ ପକ୍ଷରୁ ସାଇବର ଠକେଇ ସମ୍ପର୍କିତ ଭିନ୍ନ ଭିନ୍ନ ଦୁଇଟି ଡ୍ରାମା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏସ୍‌ଆଇ ସଞ୍ଜିତ ଟାକ୍ରୀ, ଏ ସୁରେଶ ବିସି ମାଝୀ, ସତ୍ୟମତ ମଣ୍ଡଳ ଏବଂ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।


No.B-694

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I : CUTTACK**

E-Mail I.D. - eepwdcuttack@gmail.com, Tel./Fax No.(0671)-2304128
GOVERNMENT OF ODISHA 'e' Procurement Notice
e-procurement Notice for Building (E.I.) works
Bid Identification No. S.E. CTC(R&B)- 51 of 2025-26

The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Building work (E.I) as mentioned below.

1. No. of the Work : 12 (Twelve) Nos. of E.I Works
2. Date & time of availability of bid document in the portal : From dt.18.11.2025 to 5 P.M. of dt.03.12.2025
3. Last date / time of receipt of bids in the portal : 5 P.M. of dt.03.12.2025
4. Date & time of opening of bids : 11 A.M. of dt.04.12.2025
5. Name and address of the Officer Inviting Bid : Superintending Engineer, Cuttack (R&B) Division No.I, Cuttack

Further details can be seen from the e-procurement portal "https://tendersodisha.gov.in

Sd./- Superintending Engineer, Cuttack (R&B) Division No.I
OIPR-

No.T-103

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
************
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.17.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-

No.O-1442

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
(eerw_kpd@yahoo.com)
1st Corrigendum to
Tender call Notice No - Tender Online RWD/KPD - 10 of 2025-26, Dated : 30.10.2025

Due to unavoidable circumstances the change as detailed below are hereby made in the above NIT.
1. Decision to conduct Lottery- if required to decide the agency, transparent Lottery shall be coducted on dt 09.12.2025 at 11.00 A.M. respectively in Office Chamber of the undersigned.
2. Period of availability of tenders online / Date of time bidding online / Date of opening of tender papers : The details are as follows

| Procurement Officer | Place of opening | Availability of tender on line for bidding in online | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 19.11.2025 At 11:00 A.M. | Up to 5.00 P.M. on Dt.01.12.2025 | Up to 5:00 P.M. on 29.12.2025 | 02.12.2025 At 11:00 A.M. |

1. All other terms and conditions of the said Tender Call Notice shall remain unaltered.

Sd./- Executive Engineer
Rural Works Division, Kendrapara
OIPR-

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.12.11.2025

No.C-1477 : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Soro Town | SEPHBLS-28 dt.12.11.2025 | 47.58 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**
OIPR- Sd./- Superintending Engineer, P.H.Division, Balasore

No.O-1423

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
"e" Procurement Notice for Weir on Bridge Work
Identification No.- Online Tender- Weir on Bridge N.C.B. No.398 for 2025-26.
Letter No.5167/Date 11.11.2025//

1. Name of the work : Construction of Weir adjacent to Bridge in the District of Mayurbhanj, 2. Total No. of work : 04 Nos. (Four), 3. Estimated Cost : Rs.100.45 Lakhs to Rs.127.61 Lakhs (approximately). 4. Eligible Class of Contractor : As per annexure, 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.398 | Dt.17.11.2025 at 11.00 A.M. | Dt.01.12.2025 up to 5.00 P.M. | Dt.29.11.2025 up to 5.00 P.M. | Dt.02.12.2025 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum / Addendum will be displayed in the above e_tender website only.

Sd/- Er. A.K Naik
Chief Construction Engineer, R.W. Circle, Baripada
OIPR-

No. RR-27

**ବିଜ୍ଞାପନ**
**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**
ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲ୍‌ର ସୁବିଧା ସହିତ ମାସିକ ଟ.୫୦୦୦/– ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ (ତା.୧୬.୧୧.୨୦୨୫ ରିଖ ଠାରୁ ତା.୧୫.୧୨.୨୦୨୫) ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ ପ୍ରଶିକ୍ଷଣ ଦିଆଯିବ ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିକ୍ଷାମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।

OIPR: ମୁଖ୍ୟ ନିର୍ବାହୀ

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel. No. 06724-223485, mail - rwssjspur@gmail.com
e-Procurement Notice
Bid Identification No. 35 of 2025-26

No.O-1415 : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sum composite bids in Double Cover system in online mode for Execution of RPWS scheme on Turnkey basis from eligible Class of contractors.

1. Name of work : Execution of PWS
2. No. of work : 02 Nos
3. Estimated Cost : Rs. 1,06,45,932/- to Rs. 1,47,04,949/-
4. Cost of Tender paper : Rs. 10000/- Each
5. Class of contractor : 'B' & 'A'
6. Availability of Tender in website : 17.11.2025 to 26.11.2025
7. Submission of Bid in online : 17.11.2025 to 26.11.2025
8. Date of seeking clarification : 17.11.2025 to 24.11.2025
9. Date of opening of bids : 27.11.2025 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.

OIPR- Sd./- Executive Engineer RWS&S Divn., Jagatsinghpur

See Career Appointment on every Wednesday & Saturday

# ୩ ରାଜ୍ୟରେ ବେଦାନ୍ତ ଆଲୁମିନିୟମର ଶିଶୁଦିବସ



ଭୁବନେଶ୍ୱର,୧୫।୧୧ (ଅନୁରାଧା ମହାରଣା)

ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ ବେଦାନ୍ତ ଆଲୁମିନିୟମ ଶିଶୁଦିବସ ପାଳନ କରିଛି। କମ୍ପାନୀର ସିଏସ୍ଆର୍ କାର୍ଯ୍ୟକ୍ରମ ଅଂଶ ଭାବରେ ଏହି ଉତ୍ସବ ମାଧ୍ୟମରେ କମ୍ପାନୀ ୯,୦୦୦ରୁଅଧିକପିଲାଙ୍କ ନିକଟରେ ପହଞ୍ଚିଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ପିଲାମାନଙ୍କୁ ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବା ହେଉଛି ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନର ମୂଳଦୁଆ। ଓଡ଼ିଶାର ଝାରସୁଗୁଡାରେ ଜିଲା କର୍ତ୍ତୃପକ୍ଷଙ୍କ ସହଯୋଗରେ ଉଦ୍ୟୋଗିତା ମେଳା ଆନନ୍ଦ ନାଗରୀରେ ୧୦୬ ଟି ସ୍କୁଲର ୫,୦୦୦ ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ରେ ବିଦ୍ୟାଳୟ ଏବଂ ବେଦାନ୍ତ ନନ୍ଦଘରଗୁଡ଼ିକରେ ୫୦୦ରୁ ଅଧିକ ପିଲା ଅଧ୍ୟୟନ ସାମଗ୍ରୀ, କ୍ରୀଡ଼ା କିଟ୍ ପାଇଥିଲେ। ଜାମଖାଣି, ଘୋଘରପାଲି ଏବଂ କୁଡାଲୋଇରେ ୪୨ଟି ସ୍କୁଲ ଏବଂ ୫୧ଟି ଅଙ୍ଗନୱାଡି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା, ଏଥିରେ ୨୮୫୦ରୁ ଅଧିକ ପିଲା, ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ଛତିଶଗଡ଼ର ବାଲକୋରେ ବିଭିନ୍ନ କାର୍ଯ୍ୟକ୍ରମ ୩୩ଟି ବେଦାନ୍ତ ନନ୍ଦ ଘରଗୁଡ଼ିକରେ ୮୦୦ରୁ ଅଧିକ ପିଲାଙ୍କ ସହିତ ପାଳନ କରାଯାଇଥିଲା। ଆନ୍ଧ୍ରପ୍ରଦେଶର ଭାଇଜାଗ୍ ଜେନେରାଲ୍ କାର୍ଗୋ ବର୍ଥ (ଭିଜିସିବି) ଶିକ୍ଷାଗତ ଉପହାର, ସାଂସ୍କୃତିକ ପ୍ରତିଯୋଗିତା ଏବଂ ଫ୍ୟାନ୍ସି ଡ୍ରେସ୍ ଇଭେଣ୍ଟ ମାଧ୍ୟମରେ ୧୫୧ ଜଣ ପିଲାଙ୍କ ନିକଟରେ ପହଞ୍ଚିଥିଲା।

# ଆମ ସୁବାହକ ଯୋଜନା ଲାଗି ଏସ୍ଏଲବିସି ସଦସ୍ୟଙ୍କ ସହ ବୈଠକ

ଭୁବନେଶ୍ୱର, ୧୫।୧୧(ସୁନିତ୍ ମିଶ୍ର)



ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ଆମ ସୁବାହକ ଯୋଜନା ଆରମ୍ଭ କରିବା ସହିତ ଏହାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସଏଲବିସି)ର ସଦସ୍ୟ ବ୍ୟାଙ୍କଗୁଡ଼ିକ ସହିତ ଏକ ବୈଠକ ଶନିବାର କରିଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଏବଂ ପ୍ରମୁଖ ସରକାରୀ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ପାଢୀ କହିଛନ୍ତି, ଆମ ସୁବାହକ ଏକ ପରିବର୍ତ୍ତନକାରୀ ସଶକ୍ତିକରଣ-ସଂଯୁକ୍ତ ଜୀବିକା ପଦକ୍ଷେପ ଯାହାର ଲକ୍ଷ୍ୟ ଡ୍ରାଇଭିଂ ବୃତ୍ତିରେ ଲିଙ୍ଗଗତ ସନ୍ତୁଳନ ଆଣିବା। ମହିଳା ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାରେ ସୁରକ୍ଷିତ, ମର୍ଯ୍ୟାଦାପୂର୍ଣ୍ଣ ଗତିଶୀଳତା ସୁନିଶ୍ଚିତ କରିବା ସେ ମହିଳା ହିତାଧିକାରୀମାନଙ୍କୁ ସହାୟତା କରିବା ପାଇଁ ତୁରନ୍ତ ଋଣ ବ୍ୟବସ୍ଥା, ସରଳୀକୃତ ଡକ୍ୟୁମେଣ୍ଟେସନ୍ ଏବଂ ଉତ୍ସର୍ଗୀକୃତ ସୁବିଧା କରିବାକୁ ବ୍ୟାଙ୍କଗୁଡ଼ିକୁ ଅନୁରୋଧ କରିଛନ୍ତି। ଅମିତାଭ ଠାକୁର କହିଛନ୍ତି, ଏହି ଯୋଜନାରେ ହାଲୁକା ୪ ଚକିଆ ଯାନ କ୍ରୟ ପାଇଁ ସୁଧମୁକ୍ତ ଋଣ ପ୍ରଦାନ କରାଯିବା ସହିତ ଲାଇସେନ୍ସିଂ, ସଂରଚିତ ଡ୍ରାଇଭିଂ ତାଲିମ ଏବଂ ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଉଦ୍ୟୋଗୀ ସୁଯୋଗ ପାଇଁ ସହାୟତା ପ୍ରଦାନ କରାଯିବ। ଏଥିଲାଗି ବ୍ୟାଙ୍କଗୁଡ଼ିକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାଜି ହୋଇଛନ୍ତି। ଏହି ଯୋଜନା ଚାରି ବର୍ଷ ମଧ୍ୟରେ ୧୧୦୦ ଆମ ସୁବାହକ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୨୦୨୫-୨୬ ରେ ୨୦୦, ୨୦୨୬-୨୭ ରେ ୨୫୦, ୨୦୨୭-୨୮ରେ ୩୦୦ ଏବଂ ୨୦୨୮-୨୯ରେ ୩୫୦ ଜଣ ସୁବାହକ ସୃଷ୍ଟି ହେବେ। ଯୋଗ୍ୟ ମହିଳାମାନେ ୨୧-୪୦ ବର୍ଷ ବୟସର ହୋଇଥିବା ଆବଶ୍ୟକ।

# ସୋନାଲିକା ଟ୍ରାକ୍ଟର୍ସର ଗିନିଜ୍ ୱାର୍ଲ୍ଡ ରେକର୍ଡ

ଭୁବନେଶ୍ୱର,୧୫।୧୧

ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସର ବାଂଲାଦେଶ ଡିଷ୍ଟ୍ରିବ୍ୟୁଟର ଏସିଆଇ ମୋଟର୍ସ ଲିମିଟେଡ୍ ଗୋଟିଏ ଦିନରେ ସର୍ବାଧିକ ଟ୍ରାକ୍ଟର ଡେଲିଭରି କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ପ୍ରବେଶ କରିଛି। ୩୫୦ଟି ଟ୍ରାକ୍ଟର ଡେଲିଭରି କରି ବାଂଲାଦେଶର ଦିନାଜପୁରଠାରେ ଅନୁଷ୍ଠିତ ସମାରୋହ 'ସୋନାଲିକାର ବିଶ୍ୱଜୋୟ'ରେ ମାତ୍ର ୪ ଘଣ୍ଟା ମଧ୍ୟରେ ରେକର୍ଡ କରାଯାଇପାରିଛି। ଏହି ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଦୀପକ ମିତ୍ତଲ କହିଛନ୍ତି, ଏହି ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରତ୍ୟେକ କୃଷକ ଓ ପ୍ରତ୍ୟେକ ସହଯୋଗୀଙ୍କ ପାଖରେ କୃତଜ୍ଞ ଯିଏ ଆମର ଏହି ଯାତ୍ରାରେ ବିଶ୍ୱାସ କରିଛନ୍ତି। ଇଣ୍ଟରନ୍ୟାଶନାଲ ବିଜ୍‌ନେସ୍ ବିଭାଗର ନିର୍ଦ୍ଦେଶକ ଓ ସିଇଓ ଗୌରବ ସକ୍ସେନା କହିଛନ୍ତି, ଆମର ଡିଷ୍ଟ୍ରିବ୍ୟୁଟର ଏସିଆଇ ମୋଟର୍ସ ଲିମିଟେଡ୍ ଦ୍ୱାରା ବାଂଲାଦେଶରେ ହାସଲ କରାଯାଇଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ଗ୍ରାହକ କୈନ୍ଦ୍ରିକତା ଓ ଉଦ୍ଦେଶ୍ୟର ପ୍ରଭାବ ସୃଷ୍ଟି କରିବା ପାଇଁ ଏକାଠି ହୋଇଛନ୍ତି ତାହାକୁ ପ୍ରତିଫଳନ କରୁଛି।

# ଓରେରା ସିଡିଆର୍ ସେଲ୍ କର୍ମଶାଳା

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ଓଡ଼ିଶା ରିଅଲଏଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ କନ୍‌ସିଲିଏସନ୍ ଆଣ୍ଡ ଡିସ୍‌ପୁଟ୍ ରିଜୋଲ୍ୟୁଶନ ସେଲ୍ (ସିଡିଆର୍) ସମ୍ପର୍କିତ କର୍ମଶାଳା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଓରେରା ଅଧ୍ୟକ୍ଷ ଅସିତ୍ କୁମାର ମହାପାତ୍ର କର୍ମଶାଳାର ଉଦ୍‌ଘାଟନକରିସିଡିଆର୍‌ସେଲ୍‌ର ଉଦ୍ଦେଶ୍ୟ ଆବଶ୍ୟକତା ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ଏହି ସେଲ୍ ମାଧ୍ୟମରେ ଆପୋସ ମଧ୍ୟସ୍ଥତା ଦ୍ୱାରା ବିଭିନ୍ନ ବିବାଦର ସୁଗମ ଏବଂ ଶୀଘ୍ର ସମାଧାନ ସମ୍ଭବ ହେବ। ଓରେରା ପ୍ରଶାସନିକ ସଦସ୍ୟ ରାଜେନ୍ଦ୍ର ମିଶ୍ର କହିଥିଲେ, ବିଲ୍ଡର ଏବଂ ଗୃହକ୍ରେତାଙ୍କ ମଧ୍ୟରେ ଉଦ୍ଭବିତ ବିବାଦର ତ୍ୱରିତ ସମାଧାନ ହେବା ହେଉଛି ସିଡିଆର୍ ସେଲ୍‌ର ପ୍ରମୁଖ ଲକ୍ଷ୍ୟ। ନ୍ୟାୟିକ ସଦସ୍ୟ ଶ୍ୟାମସୁନ୍ଦର ଦାଶ ସେଲ୍‌ର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ନିରଞ୍ଜନ କୁମାର ଜେନା, ଆଡ୍‌ଜୁଡିକେଟିଂ ଅଫିସର, ଓରେରା ସିଡିଆର୍ ସେଲ୍‌ର କାର୍ଯ୍ୟ ନିୟମାବଳୀ ଉପରେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ବକ୍ତା ଭାବେ ଯୋଗଦେଇଥିବା ସୋଆ ୟୁନିଭର୍ସିଟିର ଡ. ଅମୃତା ଦାସ, ଏକ୍ସଆଇଏମ୍‌ବିର ଆଇନ ବିଭାଗର ଡ. ବିରଞ୍ଚି ନାରାୟଣ ପଣ୍ଡା, ରାଜ୍ୟ ଭିଜିଲାନ୍ସ ଏକାଡେମୀର ଡେପୁଟି ଡାଇରେକ୍ଟର ଦିଲୀପ କୁମାର ଛୋଟରାୟ ଏବଂ ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ. ବିଜୟ ଚନ୍ଦ୍ର ମହାପାତ୍ର ସିଡିଆର୍ ସେଲ୍‌ର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। କ୍ରେଡାଇ ଏବଂ ଗୃହକ୍ରେତା ସଂଘଙ୍କ ସଦସ୍ୟମାନେ ସିଡିଆର୍ ସେଲ୍‌ର ସଦସ୍ୟ ଭାବେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓରେରା ସଚିବ ମାନସୀ ମାନ୍ଧାତା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଉପସଚିବ (ଅର୍ଥ) ପ୍ରଭାତ କୁମାର କୁଞ୍ଜର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଏସ୍‌ଡି ଲ୍ୟାଣ୍ଡ ଶୁଚିସ୍ମିତା ଦାଶ ପରିଚାଳନା କରିଥିଲେ।

# ଫୋନ୍‌ପେ ଏବଂ ଓପନ ଏଆଇ ମଧ୍ୟରେ ସହଭାଗିତା

ଭୁବନେଶ୍ୱର,୧୫।୧୧

ଫୋନ୍‌ପେ ପକ୍ଷରୁ ଗ୍ଲୋବାଲ ଏଆଇ କମ୍ପାନୀ ଓପନ ଏଆଇ ସହିତ ଏକ ସହଭାଗିତା କରାଯାଇଛି। ଭାରତରେ ଚାଟ୍‌ଜିପିଟିର ବ୍ୟବହାରକୁ ଦ୍ରୁତଗତିରେ ବଢ଼ାଇବା ଏବଂ ପାରସ୍ପରିକ ବ୍ୟବସାୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସହଭାଗିତା କରାଯାଇଛି। ଏହା ଦ୍ୱାରା ଫୋନ୍‌ପେର ୟୁଜରମାନେ ଫୋନ୍‌ପେ ପ୍ଲାଟ୍‌ଫର୍ମରେ ହିଁ ଚାଟ୍‌ଜିପିଟିର ଫିଚରଗୁଡ଼ିକୁ ବ୍ୟବହାର କରିପାରିବେ। ଫୋନ୍‌ପେର ପ୍ରତିଷ୍ଠାତା ରାହୁଲ ଚାରି କହିଛନ୍ତି, ନୂଆ ଚିନ୍ତାଧାରା ଥିବା କମ୍ପାନୀଗୁଡ଼ିକ ଏକାଠି କାମ କଲେ, ନୂଆ ଟେକ୍ନୋଲୋଜିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ। ଓପନ ଏଆଇର ଅନ୍ତର୍ଜାତୀୟ ମୁଖ୍ୟ ଓଲିଭର ଜେ କହିଛନ୍ତି, ଏହି ସହଭାଗିତା ଲକ୍ଷ ଲକ୍ଷ ୟୁଜରଙ୍କ ଦୈନନ୍ଦିନ ଜୀବନକୁ ଉନ୍ନତ କରିବାରେ ସାହାଯ୍ୟ କରିବ।

# ଟିଟିକେ ପ୍ରେଷ୍ଟିଜ୍‌ର ବାର୍ଷିକ ସେବା ସମ୍ମିଳନୀ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)



କିଚେନ୍ ୱେୟାର ଆପ୍ଲାଏନ୍ସର ଅଗ୍ରଣୀ ବ୍ରାଣ୍ଡ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍ ଓଡ଼ିଶା କ୍ଷେତ୍ର ପାଇଁ ଏହାର ବାର୍ଷିକ ସେବା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜେନେରାଲ ମ୍ୟାନେଜର (ଗ୍ରାହକ ସେବା) ମନୀଷ କାଉଲ, ଆଞ୍ଚଳିକ ସେବା ପରିଚାଳକ ସମ୍ରାଟ ଚକ୍ରବର୍ତ୍ତୀ, ଶାଖା ମୁଖ୍ୟ ଆଶାବିତ ପଣ୍ଡା, କ୍ଷେତ୍ର ବିକ୍ରୟ ମୁଖ୍ୟ ପ୍ରବୀଣ କୁମାର ପାତ୍ର, କ୍ଷେତ୍ର ସେବା ମୁଖ୍ୟ ସୁଜିତ କୁମାର ନାୟକ ଏବଂ କ୍ଷେତ୍ର ମୁଖ୍ୟ ଶେଷଦେବ ବିଶ୍ୱାଳ ଉପସ୍ଥିତ ଥିଲେ। ସାରା ଓଡ଼ିଶାରେ ୧୫ଟି ସେବା କେନ୍ଦ୍ର ଏଥିରେ ଯୋଡ଼ିହୋଇଥିଲା। ସେବା ମାଧ୍ୟମରେ ଆମର ଗ୍ରାହକମାନଙ୍କୁ କିପରି ଖୁସି କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଗ୍ରାହକ ଅଭିଜ୍ଞତା ବୃଦ୍ଧି ବିଷୟରେ ମନୀଷ ମଧ୍ୟ କହିଥିଲେ।

---


## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH
(Deptt. of Housing & Urban Development, Govt. of Odisha)
At/P.O./P.S.: Titilagarh, Dist.: Balangir - 767033
e-mail: titilagarhmunicipality@gmail.com, www.titilagarhmunicipality.in
Letter No. 3223 Date: 11.11.25

**ADVERTISEMENT FOR INVITING EXPRESSION OF INTEREST FOR 1 No. OF CANTEEN UNDER MISSION SHAKTI HAAT**

No. C-1445: Interested WSHGs/SHG Federation having the willingness and aptitude for the activity/scheme titled **1 No. of Canteen under Mission Shakti Haat** are invited to submit their proposal through only postal service before the concerned Executive Officer, Titilagarh Municipality in the mentioned below format within 7 (Seven) office working days of this advertisement i.e. by 19.11.2025 before 5.30 P.M.

Sd./- Executive Officer
Titilagarh Municipality
OIPR-

## OFFICE OF THE CDO-cum-EO
## ZILLA PARISHAD, GANJAM, CHATRAPUR
No. CAD-2284: Sealed tenders are invited from eligible and authorized approved IOCL vendors for the supply of various non-fuel items to DSMS, Ganjam. The firm must possess valid documents such as the authorization certificate, up-to-date ITR, etc.
Tender documents can be obtained from the office of DSMS, Ganjam or downloaded from the website **www.ganjam.nic.in.**
The last date for receipt of tender papers is 25.11.2025 at 2.00 P.M. The tenders will be opened on the same day, i.e. 25.11.2025 at 3.00 P.M. in the Office of the CDM-cum-EO, Zilla Parishad, Ganjam.

Sd./- CDO-cum-EO
Zilla Parishad, Ganjam
OIPR-

## OFFICE OF THE SUPERINTENDENT, DHARANIDHAR MEDICAL COLLEGE & HOSPITAL, KEONJHAR-758001
Email:supdtgmckeonjhar@gmail.com
Advt.No.4908/DDMC&H, Keonjhar Date:13.11.2025

**TENDER CALL NOTICE**

No.E-506: Sealed tenders are hereby invited from the intending manufacturers or their authorised stockiest/Distributors for supply of Stationary & Printing Materials (Contingency) items to Dharanidhara Medical College & Hospital, Keonjhar. The eligible bidders may submit their tender papers on or before 08.12.2025 by 5.00 PM through Registered Post/ Speed Post/ Courier only to the undersigned. The Technical Bid documents will be opened on 09.12.2025 at 12.30 P.M. Those who will qualify in the Technical Bid, the date of opening, Financial Bids will be intimated later on. The details in this connection are available in the district website: www.kendujhar.odisha.gov.in and College website: http://gmchkeonjhar.odisha.gov.in. The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

Sd./- Superintendent
Dharanidhara Medical College & Hospital, Keonjhar
OIPR-

## GOVERNMENT OF ODISHA
## OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KANDHAMAL & BOUDH
ଓଡ଼ିଶା ସରକାର
Email Id: deikandhamal-od@od.gov.in, Ph/Fax-0680-2291017
At-Gajapati Nagar, 1st line, Berhampur, Dist:Ganjam, Pin-760010
No.AA-36 **CORRIGENDUM**

**Ref:** Tender Notice No. **01/2025-26**, published on **10.11.2025**
**Subject:** Hiring of Office Building on Rent Basis
With reference to the Quotation Call Notice for Hiring Office Building on Rent Basis (No.AA-34), published in the newspaper the following correction may be read in place of the next printed earlier.
**For:** "Phulbani Municipality Corporation area"
**Read As:** "Phulbani Municipality area and area around 3 km radius of it."
All other terms and conditions remain unchaged.

Sd./-Superintending Engineer-cum-Deputy Electrical Inspector,
Kandhamal & Boudh
OIPR-

## OFFICE OF THE DIVISIONAL FOREST OFFICER KALAHANDI NORTH DIVISION
Near Old Govt. Bus Stand, Bhawanipatna, Kalahandi,Odisha-766001
E-mail ID:dfo.kalahandinorth@odisha.gov.in, Phone No.06670-230526
Bid Identification No.BC-DFOKLDN-01/2025-26
No.MM-274 **NOTICE INVITING TENDER**

| Sl. No. | Name of the Work | Building Works as per DTCN available in the website www.tenderodisha.gov.in |
|---|---|---|
| 1 | Estimated Cost | Rs.17,17,324/- |
| 2 | No. of Works | 1 no of Forest Guard Quarter |
| 3 | Period & time of completion | 3 (Three) Calendar Months |
| 4 | Date & Time of availability of the bid document in the portal | 12.11.2025 to 25.11.2025 (Upto 5.00 PM) online bidding |
| 5 | Last Date/Time for receipt of bids in the portal | Upto 5.00 P.M. of 25.11.2025 |
| 6 | Date & Time of bid opening | 11.00 AM on 26.11.2025 |
| 7 | Name & Address of the Officer Inviting Bid | Divisional Forest Officer, Kalahandi North Division, At-Bhawanipatna, Dist-Kalahandi, PIN-766001 |

Others can be seen from Detailed Notice Inviting Tenders available in website:- www.tenderodisha.gov.in.
Corrigendum if any shall only be published.

Sd./- Divisional Forest Officer
Kalahandi North Division
OIPR-

## OFFICE OF THE NOTIFIED AREA COUNCIL,KODALA
Odisha, Pin-761032, e-Mail: nackodala@gmail.com
Lt.No.3169/Dev/2025 Dated:14.11.2025

**e-NOTICE**
**BID IDENTIFICATION No. KOD-NAC-13/2025-26**

No.C-1471: The Executive Officer, NAC, Kodala on behalf of Governor of Odisha invites for consultancy or bidders of eligible class registered with the State Govt and bidders of equivalent grade/class registered with central Govt/MES/Railways according to norm of e-procurement system in online mode for the work as per DTCN.
1. Name of the Work : Request for Proposal (RFP)
2. Number of Work : 01 Nos.
3. Estimated Cost : As per DTCN
4. Period of Completion : As per DTCN
5. Date and Time of avilability of Bid document in the Portal : From 10.00 AM of Dt.15.11.2025 to 5.00 PM of Dt.28.11.2025
6. Last date and time for receipt of Bid in the Portal : 5.00 PM of Dt.28.11.2025
7. The bid received online shall be opened on 11.00 AM of dtd.02.12.2025
8. Name and address of the Officer Inviting Bid : Executive Officer, NAC Kodala

Further details can be seen from the Procurement Portal: www.tendersorissa.gov.in

Sd./- Executive Officer
Kodala NAC
OIPR-

## OFFICE OF THE MUNICIPAL COUNCIL, BELPAHAR
No.C-1437
**"e" PROCUREMENT NOTICE**
BID REFERENCE NO. EO/BPHM/04/25-26
BID IDENTIFICATION NO. 2025_ORULB_121067
TENDER CALL NOTICE NO.2012 DT.10.11.2025

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Individual Civil Constructiom works |
| No of Works | : | 16 Nos. |
| Bid Value | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt.13.11.2025 at 10.00 A.M. to dt.24.11.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt.25.11.2025 |
| Name & address of the officer Inviting Bid | : | Executive Officer, Belpahar Municipality |

Further the details can be seen from the procurement portal : **www.tendersorissa.gov.in**, If any addendum/corrigendum/cancellation of tender shall be published in the above website only.

Sd./- Executive Officer,
Belpahar Municipality
OIPR-

## O/O CHIEF DISTRICT MEDICAL & PUBLIC HEALTH OFFICER DISTRICT PROGRAMME MANAGEMENT UNIT NATIONAL HEALTH MISSION, NABARANGPUR
e-mail : dhionab@gmail.com(06858-222057)
Tender No : 10859 Date : 12.11.2025

**No.E-508** : Sealed tenders are invited from registered, reputed and experienced Agencies /Firms/ Individuals for **"selection of Transporter for transportation of sanitary Napkins from Block storage point to designated schools, under ZSS NHM Nabarangpur"**. Bidders may send their complete bid in double cover system (Technical & Financial) separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 02.12.2025 by 5.00 PM only through Speed post/Regd Post/Courier only** and the bids,so received will be opened on 03.12.2025 at **11:00 AM** in the mini conference Hall of CDM&PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director, NHM, Nabarangpur
OIPR-

## ZILLA SWASTHYA SAMITI, GAJAPATI
(Department of Health & FW, Govt. of Odisha)
Advt. No. 8841/DPMUGJP Date: 12.11.2025

**NOTICE**

**No.E-509** : In continuation to this office Advt. No. 8324 dated 18.10.2025 inviting applications for empanelment of yoga instructor for different health institutions of Gajapati district, whose last date has already been elapsed In view of the approval of the Chief Electoral Officer, Odisha vide Letter No. EC-CON-COE-0078-2025 dated 01.11.2025, the Authority has been pleased to extend the last date for submission of application till 05.00 PM of 26.11.2025. All the candidates who had already applied earlier for the post of Yoga Instructor in response to the aforesaid advertisement are need not to apply. Interested candidates fulfilling the eligibility criteria for the posts can apply to Chief District Medical & Public Health Officer, At/Po-Paralakhemundi, Gajapati, 761200. Visit the district website www.gajapati.odisha.gov.in regularly for all updates
All other terms and conditions remain unaltered.

Sd./- CDM & PHO-cum-District Mission Director, Gajapati
OIPR-

## OFFICE OF THE DIRECTOR, TEXT BOOK PRODUCTION & MARKETING, BHUBANESWAR - I
No. n-193 E-mail- directortbpmodisha@gmail.com, Tel.: 0674-2380871
No. 7176/TBPM **E-Tender Notice** Date: 12.11.25

| | | |
|---|---|---|
| 1. | Description of Tenders | National tender for Transportation of Nationalized Text Books & Allied Books from Truck Owners/Transport Agencies/Transport Contractors having registered Agent Licence for N.T. Books & Allied Books to different district headquarter/blocks all over Odisha for the Academic Session 2026-27 |
| 2. | Date & time of availability of Bid documents in portal: | |
| | Start date for applying Bids Online | Dt.14.11.2025 |
| | Last date for applying Bids on | Dt.05.12.2025 (05.00 P.M.) |
| | Opening of the Technical Bids | Dt.06.12.2025 |
| 3. | Name & address of the O.I.T. | O/o. the Director, Text Book Production & Marketing, Bhubaneswar - 753001 |

Further details regarding downloading of Bid documents, Online participation can be seen from the e-procurement portal **http://tendersodisha.gov.in**.

Sd./- Director
Text Book Production & Marketing, Bhubaneswar
OIPR:

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, SAMBALPUR
1st Corrigendum to Tender Online-SBPR-08 of 2025-26
No.O-1461: The following changes have been made in respect of the Bid Identification No. Tender Online SBPR-08 of 2025-26 due to unavoidable reasons.
1. Date and Time have been changed as given below

**DATE & TIME**

| Sl.No. | Description | Schedule | Re-Schedule |
|---|---|---|---|
| 1 | Last date of availability of bid documents in the portal for bidding | 04.11.2025 11 AM to 17.11.2025 upto 5.00 PM | 19.11.2025 11 AM to 28.11.2025 upto 5.00 PM |
| 2 | Date & Time of opening of Bid | At 11.00 AM of 18.11.2025 | At 11.00 AM of 29.11.2025 |

All other terms and conditions of remain unchanged.
OIPR- Sd./- Superintending Engineer, Rural Works Division, Sambalpur

## TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)
Tel. 0674-2542475 / 2542617, Fax - 2544828,
Email : admin@tdccorissa.org, Website : www.tdccodisha.org
Letter no.2958/TDCCOL, Date : 14.11.2025

**Tender Call Notice for Designing, Manufacturing & supply of Thematic occasion-specific customized corrugated Gift hamper boxes**

**No.CAD-2312** : TDCCOL invites Sealed Tender(s) from only registered experienced & eligible Vendors/ manufacturers/ authorized suppliers for Designing, Manufacturing & supply of Thematic occasion-specific customized corrugated Gift hamper boxes. The Tender must be accompanied with creative photos/ pictures of the proposed occasion specific thematic gift hamper box. The details of the Tender call notice can be downloaded from www.tdccorissa.org. The bidder(s) should quote their basic rate, taxes, for designing, manufacturing & supply at TDCCOL central godown, HO, Bhubaneswar. The last date for acceptance of Tender is up to **5:00 pm on dated- 10.12.2025**. The tender paper with all documents sealed cover will be received at the office of the Managing Director, Tribal Development Cooperative Corporation of Odisha Limited, Rupali Square, Bhoi Nagar, Bhubaneswar-751022 only on speed post/ Registered Post. No tender paper will be received on courier/ personal means/ By hand/ Special messenger. The undersigned reserves the right to accept or reject any or all Tenders without assigning any reason thereof.

OIPR- Sd./- Managing Director

## STATE HIGHWAYS AUTHORITY OF JHARKHAND
## Government of Jharkhand
**e-procurement Notice inviting BID**
Ref No: SHAJ/Tech /Chitra/ECL Road/2024/884 Date: 13.11.2025

1. State Highways Authority of Jharkhand, Ranchi invites BID for **"Construction of Chitra East OCP under SP Mines area ECL Road (on Deposit basis) (Total Length-1.30 Km.)."** The approximate cost of the work is Rs. 7.56 crore (Approx).
2. The interested bidders who have experience in execution of similar works and required technical & financial strength may obtain Bid document from e-tendering portal www.jharkhandtenders.gov.in from **18.11.2025 (15:00 hrs) to 09.12.2025 (15:00 hrs).**
The complete BID Application shall be submitted online by **09.12.2025 (upto 15:00 hrs)** on e-tendering portal www.jharkhandtenders.gov.in. All the details regarding this BID will be available on the above mentioned website.
3. The contractors are required to submit non-refundable **Tender Fee** of Rs. 50,000/- (Rs. Fifty thousand only) & **Bid Security (EMD)** of Rs. 7.56 Lakh (Rs. Seven Lakh Fifty Six Thousand) only. Tender fees and Earnest money Deposit(EMD) shall be deposited online as per **Information Technology & E-Governance Department order no 120 dated 03.10.2023.** The undersigned will open the received bid online on **10.12.2025 at 15:30 hrs.**
4. ***No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.***

Sd/-
Member (Technical)
State Highways Authority of Jharkhand, Ranchi
Deen Dayal Nagar
(Near Office of Executive Engineer, NH Division, Ranchi)
Booty Road, Ranchi-834008. Ph.: 0651-2361306,
E-mail: membertechnical.shaj3@gmail.com
PR 366023 State Highway Authority of Jharkhand(25-26).D

## झारखण्ड सरकार, पेयजल एवं स्वच्छता विभाग
**ई-प्रोक्योरमेन्ट सूचना अति अल्पकालिन (प्रथम आमंत्रण)**
ई-निविदा सूचना संख्या – (धनबाद) 08/2025-26 तिथि – 13.11.2025

| | | |
|---|---|---|
| 1 | वेबसाइट पर निविदा प्रकाशन की तिथि | 18-11-2025 समय 02.00 बजे अपराहन् तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 02-12-2025 समय 04.00 बजे अपराहन् तक |
| 3 | सरकार के सचिव, सूचना प्रौद्योगिकी एवं ई-गवर्नेस, झारखंड मंत्रालय के ज्ञापांक-120 दिनांक-03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 02-12-2025 समय 04.00 बजे अपराहन् तक |
| 4 | तकनीकी बिड खोलने की तिथि एवं समय | 03-12-2025 समय 04:00 बजे अपराहन् |
| 5 | तकनीकी बिड खोलने का स्थान | अधीक्षण अभियंता का कार्यालय पेयजल एवं स्वचछता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम :- | ई0 मयंक कुमार भगत, कार्यपालक अभियंता, पेयजल एवं स्वचछता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | 0326-2308988 |
| 8 | ई- प्रोक्यूरमेन्ट सेल का हेल्प लाईन सं0 | 0651-480345 |

| | कार्य का नाम | प्राक्कलित राशि (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य पूर्ण करने की अवधि |
|---|---|---|---|---|---|
| 1 | Supply, Installation, Testing and Commissioning of 2 sets of 30 HP HSC C/F backwash pump sets & 40w semi integrated solar street light at W.T.P. pumping plant Jamadova of Dhanbad Urban Water Supply Scheme (JnNURM) under D.W & S mechanical Division, Dhanbad | 29,14,189.00 | 58,500.00 | 5,000.00 | 05 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा। निविदा की सूचना तथा नियम शर्तें की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

कार्यपालक अभियंता
पेयजल एवं स्वच्छता यांत्रिक प्रमंडल, धनबाद
PR 366118 Drinking Water and Sanitation (25-26)_D

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଆୟାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜସ୍ଥାନରେ ଜାଡେଜା, ସିଏସ୍‌କେରେ ସାମସନ

## ଆଇପିଏଲ୍ ରିଟେନଶନ

ମୁମ୍ବାଇ, ୧୫।୧୧

ଆସନ୍ତା ଡିସେମ୍ବର ୧୬ ତାରିଖରେ ଆବୁଧାବିଠାରେ ହେବାକୁ ଥିବା ମିନି ଅକ୍ସନ ପୂର୍ବରୁ ଆଇପିଲର ସମସ୍ତ ୧୦ ଫ୍ରାଞ୍ଚାଇଜ ସେମାନଙ୍କ ରିଟେନ ଓ ରିଲିଜ୍ ଖେଳାଳିଙ୍କ ତାଲିକା ଶନିବାର ପ୍ରକାଶ କରିଛନ୍ତି। ଅକ୍ସନ ଆଗରୁ ଟ୍ରେଡ ଜରିଆରେ ସଞ୍ଜୁ ସାମସନ ଚେନ୍ନାଇ ସୁପର କିଙ୍ଗ୍ସ, ରବୀନ୍ଦ୍ର ଜାଡେଜା ଓ ସାମ କୁରାନ ରାଜସ୍ଥାନ ରୟାଲ୍ସ, ମହମ୍ମଦ ଶାମି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ, ନୀତୀଶ ରାଣା ଦିଲ୍ଲୀ କ୍ୟାପିଟାଲ୍ସ, ଶାର୍ଦ୍ଦୁଲ ଠାକୁର ଓ ଶେର୍ଫାନେ ରଦରଫୋର୍ଡ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ଆନ୍ଦ୍ରେ ରସେଲ, ଗ୍ଲେନ ମ୍ୟାକ୍ସୱେଲ, କ୍ୱିଣ୍ଟନ ଡି କକ୍, ଭେଙ୍କଟେଶ ଆୟାର, ମହିଶ ଥିକ୍ଷଣା, ୱାନିନ୍ଦୁ ହାସାରଙ୍ଗା, ମାଥିଶା ପାଥିରାନା, ଡେଭନ କନୱେ, ଡେଭିଡ୍ ମିଲର, ଫାଫ ଡୁ ପ୍ଲେସିସ, ଜେକ ଫ୍ରେଜର-ମ୍ୟାକଗର୍କ, ଲିଆମ ଲିଭିଂଷ୍ଟୋନ, ଆଡାମ ଜାମ୍ପା ଆଦି ଷ୍ଟାର ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ରିଲିଜ କରିଛନ୍ତି।

କେକେଆର ଅଜିଙ୍କ୍ୟ ରାହାନେ, ଅଙ୍ଗକ୍ରିଶ ରଘୁବଂଶୀ, ହର୍ଷିତ ରାଣା, ମନୀଷ ପାଣ୍ଡେ, ରମନଦୀପ ସିଂ, ରିଙ୍କୁ ସିଂ, ରୋବମାନ ପାୱେଲ, ସୁନୀଲ ନାରିନ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ରିଟେନ କରିଛି। ସନରାଇଜର୍ସ ହାଇଦ୍ରାବାଦ ଫ୍ରାଞ୍ଚାଇଜ ଅଭିଷେକ ଶର୍ମା, ଅନିକେତ ବର୍ମା, ବ୍ରାଇଡନ କାର୍ସ, ହର୍ଷଲ ପଟେଲ, ହେନରିକ୍ କ୍ଲାସେନ, ଇଶାନ କିଶାନ, ଜୟଦେବ ଉନାଡକଟ, କାମିଣ୍ଡୁ ମେଣ୍ଡିସ, ନୀତୀଶ କୁମାର ରେଡ୍ଡୀ, ପ୍ୟାଟ କମିନ୍ସ, ଟ୍ରାଭିସ ହେଡ୍‌ଙ୍କୁ ରିଟେନ କରିଛି। ୫ ଥର ଚାମ୍ପିୟନ ମୁମ୍ବାଇ, କର୍ବିନ ବୋଶ୍ଚ, ଦୀପକ ଚହର, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ମୟଙ୍କ ମାର୍କଣ୍ଡେ, ମିଚେଲ ସାଣ୍ଟନର, ରୋହିତ ଶର୍ମା, ରିଆନ ରିକଲଟନ, ଶାର୍ଦ୍ଦୁଳ ଠାକୁର, ଶେର୍ଫାନେ ରଦରଫୋର୍ଡ, ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା, ଟ୍ରେଣ୍ଟ ବୋଲ୍ଟ, ୱିଲ ଜ୍ୟାକ୍ସଙ୍କୁ ରଖିଛି। ଗତ ସଂସ୍କରଣର ଚାମ୍ପିୟନ ବେଙ୍ଗାଲୁରୁ ଅଭିନନ୍ଦନ ସିଂ, ଭୁବନେଶ୍ୱର କୁମାର, ଦେବଦତ୍ତ ପାଡିକଲ, ଜ୍ୟାକବ ବେଥେଲ, ଜୀତେଶ ଶର୍ମା, ଜୋଶ ହାଜେଲଉଡ୍, କ୍ରୁନାଲ ପାଣ୍ଡ୍ୟା, ରୋମାରିଓ ଶେଫର୍ଡ, ଟିମ ଡେଭିଡ୍, ବିରାଟ କୋହଲିଙ୍କୁ ରିଟେନ କରିଛି। ସେହିଭଳି ଦିଲ୍ଲୀ ଅଭିଷେକ ପୋରେଲ, ଆଶୁତୋଷ ଶର୍ମା, ଅକ୍ଷର ପଟେଲ, ଦୁଶମନ୍ଥା ଚମିରା, କରୁନ ନାୟର, ଲୋକେଶ ରହୁଲ, କୁଲଦୀପ ଯାଦବ, ମାଧବ ତିୱାରୀ, ମିଚେଲ ଷ୍ଟାର୍କ, ମୁକେଶ କୁମାର, ନୀତୀଶ ରାଣା, ଟି ନଟରାଜନ, ଟ୍ରିଷ୍ଟାନ ଷ୍ଟବ୍ସ, ବିପ୍ରଜ ନିଗମ। ରାଜସ୍ଥାନ ଦଳ ଧ୍ରୁବ ଜୁରେଲ, ଜୋଫ୍ରା ଆର୍ଚ୍ଚର, କ୍ୱେନା ମାଫାକା, ଲୁଆନ ଡ୍ରେ ପ୍ରେଟୋରିଅସ, ନାନ୍ଦ୍ରେ ବର୍ଗର, ରବୀନ୍ଦ୍ର ଜାଡେଜା, ରିୟାନ ପରାଗ, ସାମ କୁରାନ, ସନ୍ଦୀପ ଶର୍ମା, ଶିମରନ ହେଟମାୟର, ଶୁଭମ ଦୁବେ, ତୁଷାର ଦେଶପାଣ୍ଡେ, ବୈଭବ ସୂର୍ଯ୍ୟବଂଶୀ, ଜୟସ୍ୱୀ ଜୟସ୍ୱାଲଙ୍କୁ ରିଟେନ କରିଛି। ସେହିଭଳି ପଞ୍ଜାବ ପେସର ଅର୍ଶଦୀପ ସିଂ, ଆଜମାତୁଲା ଓମାରଜାଇ, ଲୋକି ଫର୍ଗୁସନ, ମାର୍କସ ଷ୍ଟୋଇନିସ, ମିଚେଲ ଓୱେନ, ପ୍ରଭସିମରନ ସିଂ, ପ୍ରିୟାଂଶ ଆର୍ଯ୍ୟା, ଶଶାଙ୍କ ସିଂ, ଶ୍ରେୟସ ଆୟାର, ଯୁଜବେନ୍ଦ୍ର ଚହଲଙ୍କୁ ରିଟେନ କରିଛି। ଚେନ୍ନାଇ ଦଳ ଅଂଶୁଲ କାମ୍ବୋଜ, ଗୁରଜପନୀତ ସିଂ, ମହେନ୍ଦ୍ର ସିଂ ଧୋନୀ, ସଞ୍ଜୁ ସାମସନ, ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ, ଖଲିଲ ଅହମଦ, ଆୟୁଶ ମହାତ୍ରେ, ଡେୱାଲ୍ଡ ବ୍ରେଭିସ, ଉର୍ଭିଲ ପଟେଲଙ୍କୁ ରଖିଛି। ଲକ୍ଷ୍ନୌ ଅବଦୁଲ ସମଦ, ଏଡେନ ମାରକ୍ରାମ, ଅର୍ଜୁନ ତେନ୍ଦୁଲକର, ଅର୍ଶିନ କୁଲକର୍ନୀ, ଆଭେଶ ଖାନ, ଆୟୁଷ ବଦୋନୀ, ଦିଗଭେଶ ରାଠୀ, ମାଥ୍ୟୁ ବ୍ରିଜକେ, ମହମ୍ମଦ ଶାମି, ମିଚଲ ମାର୍ଶ, ନିକୋଲାସ ପୁରାନ, ରିଷଭ ପନ୍ତଙ୍କୁ ରଖିଥିବା ବେଳେ ଗୁଜରାଟ ଈଶାନ୍ତ ଶର୍ମା, ଜୋସ ବଟଲର, କାଗିସୋ ରାବାଡା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ବି ସାଇ କିଶୋର, ରାହୁଲ ତେୱାଟିଆ, ସାଇ ସୁଦର୍ଶନ, ଶାହରୁଖ ଖାନ, ଶୁବମନ ଗିଲ, ୱାଶିଂଟନ ସୁନ୍ଦରଙ୍କୁ ରିଟେନ କରିଛି।




D-2585


# ୧୦ ରାଉଣ୍ଡ ଶେଷସୁଦ୍ଧା ଗାର୍ଡିଆନ୍ସ ଅଗ୍ରଣୀ



## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୧୫।୧୧(ତପନ ସ୍ୱାଇଁ)

ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଆଇଏସ୍‌ଏଫ୍) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ଏଠାରେ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ର ୬ ରାଉଣ୍ଡ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ୪ ରାଉଣ୍ଡ ମ୍ୟାଚ ହୋଇଥିଲା। ମୋଟ ୧୦ ରାଉଣ୍ଡ ମ୍ୟାଚ ଶେଷରେ ଗୋଲକୋଣ୍ଡା ଗାର୍ଡିଆନ୍ସ ୭ ବିଜୟ, ୨ ଡ୍ର, ୧ ପରାଜୟ ସହ ୮ ପଏଣ୍ଟ ପାଇ ଅଗ୍ରଣୀଲାଭ କରିଛି। ବାରବାଟୀ ବ୍ୟାଟଲର୍ସ ୭ ବିଜୟ, ୧ ଡ୍ର ଓ ୨ ପରାଜୟ, ଭିକ୍ଟୋରିଆ ଭିକ୍ଟର୍ସ ୭ ବିଜୟ, ୧ ଡ୍ର ଓ ୨ ପରାଜୟ, ରାଜଧାନୀ ଚ୍ୟାଲେଞ୍ଜର୍ସ ୫ ବିଜୟ, ୩ ଡ୍ର, ୨ ପରାଜୟ, ଅମ୍ବର ଆଭେଞ୍ଜର୍ସ ୪ ବିଜୟ, ୫ ଡ୍ର ୧ ପରାଜୟ, ଚୋଲା ଚାମ୍ପିୟନ୍ସ ୫ ବିଜୟ, ୨ ଡ୍ର, ୩ ପରାଜୟ, କଳିଙ୍ଗ ୱାରିୟର୍ସ ୬ ବିଜୟ, ୪ ପରାଜୟ, ମହାନଦୀ ଫାଲକନ ୪ ବିଜୟ, ୧ ଡ୍ର, ୫ ପରାଜୟ, ନାଳନ୍ଦା ନାଇଟ୍ସ ୨ ବିଜୟ, ୧ ଡ୍ର, ୭ ପରାଜୟ, ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍ସ ୨ ବିଜୟ, ୮ ପରାଜୟ, କୋଣାର୍କ କିଙ୍ଗ୍ସ ୧ ବିଜୟ, ୨ ଡ୍ର, ୭ ପରାଜୟ, ଏବଂ ଏଲୋରା ଇଲାଇଟ୍ସ ୨ ଡ୍ର ଓ ୮ ପରାଜୟ ସହ ପଛକୁପଛ ରହିଛନ୍ତି। ଲିଗ୍‌ର ଅବଶିଷ୍ଟ ଗୋଟିଏ ରାଉଣ୍ଡ ରବିବାର ଅନୁଷ୍ଠିତ ହେବା ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ପ୍ରତିଯୋଗିତାରେ ୨ ଗ୍ରାଣ୍ଡମାଷ୍ଟର, ୧୪ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୮ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର, ୬ କ୍ୟାଣ୍ଡିଡେଟ୍ ମାଷ୍ଟର ଓ ଜଣେ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟରଙ୍କ ସହ ୩୭ଜଣ ଫିଡେ ଟାଇଟଲଧାରୀଙ୍କୁ ମିଶାଇ ମୋଟ ୯୬ ଖେଳାଳି ଅଂଶଗ୍ରହଣ କରିଛନ୍ତି।

# ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ସରେ ଏଚ୍‌ପିସିର ସଫଳତା

ଭୁବନେଶ୍ୱର,୧୫।୧୧ (ବିଜୟ ରଣା)

ଓଡ଼ିଶାରେ ଅବସ୍ଥିତ ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ହାଇପର୍ଫମାନ୍ସ ସେଣ୍ଟରରେ ତାଲିମ ନେଉଥିବା ଆଥଲେଟ୍‌ମାନେ ନିକଟରେ ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ଅନୁଷ୍ଠିତ ସବ୍‌ଜୁନିୟର ଆର୍ଟିଷ୍ଟିକ୍ ଜାତୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଯୁବ ବ୍ୟକ୍ତିଗତ ଇଭେଣ୍ଟରେ ୨ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏହାଛଡ଼ା ୧୨ବର୍ଷରୁ କମ୍ ଟିମ୍ କାଟେଗୋରୀରେ ସେମାନେ ଏକ ବ୍ରୋଞ୍ଜ ପଦକ ଆଣିଛନ୍ତି। ଚାମ୍ପିୟନଶିପ୍‌ରେ ଓଡ଼ିଶା ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ହାଇପର୍ଫମାନ୍ସ ସେଣ୍ଟରରୁ ୧୦ ଏବଂ ପୁରୀ ଗ୍ରାସ୍‌ରୁଟ୍ ସେଣ୍ଟରରୁ ଜଣେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ବ୍ୟକ୍ତିଗତ ବିଭାଗରେ ସାୟନ ଛାଟୋଇ ଉଭୟ ଫ୍ଲୋର୍ ଏକ୍ସରସାଇଜ୍ ଓ ଷ୍ଟିଲ୍ ରିଙ୍ଗ୍ସରେ ରୌପ୍ୟ ଜିତିଥିବାବେଳେ ଅଭୟ କୁମାର ଦାସ ୧୪ବର୍ଷରୁ କମ୍ ଫ୍ଲୋର ଏକ୍ସରସାଇଜ୍‌ରେ ଏକ ବ୍ରୋଞ୍ଜ ପାଇଥିଲେ। ସେହିପରି ୧୨ବର୍ଷରୁ କମ୍ ଟିମ୍ ଇଭେଣ୍ଟରେ ଓଡ଼ିଶା ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଏଥିରେ ଓମ୍ ଶ୍ରୀ ରୁଦ୍ର ନାରାୟଣ ସାହୁ ଓ ସାୟନ ଛାଟୋଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି ପରିପ୍ରେକ୍ଷୀରେ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆର ମୁଖ୍ୟ ସିଏସ୍‌ଆର୍ ଡ. ବିକାଶ ୟାଦଭେନ୍ଦୁ କହିଛନ୍ତି ଶୃଙ୍ଖଳା, ଦଳଗତ ପ୍ରଚେଷ୍ଟା ଓ ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ଏହା ସମ୍ଭବ ହୋଇପାରିଛି। ଭବିଷ୍ୟତରେ ଏହି ଯୁବ ଆଥଲେଟମାନଙ୍କଠାରୁ ଆହୁରି ଅନେକ ସଫଳତା ଆଶା କରାଯାଉଛି।



ପଦକ ହାସଲ କରିଥିବା ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ଏଚ୍‌ପିସି ଜିମ୍ନାଷ୍ଟ।

# ଆନ୍ତଃ ସ୍କୁଲ ଚେସ୍ ସିଲେକ୍ସନ ଟ୍ରାଏଲ

ଭୁବନେଶ୍ୱର, ୧୫।୧୧ (ବିଜୟ ରଣା)

ଆସନ୍ତା ୬୯ତମ ଜାତୀୟ ସ୍କୁଲ ଗେମ୍ସ ୨୦୨୫-୨୬ ପାଇଁ ସିଏସ୍‌ସିଇ ଆନ୍ତଃ ସ୍କୁଲ ଚେସ୍ (ବାଳକ) ପାଇଁ ସିଲେକ୍ସ ଟ୍ରାଏଲ ଶନିବାର ସଫଳତାର ସହିତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍ (କିଟ୍ ୟୁନିଭର୍ସିଟି)ରେ ଅନୁଷ୍ଠିତ ହୋଇଯାଇଛି। କାଉନ୍‌ସିଲ ଅଫ୍ ହାୟର ସେକେଣ୍ଡାରୀ ଏଜୁକେଶନ, ଓଡ଼ିଶା, ଭୁବନେଶ୍ୱର ଅଧୀନରେ ରାଜ୍ୟର ବହୁ ହାଇସ୍କୁଲର ଆଗ୍ରହୀ ଚେସ୍ ଖେଳାଳିମାନେ ଏଥିରେ ଭାଗ ନେଇଥିଲେ। ସିଲେକ୍ସନ ଟ୍ରାଏଲ୍‌ରେ କିସ୍‌ର ଚତୁର ମୁର୍ମୁ (୪.୫ ପଏଣ୍ଟ) ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆନନ୍ଦପୁର ହାଇସ୍କୁଲର ଉଦୟ ପରିଡ଼ା (୪ପଏଣ୍ଟ) ଦ୍ୱିତୀୟ ଏବଂ କିସ୍‌ର ଦାସା ଟୁଡୁ (୩.୫ ପଏଣ୍ଟ) ତୃତୀୟ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କିସ୍ କ୍ରୀଡ଼ା ଯୁଗ୍ମ ନିର୍ଦ୍ଦେଶକ ରୁଦ୍ରକେଶ ଜେନା, ଆର୍.ଏନ୍ ଜିଉ ହାଇସ୍କୁଲର ପିଇଟି ଧର୍ମେନ୍ଦ୍ର ମହାନ୍ତି ଏବଂ ରାମଚଣ୍ଡି ହାଇସ୍କୁଲ ପିଇଟି ପ୍ରମୋଦ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ, ଫୁଟ୍‌ବଲ, ଭଲିବଲ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ କ୍ରିକେଟ, ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ଟାଉନ୍ କ୍ଲବ ପଡ଼ିଆରେ ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ କ୍ରିକେଟ ଲିଗ୍‌କୁ କ୍ଲବର ସଭାପତି ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ଜେଣ୍ଟ ଜାଭିୟର ୪୯ ରନରେ ଓଡିଏମ୍‌କୁ ପରାସ୍ତ କରିଛି। ପାରାମାଉଣ୍ଟ ପଡ଼ିଆରେ ଡିଏମ୍ ପବ୍ଲିକ ସ୍କୁଲ ଓ ଲୋୟଲା ସ୍କୁଲ ମ୍ୟାଚକୁ ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ ଜେନା ଓ କ୍ରିକେଟ ସମ୍ପାଦକ ଅଶୋକ ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଲୋୟଲା ସ୍କୁଲ ବିଜୟୀ ହୋଇଥିଲା। ପୋଖରୀପୁଟ ପଡ଼ିଆରେ ବିଧାୟକ ବାବୁ ସିଂ କେଦାରଗୌରୀ ସେଣ୍ଟ ଜାଭିୟର ସ୍କୁଲ ଓ ବ୍ରିଜୱେଲ ଗ୍ଲୋବାଲ ସ୍କୁଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଶୁଭାରମ୍ଭ କରିଥିଲେ। ବ୍ରିଜୱେଲ ଗ୍ଲୋବାଲ ସ୍କୁଲ ବିଜୟୀ ହୋଇଥିଲା। ବି.ବି. କ୍ରିକେଟ ଏକାଡେମୀ ପଡ଼ିଆରେ ଭାଗ୍ୟଧର ଜଗଦେବ ଓଡିଏମ୍ ଗ୍ଲୋବାଲ ସ୍କୁଲ ଓ ୟୁନିଟ-୪ ଭେଙ୍କଟେଶ୍ୱର ସ୍କୁଲ ମ୍ୟାଚକୁ ଆରମ୍ଭ କରିଥିଲେ। ଭେଙ୍କଟେଶ୍ୱର ସ୍କୁଲ ବିଜୟୀ ହୋଇଥିଲା।

ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍ ଆୟୋଜକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ଫୁଟବଲ ସମ୍ପାଦକ ଦିଲୀପ ଦାସଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ନୀତା ଫୁଟବଲ ଏକାଡେମୀ ୨-୦ରେ ଓଡିଏମ୍ ଗ୍ଲୋବାଲକୁ ହରାଇଥିଲା। ବିଜୟୀ ଦଳର କୃଷ୍ଣ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କିସ୍ ୪-୦ରେ କଳିଙ୍ଗ ସ୍ପୋର୍ଟିଂକୁ ପରାସ୍ତ କରିଛି। ବିଜୟୀ ଦଳର ବିଶ୍ୱନାଥ ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତଃବିଦ୍ୟାଳୟ ଭଲିବଲ ଲିଗ୍ ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ଏବଂ ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଗଗନେନ୍ଦୁ ଦାଶ ଉଦ୍‌ଘାଟନ କରିଛନ୍ତି। ରବିବାର ପ୍ରତିଯୋଗିତାର ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ।



କୃଷ୍ଣ ନାୟକଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ପ୍ରଥମ ଆଶେସ ଟେଷ୍ଟ ଖେଳିବେନି ହାଜେଲଉଡ୍

ପର୍ଥ, ୧୫।୧୧ (ଏପି)

ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରୀ ପାଇଁ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ଜୋସ୍ ହାଜେଲ୍‌ଉଡ୍ ଆସନ୍ତା ଶୁକ୍ରବାର ପର୍ଥଠାରେ ଆରମ୍ଭ ହେବାକୁଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ଖେଳିବେନି। ପ୍ରାଥମିକ ସ୍କାନ ପରେ ଆଘାତ ଗୁରୁତର ନୁହେଁ ବୋଲି କୁହାଯାଇଥିଲା। ମାତ୍ର ପରେ ଏକ ସ୍କାନ ଦ୍ୱାରା ଜଣାପଡ଼ିଥିଲା ଯେ, ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହଁନ୍ତି। ପ୍ୟାଟ କମିନ୍ସଙ୍କ ପରେ ପର୍ଥ ଟେଷ୍ଟ ନ ଖେଳିବାରେ ସେ ଦ୍ୱିତୀୟ ଖେଳାଳି। ଆଶେସ ଓପନରରେ ଅଷ୍ଟ୍ରେଲିଆର ଫାଷ୍ଟ ବୋଲିଂ ଆକ୍ରମଣ ଉପରେ ଏହା ବହୁତ ପ୍ରଭାବ ପକାଇବ। ଫଳତଃ ବ୍ରେଣ୍ଡନ ଡଗେଟ୍‌ଙ୍କ ପାଇଁ ଏକ ଆଶେସ ଟେଷ୍ଟ ପଦାର୍ପଣର ସୁଯୋଗ ଦେଖା ଦେଇଛି। ବୁଧବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଏକ ଶିଫିଲ୍ଡ ଶିଲ୍ଡ ଘରୋଇ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳୁଥିବା ବେଳେ ହାଜେଲଉଡ୍ ଯନ୍ତ୍ରଣା ଅନୁଭବ କରିଥିଲେ। ହାଜେଲଉଡ୍ ବିମାନ ଯୋଗେ ସାଥୀ ଖେଳାଳିମାନଙ୍କ ସହ ପର୍ଥ ନ ଯାଇ ଘରେ ବିଶ୍ରାମ ନେବେ।


# Classified Everyday
0674-2580101, 9692975378




SALE

Plot Area 25000 sft Near Rasulgada Square Bhubaneswar. 8480204021. D-2581

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

Gharabari bounded plot 2400 sqft for sale Adjacent to Meera's Courtyard, near kuranga football field 200mtrs from Niali- Nakhara, SH Cuttack Sadar. Contact- 9937012712. D-2574

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ଫ୍ଲାଟ୍, 2/3 BHK Flat/Duplex ଅଛି- 8327785834. D-06

Khordha Municipality ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। -7008634668 ଧ-୦୮

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲାଟ ବିକ୍ରି ହେବ- 9178660666. ଧ-୨୫୫୫

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ଫ୍ଲାଟ୍ 6,75,000/ରେ ବିକ୍ରିହେବ- 9776974912. D- 10

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days 7809525452. D-210

ସ୍ତ୍ରିତିବାନ ଫ୍ଲାଟ୍ ଧଉଳି, ବାଳକାଟି ବଜାର, ଗୁଡ଼ିଆ ପୋଖରି ପାଖରେ ମିଳୁଛି- 8249776268. ଧ-୭୭୩୦୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




The massage felt totally professional! & comfortable at all times- 7978109255. D-211

AFFIDAVIT

By virtue of an affidavit sworn before Notary Public, dated 14th Nov 2025, I, Chabita Praska, Address Village- Timajhola, P.O.- Champi, Dist.- Koraput, Odisha, 765013, declare that I have changed my name from Chhabi Praska to Chabita Praska. Henceforth, I shall be known as Chabita Praska for all purposes.
Chabita Praska
D-2582

By virtue of an affidavit sworn before EXECUTIVE MAGISTRATE, BARGAON, dated- 14.11.2025, I, SUDAMA CHANDRA SA, Address: Vill.- Baibai, P.O.- Tudalaga, P.S.- Bargaon, District- Sundargarh, PIN- 770016, (Odisha) declare that I have changed my name from SUDAMA SA to SUDAMA CHANDRA SA. Henceforth, I shall be known as SUDAMA CHANDRA SA for all purpose.
SUDAMA CHANDRA SA
D-2570

I, Ranka Barik alias Krupasindhu Barik(48), S/o.- Krushna Barik, At: Jashipur, P.O.- Kuda, P.S.- Bansada, Dist.- Bhadrak, I have an LIC Policy bearing No. 585403631 where in my name is Krupasindhu Barik, By this affidavit I declare that Ranka Barik & Krupasindhu Barik is same and one person.
D-2571

By virtue of an affidavit sworn before the Notary Public, Titilagarh, Dtd.- 15.11.2025, Court Fees No.- 590, I, Sumit Kumar Bhoi, S/o.- Chandulal Bhoi, R/o.- Village- Kuanrgaon, P.O.- Kuanrgaon, P.S.- Saintala, Dist.- Balangir (Odisha), PIN- 767032 declare that now I have changed my name from Sumita Bhoi to Sumit Kumar Bhoi. Henceforth, I shall be known as Sumit Kumar Bhoi for all purposes.
Sumit Kumar Bhoi
D-2583

I, Mohammad Raziudin, S/o.- Late Mohammad Yaqueenudin, Resident of Magurgadia, P.O.- Keonjhargarh, P.S.- Town, Dist.- Keonjhar, Odisha declare by this affidavit No.- 231/25, Dtd.- 10.11.2025 that now onwards I shall be known as MOHAMMED RAZIUDDIN for all future purposes. D-2584

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଇନୋଭାରେ କପ୍ ଉଦ୍‌ଘାଟିତ




ଇଡ୍‌କୋର ଅଭିଜିତ ବାରିକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)

ଇନୋଭାରେ କପ୍ ଟି୨୦ କର୍ପୋରେଟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ସୋଆ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଇନୋଭାରେ ସହ ପ୍ରତିଷ୍ଠାତା ମୋହର ମନୋହର ମିଶ୍ର, ଇନୋଭାରେ କ୍ରିକେଟ କାଉନ୍ସିଲ (ଆଇସିସି) ସଭାପତି ସରୋଜା ପାଢ଼ୀ ଓ କାଉନ୍ସିଲ ସଦସ୍ୟ ହିମାଂଶୁ ପତି ଉପସ୍ଥିତ ରହି ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିବସରେ ସୋଆ ଷ୍ଟାଡିୟମରେ ୨ଟି ଓ ଇଡ୍‌କୋ ଷ୍ଟାଡିୟମରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଇଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇସିସି ୧୩ ରନରେ କିଟ୍‌କୁ ପରାସ୍ତ କରିଛି। ଇସିସିର ପ୍ରକାଶ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ଓ କିଟ୍‌ର ଦୁର୍ଗାଚରଣ ଇମ୍ପାକ୍ଟ ପ୍ଲେୟର ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ଷ୍ଟାର୍ଟଅପ୍ ଏକାଦଶ ୬ ଉଇକେଟରେ ରୟାଲ ରେଞ୍ଜର୍ସକୁ ହରାଇଛି। ବିଜୟୀ ଦଳର ଜୀତେନ୍ଦ୍ର ଦାସ ଶ୍ରେଷ୍ଠ ଖେଳାଳି ଓ ସୌମ୍ୟକାନ୍ତ ବିଶ୍ୱାଳ ଇମ୍ପାକ୍ଟ ପ୍ଲେୟର ପୁରସ୍କାର ପାଇଛନ୍ତି। ସୋଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇଡ୍‌କୋ ୩୪ ରନରେ ଆକ୍ୱେଞ୍ଚରକୁ ପରାସ୍ତ କରିଛି। ଇଡ୍‌କୋର ଅଭିଜିତ ବାରିକ ଶ୍ରେଷ୍ଠ ଖେଳାଳି ଓ ସିଦ୍ଧାନ୍ତ ରାୟ ପ୍ରଭାବୀ ଖେଳାଳି ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ଲୟର୍ସ ୫ ଉଇକେଟରେ ଆରସିସିକୁ ହରାଇଛି। ଲୟର୍ସର ତପନ ବାରିକ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଆରସିସିର ଅନୁଭବ ଖଟୁଆ ଇମ୍ପାକ୍ଟ ପ୍ଲେୟର ହୋଇଛନ୍ତି।

# ଭାରତୀୟ ଫୁଟ୍‌ବଲ ଦଳରେ ଅଷ୍ଟ୍ରେଲିଆ ଜନ୍ମିତ ୱିଲିଅମ୍ସ

ନୂଆଦିଲ୍ଲୀ, ୧୫।୧୧(ପି.ଟି.)

ଆସନ୍ତା ୧୮ ତାରିଖରେ ଢାକାଠାରେ ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର ଅନ୍ତିମ ରାଉଣ୍ଡ ଗ୍ରୁପ୍ ସି' ମ୍ୟାଚ୍ ଲାଗି ଶନିବାର ୨୩ ଜଣିଆ ଭାରତୀୟ ଫୁଟବଲ ଦଳ ଘୋଷଣା କରାଯାଇଛି। ନିକଟରେ ଭାରତୀୟ ପାସପୋର୍ଟ ହାସଲ କରିଥିବା ଅଷ୍ଟ୍ରେଲିଆରେ ଜନ୍ମିତ ଫରୱାର୍ଡ ରିଆନ ୱିଲିଅମ୍ସ ଦଳରେ ସ୍ଥାନ ପାଇଛନ୍ତି। ତେବେ ସେ ମ୍ୟାଚ୍‌ରେ ଖେଳିବେ କି ନାହିଁ, ତାହା ଫୁଟବଲ ଅଷ୍ଟ୍ରେଲିଆ (ଏଫ୍‌ଏ)ର ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ ଉପରେ ନିର୍ଭର କରେ। ତାଙ୍କୁ ଭାରତ ପାଇଁ ଖେଳିବା ପାଇଁ ଏଫ୍‌ଏ, ଫିଫା ଓ ଏଏଫ୍‌ସିଠାରୁ ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ ନେବାକୁ ପଡ଼ିବ।

# ଖୁସି ଦାନ



ସାଙ୍ଗସାଥୀ, ବନ୍ଧୁବାନ୍ଧବ ଅବା କେହି ପରିଚିତ ଦେଖା ହୋଇଗଲେ ମୁହଁରୁ ପ୍ରଥମ ପ୍ରଶ୍ନ ଆସେ କେମିତି ଅଛନ୍ତି, ଆଉ ଉତ୍ତରରେ ଭଲ ଅଛି, ଖୁସିରେ ଅଛି ଶୁଣିବା ପରେ ଖୁସି ଲାଗେ । ହେଲେ ଏବେ ଯେମିତି ଏହି ଉତ୍ତରଟି ବଦଳି ଯାଇଛି । କାରଣ ଏବେ ଅଧିକାଂଶଙ୍କ ପାଟିରୁ ଏହା ବଦଳରେ ଶୁଣିବାକୁ ମିଳୁଛି ବହୁତ ଟେନ୍‌ଶନ୍‌ରେ ଅଛି । ତେବେ ଅଧିକାଂଶ ବିଶେଷ କରି ଯୁବପିଢ଼ି ଟେନ୍‌ଶନ୍‌ରେ ରହିବା ପଛରେ ଅନେକ କାରଣ ରହିଛି । ଯାହାକି ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଉଛି । ତେଣୁ ସୁସ୍ଥ ରହିବାକୁ ହେଲେ ନିଜକୁ ଟେନ୍‌ଶନ୍ ଫ୍ରି ଓ ଖୁସିରେ ରଖିବା ନିହାତି ଆବଶ୍ୟକ...





ବର୍ତ୍ତମାନ ଅନେକ ଯୁବପିଢ଼ି ପାଠପଢ଼ା, ଜବ୍, ପ୍ରେମ ବ୍ୟାପାର, ଆର୍ଥିକ, ପାରିବାରିକ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ଟେନ୍‌ଶନ୍‌ରେ ରହୁଥିବା ଦେଖିବାକୁ ମିଳୁଛି । ଏହି ଟେନ୍‌ଶନ୍ ବା ମାନସିକ ଅସୁସ୍ଥତା ମଣିଷକୁ ଶାରୀରିକ ସୁସ୍ଥତା ଭିତରେ ବି ଏକ ପ୍ରକାରର ଅଚଳ ଅବସ୍ଥାରେ ପହଞ୍ଚାଇଦିଏ । କାରଣ କେବଳ ଶାରୀରିକ ନୁହେଁ ବରଂ ମାନସିକ ସ୍ତରରେ ସୁସ୍ଥ ରହିବା ଆଜିର ସମୟରେ ସବୁଠୁ ବଡ଼ ବରଦାନ । ତେଣୁ ନିଜକୁ ଟେନ୍‌ଶନ୍ ଫ୍ରି ଓ ଖୁସିରେ ରଖିବା ଲାଗି କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ଟିପ୍ସ...

**ଖୋଲାଖୋଲି କଥା ହୁଅନ୍ତୁ:** କେହି କେହି ପାଠପଢ଼ା, ଜବ୍ କିମ୍ବା ପ୍ରେମରେ ବିଫଳ ହେବା ଭଳି କେତେକ କଥାକୁ କାହା ଆଗେ କହି ନ ପାରି ମନରେ ଚାପି ରଖନ୍ତି । ଏହି ଟେନ୍‌ଶନ୍ ଧୀରେ ଧୀରେ ଡିପ୍ରେଶନ୍ ଭଳି ଗଭୀର ମାନସିକ ସମସ୍ୟାରେ ପରିଣତ ହୋଇଥାଏ । ଏହା କେତେକଙ୍କ କ୍ଷେତ୍ରରେ ମାନସିକ ସନ୍ତୁଳନ ହରାଇବା ଏମିତିକି ଆତ୍ମହତ୍ୟାର ମୁଖ୍ୟ କାରଣ ସାଜିଥାଏ । ତେଣୁ ସର୍ବପ୍ରଥମେ କୌଣସି କଥାକୁ ନେଇ ମାନସିକ ଚାପରେ ଥିଲେ ଏହାକୁ ଭିତରେ ଚାପି ନ ରଖି ପରିବାର ସଦସ୍ୟ କିମ୍ବା ବିଶ୍ୱସ୍ତ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ । ହୁଏତ, ଏହାଦ୍ୱାରା ଅନ୍ୟମାନଙ୍କଠାରୁ କିଛି ଭଲ ପରାମର୍ଶ ପାଇ ଆପଣଙ୍କ ସମସ୍ୟାର ସମାଧାନ ହୋଇପାରିବ । ଫଳରେ ଆପଣଙ୍କ ମନ ହାଲୁକା ହୋଇଯିବ ଏବଂ ଖୁସି ଅନୁଭବ କରିପାରିବେ । ଆବଶ୍ୟକ ସ୍ଥଳେ ମନସ୍ତତ୍ତ୍ୱବିତ୍ କିମ୍ବା କାଉନ୍‌ସିଲରଙ୍କ ପରାମର୍ଶ ନେଇପାରିବେ ।

**ବଦଳାନ୍ତୁ ଜୀବନଶୈଳୀ:** ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଅର୍ଥାତ୍ ଅସନ୍ତୁଳିତ ଖାଦ୍ୟ, ଠିକ୍ ସମୟରେ ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନ ଶୋଇବା ଆଦି ଅନେକ କାରଣ ଯୁବପିଢ଼ିଙ୍କଠାରେ ମାନସିକ ସମସ୍ୟା ସୃଷ୍ଟି କରୁଛି । ତେଣୁ ସର୍ବପ୍ରଥମେ ମନକୁ ଖୁସି ରଖିବା ଲାଗି ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ । ଅର୍ଥାତ୍ ସୁଷମ ଖାଦ୍ୟ ଖାଇବା ସହ ପ୍ରତିଦିନ ଠିକ୍ ସମୟରେ ନିଦ୍ରା ଯାଆନ୍ତୁ । କାରଣ ମସ୍ତିଷ୍କକୁ ବିଶ୍ରାମ ଦେବା ହିଁ ମାନସିକ ସୁସ୍ଥତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ।

**କମାନ୍ତୁ ଇ-ଗ୍ୟାଜେଟ୍ ଟାଇମ୍:** ମୋବାଇଲ୍ ଫୋନ୍, କମ୍ପ୍ୟୁଟର, ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଗେଜେଟ୍‌ର ବହୁଳ ବ୍ୟବହାର ଅଧିକାଂଶ ଯୁବପିଢ଼ିଙ୍କଠାରେ ଏକ ଆଡିକ୍ସନରେ ପରିଣତ ହୋଇଯାଇଛି । କେହି କେହି ସୋସିଆଲ୍ ମିଡିଆରେ ମଧ୍ୟ ବହୁତ ସମୟ ବିତାଉଛନ୍ତି, ଏମିତିକି କିଛି ସମୟ ଏଥିରୁ ସେମାନଙ୍କୁ ନିବୃତ୍ତ ରଖାଗଲେ ସେମାନେ ବିଚଳିତ ହୋଇପଡୁଛନ୍ତି । ଏହାଦ୍ୱାରା ସେମାନେ ଏକାକୀ ରହିବା ପସନ୍ଦ କରୁଛନ୍ତି ଏବଂ ପରିବାର, ସାଙ୍ଗସାଥୀଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଉଛନ୍ତି । ଫଳରେ କେତେକଙ୍କଠାରେ ଏହା ପରବର୍ତ୍ତୀ ସମୟରେ ନିଦ୍ରାହୀନତାଠାରୁ ଆରମ୍ଭ କରି ଏକଲାପଣ, ଡିପ୍ରେଶନ୍ ଭଳି ବିଭିନ୍ନ ମାନସିକ ସମସ୍ୟା ଉପୁଜାଉଛି । ତେଣୁ ମାନସିକ ସୁସ୍ଥତା ଲାଗି ଦୈନିକ କିଛି ସମୟ ଡିଜିଟାଲ୍ ଡିଟକ୍ସ ବା ଇ-ଗେଜେଟ୍‌ଠାରୁ ଦୂରେଇ ରହି ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସହ କ୍ଲାସି ଟାଇମ୍ ବିତାନ୍ତୁ । ଏହା ଆପଣଙ୍କୁ ସର୍ବଦା ଖୁସି ରଖିବାରେ ସାହାଯ୍ୟ କରିବ ।

**ଜରୁରୀ ଏଣ୍ଟରଟେନ୍‌ମେଣ୍ଟ:** ଚିକିତ୍ସା ବିଜ୍ଞାନରେ ଟେନ୍‌ଶନ୍, ଡିପ୍ରେଶନ୍ ଆଦି ଦୂର କରିବା ଲାଗି ସଙ୍ଗୀତର ସାହାଯ୍ୟ ନିଆଯାଇଥାଏ । ଏଥିପାଇଁ ଏହାକୁ ମ୍ୟୁଜିକ୍‌ଥେରାପି ବୋଲି କୁହାଯାଇଥାଏ । ତେଣୁ ମ୍ୟୁଜିକ୍ ଶୁଣିବା ମେଣ୍ଟାଲ୍ ରିଲାକ୍ସେଶନ୍ ଲାଗି ସବୁଠୁ ବେଷ୍ଟ ମାଧ୍ୟମ । ସଙ୍ଗୀତରେ ଏଭଳି ଯାଦୁକରି ଶକ୍ତି ରହିଛି, ଯାହାକି ମଣିଷକୁ ମାନସିକ ଶାନ୍ତି ଦେବା ସହ ଶାରୀରିକ ସ୍ଫୂର୍ତ୍ତି ଯୋଗାଇଥାଏ । ତେଣୁ କୌଣସି ମାନସିକ ଚାପରେ ଥିଲେ ମଧ୍ୟ ଷ୍ଟ୍ରେସ୍ ଫ୍ରି ରହିବା ଲାଗି ମ୍ୟୁଜିକ୍ ଶୁଣି ମନକୁ ଖୁସି କରିପାରିବେ । ଏହା ବ୍ୟତୀତ କମେଡି ଭିଡିଓ, ମୋଟିଭେଶନାଲ୍ ସିର୍ ଭିଡିଓ ଆଦି ଦେଖିପାରିବେ । କେବେ ସମୟ ବାହାର କରି ପରିବର ସଦସ୍ୟ କିମ୍ବା ସାଙ୍ଗସାଥୀଙ୍କ ସହ ମୁଭି ଦେଖିବାକୁ ଗଲେ ବି ଟେନ୍‌ଶନ୍ ଫ୍ରି ହୋଇପାରିବେ । କାରଣ ଏଣ୍ଟରଟେନ୍‌ମେଣ୍ଟ ମଣିଷକୁ ଟେନ୍‌ଶନ୍ ଫ୍ରି ରଖିବା ଲାଗି ବହୁତ ଜରୁରୀ ।

**ହବି ଉପରେ ଧ୍ୟାନ ଦିଅନ୍ତୁ:** ଲେଖାଲେଖି, ପେଣ୍ଟିଂ, ଡାନ୍ସିଂ, କୁକିଙ୍ଗ, ଗାର୍ଡେନିଂ, ସିଲେଇ କରିବା ଭଳି ବିଭିନ୍ନ କ୍ଷେତ୍ରରେ ଅନେକଙ୍କର ରୁଚି ଥାଏ । ଟେନ୍‌ଶନ୍‌ରେ ଥିବା ବେଳେ ନିଜକୁ ଏହି ସମସ୍ୟାରୁ ଦୂରେଇବା ଲାଗି ଏହି ହବି ସବୁଠୁ ବେଶି କାମରେ ଆସିଥାଏ । କାରଣ ଏହାକୁ କରିବା ଦ୍ୱାରା ଯେଉଁ କାରଣରୁ ମନ ଭାରାକ୍ରାନ୍ତ ଥାଏ ସେଥିରୁ ଧ୍ୟାନ ଦୂରେଇ ଯାଇଥାଏ । ଫଳରେ ଏହି ହବି ମନକୁ ସ୍ଥିର ଏବଂ ସକାରାତ୍ମକ ରଖିବାରେ ବେଶ୍ ସାହାଯ୍ୟ କରିଥାଏ, ଯାହାକି ଅପରପକ୍ଷେ ମାନସିକ ଶାନ୍ତି ଦେବା ସହ ଷ୍ଟ୍ରେସ୍ ଫ୍ରି ମଧ୍ୟ ରଖିଥାଏ ।

**ମୁଡ୍ ଫ୍ରେଶ୍ ରଖେ ଟ୍ରାଭେଲିଂ:** କେବେକେବେ କାର୍ଯ୍ୟବ୍ୟସ୍ତତା କିମ୍ବା ଅନ୍ୟ କାରଣରୁ ଯୁବପିଢି ଟେନ୍‌ଶନ୍‌ର ଶିକାର ହୁଅନ୍ତି । ଏମିତିରେ କିଛି ସମୟ ବାହାରେ ବୁଲାବୁଲି କରିବା ଦ୍ୱାରା ମୁଡ୍ ଫ୍ରେଶ୍ ହୋଇଯାଏ । ଚିକିତ୍ସା ବିଜ୍ଞାନରେ ଏହାକୁ ମଧ୍ୟ ଏକ ଥେରାପି ଭଳି ବ୍ୟବହାର କରାଯାଇଥାଏ । ତେଣୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କିଛି ସମୟ ବାହାର କରି ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ ବୁଲିବାକୁ ଯାଆନ୍ତୁ ଦେଖିବେ ଟେନ୍‌ଶନ୍ ଫ୍ରି ରହିବେ ।


**ଟେନ୍‌ଶନ୍ ଫ୍ରି ରଖିବ ଯୋଗ:** ଟେନ୍‌ଶନ୍ କିମ୍ବା ଅବସାଦରେ ଥିଲେ ଏହାକୁ ଦୂର କରିବା ଲାଗି ସବୁଠୁ ଭଲ ଉପାୟ ହେଉଛି ଯୋଗ ଏବଂ ବ୍ୟାୟାମ । ତେଣୁ ଯେତେ କାମ ଥାଉନା କାହିଁକି କିଛି ସମୟ ନିଜ ପାଇଁ ବାହାର କରନ୍ତୁ । ଆଉ ଏହି ସମୟରେ ୱାକିଂ, ଏକ୍ସରସାଇଜ୍, ଯୋଗ, ପ୍ରାଣାୟାମ ଆଦି କରନ୍ତୁ । ଦେଖିବେ ଏହା ଆପଣଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରିବ । ମାନସିକ ସ୍ଥିରତା ଓ ଟେନ୍‌ଶନ୍ ଫ୍ରି ହେବା ଲାଗି ସକାଳୁ ଉଠି ଧ୍ୟାନ କରିବା ବେଶ୍ ଲାଭଦାୟକ ।





## ଯୁବ ପ୍ରତିଭା

# ଚିତ୍ରକଳା ହେଉଛି ସମାଜ ପାଇଁ ଦର୍ପଣ ସଦୃଶ



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ସଂସାରଫଳ ଗ୍ରାମର ମା' ସରୋଜିନୀ ଏବଂ ବାପା ଶ୍ରୀଧର ଦାସଙ୍କ ବଡ଼ ପୁଅ ଶ୍ରୀକାନ୍ତ ଦାସ । ନିଜ ରାଜ୍ୟ ବ୍ୟତୀତ ଦିଲ୍ଲୀ, ଆସାମ, ମେଘାଳୟ ସମେତ ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ ଜାତୀୟ ଓ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ଜଣେ ଚିତ୍ରଶିଳ୍ପୀ ଭାବେ ସେ ନିଜର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇ ପାରିଛନ୍ତି ।

ପିଲାଟି ଦିନରୁ ଗାଁ, ପୋଖରୀ, ବିଲ ବାଡି, ଧାନ କ୍ଷେତ, ଗଛଲତା, ଦିଗନ୍ତବିସ୍ତାରୀ ନୀଳ ଆକାଶରେ ଉଡିଯାଉଥିବା ରଙ୍ଗ ବେରଙ୍ଗ ପକ୍ଷୀଙ୍କ ଦୃଶ୍ୟ ତାଙ୍କୁ ଆନମନା କରୁଥିଲା । ଏହାକୁ ସେ କାଗଜରେ ଆଙ୍କିବାକୁ ଚେଷ୍ଟା କରଥିଲେ, ଆଉ ଭବିଷ୍ୟତରେ ଜଣେ ଚିତ୍ରକର ହେବାକୁ ସ୍ୱପ୍ନ ଦେଖୁଥିଲେ । କଳା ପ୍ରତି ଆଗ୍ରହ ଥିବାରୁ ସେ ମାଟ୍ରିକ ପଢ଼ିବା ପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବିଭୂତି କାନୁନ୍‌ଗୋ ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟରେ ସ୍ନାତକ ପଢ଼ା ସମାପ୍ତ କଲେ । ସେବେଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ପିଲାବେଳୁ ଜଣେ ଚିତ୍ରଶିଳ୍ପୀ ହେବା ସ୍ୱପ୍ନ ତାଙ୍କର ଏବେ ସାକାର ହୋଇଛି । ସେ ବିଭିନ୍ନ ସ୍ଥାନରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି । ବର୍ତ୍ତମାନ ସେ ସ୍କୁଲ୍, କଲେଜ୍ ଏବଂ ବିଭିନ୍ନ ସ୍ଥାନରେ ଆୟୋଜିତ ସୁରଭି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗ ଦେଉଛନ୍ତି । ବିଶ୍ୱ ପ୍ରସିଦ୍ଧ କୁମ୍ଭୀର ଅଭୟାରଣ୍ୟ ଭିତରକନିକା ଏବଂ ଗହୀରମଥାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗନେଇଥିଲେ । ଭିତରକନିକାର ହେନ୍ତାଳ ବଣ, ଏଠାରେ ଥିବା ଆର୍ଦ୍ରଭୂମିକୁ ଆସୁଥିବା ବିଦେଶାଗତ ରଙ୍ଗ ବେରଙ୍ଗ ପକ୍ଷୀ, ବିଶ୍ୱର ସର୍ବବୃହତ୍ତମ ବଉଳାକୁମ୍ଭୀର ସହାବସ୍ଥାନ, ଗହୀରମଥାକୁ ଆସୁଥିବା ଅଲିଭ ରିଡ୍‌ଲେ କଇଁଛଙ୍କ ଜୀନଶୈଳୀ ଉପରେ ନିଜ ରଙ୍ଗ ତୂଳୀରେ ଚିତ୍ର ଆଙ୍କି ରାଜନଗର ବନବିଭାଗ ପକ୍ଷରୁ ପୁରସ୍କୃତ ହୋଇଛନ୍ତି । ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଜାତୀୟସ୍ତରୀୟ ଆର୍ଦ୍ରଭୂମି ଦିବସ ପାଳନ ଅବସରରେ ଶ୍ରୀକାନ୍ତଙ୍କର କଳାକୃତିକୁ ସମ୍ମାନ ଜଣାଇ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଚିବ ଡ. ଅନୁ ମଲ୍ଲିକ ତାଙ୍କୁ ପୁରସ୍କୃତ କରିଥିଲେ । ଏହା ବ୍ୟତୀତ ତାଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୦୭ରେ ରାଜ୍ୟ ପୁରସ୍କାର, ୨୦୧୪ରେ ଆସାମ ଓ ମେଘାଳୟ ସରକାରଙ୍କ ପକ୍ଷରୁ ଜାତୀୟ ପୁରସ୍କାର ସହିତ ଅନେକ ପୁରସ୍କାର ମିଳିଛି । ଶ୍ରୀକାନ୍ତ କୁହନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରି ଦାରୁବ୍ରହ୍ମଙ୍କ ଚିତ୍ର ଆଙ୍କି ପୁରସ୍କୃତ ହେବା ମୋ ପାଇଁ ସୌଭାଗ୍ୟର କଥା । ମୋ ମତରେ ଚିତ୍ରକଳା ହେଉଛି ସମାଜ ପାଇଁ ଦର୍ପଣ ସଦୃଶ । ଏହାକୁ ନେଇ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ସହଜ । ତେଣୁ ଆଗାମୀ ଯୁବପିଢ଼ି ଏଥିପାଇଁ ଆଗଭର ହେବା ଉଚିତ ।



– ଭାସ୍କର ରାଉତରାୟ

# ଆଗାମୀ ଆଶା

## ଏ ସପ୍ତାହର ପ୍ରଶ୍ନ ?

୧– ହସ୍ତିନାପୁର ୱାଇଲ୍ଡଲାଇଫ୍ ସାଙ୍କ୍‌ଚୁଆରି ............ ରାଜ୍ୟରେ ଅବସ୍ଥିତ ?
୨– ଦି ମଡେଲ୍ ୟୁଥ୍ ଗ୍ରାମ ସଭା ........... ମନ୍ତ୍ରଣାଳୟଗୁଡିକର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି ?
୩– ଆଭାର ଅନ୍‌ଲାଇନ୍ ଷ୍ଟୋର ...... ପ୍ଲାଟ୍‌ଫର୍ମରେ ଶୁଭାରମ୍ଭ କରାଯାଇଛି ?
୪– ସ୍କ୍ରବ୍ ଟାଇଫସ୍ ରୋଗ ........... ବ୍ୟାକ୍ଟେରିଆ ଯୋଗୁ ହୋଇଥାଏ ?
୫– ହିଣ୍ଡନ୍ ନଦୀ ............. ନଦୀର ଉପନଦୀ ?

## ଗତ ଥରର ଉତ୍ତର

୧ ନାଗାଲାଣ୍ଡ
୨ ଇଟାଲୀ
୩ ସାଉଥ୍ କୋରିଆ
୪ ଅକ୍ଟୋବର ୩୧
୫ ଅରୁଣାଚଳ ପ୍ରଦେଶ

## ଉତ୍ତରଦାତା


କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର


ପ୍ରଭଞ୍ଜନ ପଲାଇ, କଟକ


ଶିବାଶିଷ ବେହେରା, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ସୁନ୍ଦରୀ ଅଭିନେତ୍ରୀ –୨୦୨୫



୧ . ମାର୍ଗଟ୍ ରବୀ........ ଅଷ୍ଟ୍ରେଲିଆ
୨. ଶାଇଲିନ୍ ଉଡ୍‌ଲୀ........ ଆମେରିକା
୩. ଦିଲ୍‌ରାବା ଦିଲ୍‌ମୁରାତ୍ .... ଚାଇନା
୪. ନ୍ୟାନ୍ସୀ ମ୍ୟାକ୍‌ଡୋନୀ..... ସାଉଥ୍ କୋରିଆ
୫. କ୍ରୀତି ସାନନ୍ ........ ଭାରତ
୬. ହାନିଆ ଆମିର ........ ପାକିସ୍ତାନ
୭. ଜୁଲିଆ ବଟର୍ସ ........ ଆମେରିକା
୮. ମ୍ୟାକିନ୍ନା ଗ୍ରେସ୍ ........ ଆମେରିକା
୯. କ୍ଲୋଇ ଗ୍ରେସ୍ ମୋରେଜ୍ ........ ଆମେରିକା
୧୦. ଆରିଏଲ୍ ୱିଣ୍ଟର ........ ଆମେରିକା

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ–ମେଲ୍ ଠିକଣା: dharitriagamiasha@gmail.com

## ଜାଣନ୍ତୁ ଦୁନିଆ

# ସାବୁନ୍‌ର ଇତିହାସ

ହାତ ଧୋଇବାଠୁ ଆରମ୍ଭ କରି ଗାଧୋଇବା, ଲୁଗା ଓ ବାସନ ସଫା କରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ପ୍ରକାରର ସାବୁନ୍‌ର ବ୍ୟବହାର କରାଯାଇଥାଏ। ହେଲେ କେବେ ଭାବିଛନ୍ତି ଏହି ସାବୁନ୍ ସର୍ବ ପ୍ରଥମେ କେବେ ଏବଂ କ'ଣ ପାଇଁ ତିଆରି ହୋଇଥିଲା। ଜାଣନ୍ତୁ ସାବୁନ୍‌ର ଇତିହାସ...

❖ସର୍ବପ୍ରଥମେ ଖ୍ରୀଷ୍ଟପୂର୍ବ ୨୮୦୦ରେ ବେବିଲୋନୀୟନମାନେ କାଠର ପାଉଁଶ ଏବଂ ପଶୁଙ୍କ ଚର୍ବିକୁ ମିଶାଇ ଏହାକୁ ସିଝାଇବା ପରେ ସାବୁନ୍ ପ୍ରସ୍ତୁତ କରିଥିଲେ । ଏହାକୁ ମୁଖ୍ୟତଃ ଲୁଗାସଫା କରିବା ଲାଗି ବ୍ୟବହାର କରାଯାଉଥିଲା । ତେଣୁ ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରୀଗୁଡିକରେ ଏହାକୁ ମୁଖ୍ୟତଃ ବ୍ୟବହାର କରାଯାଉଥିଲା ।

❖ଖ୍ରୀଷ୍ଟପୂର୍ବ ୧୫୫୦ରେ ମିଶରୀୟମାନେ ଆନିମଲ୍ ଏବଂ ଭେଜିଟେବଲ୍ ଅଏଲ୍‌କୁ ଆଲ୍‌କାଲାଇନ୍ ସଲ୍ଟ ସହ ମିଶାଇ ଆଲର୍ଜି ଭଳି ତ୍ୱଚା ସମ୍ବନ୍ଧିତ ସମସ୍ୟା ଦୂର କରିବା ଲାଗି ସାବୁନ୍ ପ୍ରସ୍ତୁତ କରିଥିଲେ ।

❖ସେହିପରି ଖ୍ରୀଷ୍ଟପୂର୍ବ ୬୦୦ରେ ଫୋଏନିସିଆନ୍‌ମାନେ ଉଦ୍ଭିଦର ପାଉଁଶ ଏବଂ ପ୍ରାଣୀର ଚର୍ବିକୁ ମିଶାଇ ସାବୁନ୍ ପ୍ରସ୍ତୁତ କରୁଥିଲେ ଯାହାକୁ ସାଇପୋ ବୋଲି କହୁଥିଲେ । ସେହି ଶବ୍ଦରୁ ଏହାର ନାମ ସୋପ୍ ଉଦ୍ଧୃତ ହୋଇଛି ।

❖କୁହାଯାଏ ରୋମାନ ସଭ୍ୟତା ସମୟରେ ରୋମାନ ଚିକିତ୍ସକ ଗ୍ୟାଲେନ୍ ୨ୟ ଶତାବ୍ଦୀରେ ବ୍ୟକ୍ତିଗତ ସ୍ୱଚ୍ଛତା ପାଇଁ ବିଶେଷ କରି ପ୍ଲେଗ୍ ଭଳି ରୋଗରୁ ସୁରକ୍ଷା ପାଇଁ ସାବୁନ ବ୍ୟବହାର ଆରମ୍ଭ କରିଥିଲେ । ୧୮ ଏବଂ ୧୯ ଶତାବ୍ଦୀ ବେଳକୁ ୟୁରୋପର ଇସ୍‌ଲାମ୍ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ସାବୁନ ବ୍ୟବହାର ବହୁମାତ୍ରାରେ ବୃଦ୍ଧିପାଇଲା, ଏମିତିକି ଅନେକ ସାବୁନ୍ ପ୍ରସ୍ତୁତି କାରଖାନା ମଧ୍ୟ ଖୋଲିଗଲା ।

❖ପରେ ଲିଭର ବ୍ରଦର୍ସର ସନ୍‌ଲାଇଟ୍ ସୋପ୍ ଭଳି ବ୍ରାଣ୍ଡ ଆରମ୍ଭ ହେବା ପରେ ସାବୁନ ବ୍ୟବହାର ଘରେ ଘରେ ବଢ଼ିବାରେ ଲାଗିଲା ।

❖୨୦ ଶତାବ୍ଦୀରେ ସିନ୍ଥେଟିକ୍ ଡିଟରଜେଣ୍ଟ ଉଦ୍ଭାବନ ପରେ ଏହା ପାରମ୍ପରିକ ସାବୁନ୍ ଅପେକ୍ଷା ସହଜରେ ଏବଂ କମ୍ ଖର୍ଚ୍ଚରେ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ହୋଇପାରିଲା ।

❖କ୍ରମଶଃ ସାବୁନ୍ ପ୍ରସ୍ତୁତିରେ ପରିବର୍ତ୍ତନ ଆସିଲା । ଏହାକୁ ଟ୍ୟାଲୋ ଭଳି ଆନିମଲ୍ ଫ୍ୟାଟ୍ କିମ୍ବା ଅଲିଭ୍ ଅଏଲ୍, କୋକୋନଟ୍ ଅଏଲ୍ ଭଳି ପ୍ଲାଣ୍ଟ ବେସ୍‌ଡ ଅଏଲ୍ ସହ ସୋଡିଅମ୍ ହାଇଡ୍ରୋକ୍ସାଇଡ୍ ଭଳି ଆଲ୍‌କାଲି ମିଶାଇ ପ୍ରସ୍ତୁତ କରାଗଲା ।

❖୧୮୯୮ରେ ଜନ୍ ପି. ମର୍ଫିଙ୍କ କମ୍ପାନୀ ପକ୍ଷରୁ ପ୍ରଥମ ଥର ପାଇଁ ଲିକ୍ୱିଡ୍ ସୋପ୍ ପ୍ରସ୍ତୁତ କରାଯାଇଥିଲା । ହେଲେ ୧୯୩୦ ପରେ ଏହା ଅଧିକ ମାତ୍ରାରେ ବ୍ୟବହାର କରାଗଲା ।



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ